ବର୍ଷ-୨୬, ସଂଖ୍ୟା-୨୬୯
ଭୁବନେଶ୍ୱର
ଅକ୍ଟୋବର, ୦୬, ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-26, Issue No. 269
Bhubaneswar
October, 06, 2026, Tuesday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଅତ୍ୟାଧୁନିକ 'କଳିଙ୍ଗ ଷ୍ଟୁଡିଓ'ର ଭବ୍ୟ ଲୋକାର୍ପଣ





### ସିନେମା ଐତିହ୍ୟ ସୁରକ୍ଷା ପାଇଁ କଳିଙ୍ଗ ଷ୍ଟୁଡିଓରେ ସ୍ୱତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମର ଶୁଭାରମ୍ଭ

### ମୌଳିକ କାହାଣୀ, ଲୋକକଥା ଓ ଇତିହାସକୁ ଆଧାର କରି ସିନେମା ନିର୍ମାଣ କରନ୍ତୁ ଯୁବପିଢ଼ି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୧୦(ମହାଭାରତ): ଓଡିଆ ସିନେମାର ଗୌରବଜ୍ଜ୍ୱଳ ଅତୀତକୁ ପୁନର୍ଜୀବିତ କରିବା ଏବଂ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜଧାନୀ ଭୁବନେଶ୍ୱରରେ ନବକଳେବର ପ୍ରାପ୍ତ ଅତ୍ୟାଧୁନିକ 'କଳିଙ୍ଗ ଷ୍ଟୁଡିଓ'ର ଆଜି ଭବ୍ୟ ଲୋକାର୍ପଣ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପୁନର୍ବିକଶିତ ଓ ନବୀକୃତ ବିଶ୍ୱସ୍ତରୀୟ ଷ୍ଟୁଡିଓକୁ ଲୋକାର୍ପିତ କରିଛନ୍ତି।

ଏହା ସହିତ ସିନେମା ଐତିହ୍ୟର ସୁରକ୍ଷା ପାଇଁ କଳିଙ୍ଗ ଷ୍ଟୁଡିଓରେ ନିର୍ମିତ ସ୍ୱତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମର ମଧ୍ୟ ଶୁଭାରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏଣିକି ଓଡିଆ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ବୈଷୟିକ କାର୍ଯ୍ୟ ପାଇଁ ଆଉ ଅନ୍ୟ ରାଜ୍ୟମୁହାଁ ହେବାକୁ ପଡିବ ନାହିଁ। ଏଥିରେ ଅନେକ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧ କରାଯାଇଛି। ଆଗାମୀ ଦିନରେ ଆହୁରି ଅନେକ ଅତ୍ୟାଧୁନିକ ସୁବିଧାର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅତ୍ୟାଧୁନିକ ସୁବିଧାରେ ସଜ୍ଜିତ ନୂତନ କଳିଙ୍ଗ ଷ୍ଟୁଡିଓ ବଦଳୁଥିବା ସମୟ ଏବଂ ଡିଜିଟାଲ୍ ଯୁଗର ଆବଶ୍ୟକତାକୁ ଆଖି ଆଗରେ ରଖି କଳିଙ୍ଗ ଷ୍ଟୁଡିଓକୁ ଏକ ସ୍ୱୟଂସମ୍ପୂର୍ଣ୍ଣ ଇକୋସିଷ୍ଟମ ଭାବେ ବିକଶିତ କରାଯାଇଛି। ଏଠାରେ ଇନ୍‌ଡୋର୍ ଶୁଟିଂ ଫ୍ଲୋର୍, ସ୍ନୋ-ହାଉସ୍, କ୍ରୋମା ଫ୍ଲୋରର୍, ଟେକ୍-ଜୋନ୍, ସାଉଣ୍ଡ ରେକର୍ଡିଂ, ଡବିଂ, ଏଡିଟିଂ ଏବଂ ପୋଷ୍ଟ-ପ୍ରଡକ୍ସନ୍ ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ଚଳଚ୍ଚିତ୍ର ଐତିହ୍ୟକୁ ସୁରକ୍ଷିତ ରଖିବା ପାଇଁ ଏକ ସ୍ୱତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମ ମଧ୍ୟ ସ୍ଥାପନ କରାଯାଇଛି, ଯେଉଁଠାରେ ପୁରୁଣା ଫିଲ୍ମ, ପୋଷ୍ଟର, ଫଟୋଗ୍ରାଫ୍ ଏବଂ ଐତିହାସିକ ଦଲିଲଗୁଡ଼ିକୁ ସଂରକ୍ଷିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କଳିଙ୍ଗ ଷ୍ଟୁଡିଓ ଏବଂ ଓଡିଆ ସିନେମାର ପୁରୁଣା ଇତିହାସକୁ ସ୍ମରଣ କରିଥିଲେ। ସେ କହିଥିଲେ ଯେ, ପଚାଶ ଓ ଷାଠିଏ ଦଶକରେ 'ମା', 'ଅମଡ଼ାବାଟ', 'ମାଟିର ମଣିଷ' ପରି କାଳଜୟୀ ଚଳଚ୍ଚିତ୍ରଗୁଡ଼ିକ ଓଡିଆ ସାହିତ୍ୟ ସହିତ ସିନେମାର ଏକ ଅନ୍ତରଙ୍ଗ ସମ୍ପର୍କ ସ୍ଥାପନ କରିଥିଲା। ଓଡିଶାରେ ସିନେମା ନିର୍ମାଣ କରିବା ପାଇଁ ୧୯୮୦ ମସିହାରେ କଳିଙ୍ଗ ଷ୍ଟୁଡିଓ ପ୍ରତିଷ୍ଠା ହୋଇଥିଲେ ମଧ୍ୟ, ସମୟକ୍ରମେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ପ୍ରଯୁକ୍ତିବିଦ୍ୟାରେ ଆସିଥିବା ଦ୍ରୁତ ପରିବର୍ତ୍ତନ କାରଣରୁ ଏହାର ନବୀକରଣ ଅନିବାର୍ଯ୍ୟ ହୋଇପଡିଥିଲା। ରାଜ୍ୟର ପ୍ରତିଭାବାନ ଯୁବପିଢ଼ିଙ୍କ ପ୍ରତି ଗଭୀର ଆଶା ପ୍ରକଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜିର ଯୁବବର୍ଗ ଅଭିନୟ, ନିର୍ଦ୍ଦେଶନା, ସିନେମାଟୋଗ୍ରାଫି, ଆନିମେସନ୍, ସାଉଣ୍ଡ ଡିଜାଇନ୍ ଏବଂ ଡିଜିଟାଲ୍ ପ୍ଲାଟଫର୍ମ ପାଇଁ କାହାଣୀ ଲେଖିବାରେ ବେଶ୍ ଆଗୁଆ ଅଛନ୍ତି। କଳିଙ୍ଗ ଷ୍ଟୁଡିଓ ସେମାନଙ୍କ ସ୍ୱପ୍ନକୁ ସାକାର କରିବାର ଏକ ପ୍ରମୁଖ ମାଧ୍ୟମ ପାଲଟିବ। ନିଜର ମୌଳିକ କାହାଣୀ, ଲୋକକଥା, ଇତିହାସ ଏବଂ ସାଂସ୍କୃତିକ ପୃଷ୍ଠଭୂମିକୁ ଆଧାର କରି ସିନେମା ନିର୍ମାଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏହି ଲୋକାର୍ପଣ ଅବସରରେ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହାର ରୂପାନ୍ତରଣ ଓ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ମତବ୍ୟକ୍ତ କରିଛନ୍ତି। ପୁନଃବିକଶିତ କଳିଙ୍ଗ ଷ୍ଟୁଡିଓକୁ ଏକ ଅତ୍ୟାଧୁନିକ ଫିଲ୍ମ ଷ୍ଟୁଡିଓ କମ୍ପ୍ଲେକ୍ସ ଭାବରେ ବିକଶିତ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। ଏଠାରେ ଚଳଚ୍ଚିତ୍ରର ପ୍ରଡକ୍ସନ୍ ଠାରୁ ଆରମ୍ଭ କରି ପୋଷ୍ଟ-ପ୍ରଡକ୍ସନ୍ ପର୍ଯ୍ୟନ୍ତ ସମସ୍ତ ଆବଶ୍ୟକତା ପୂରଣ କରିବାର ସୁବିଧା ରହିଛି। ଚଳଚ୍ଚିତ୍ର ଶିଳ୍ପ କେବଳ କେବଳ ମନୋରଞ୍ଜନର କ୍ଷେତ୍ର ନୁହେଁ, ବରଂ ଏହା ଏକ ବିଶାଳ ଆର୍ଥିକ ଇକୋସିଷ୍ଟମ୍ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଓଡିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ନୂତନ ଅଫିସିଆଲ୍ ପୋର୍ଟାଲକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉନ୍ମୋଚିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, କୋରେଇ ବିଧାୟକ ଆକାଶ ଦାସ ନାୟକ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ କଳିଙ୍ଗ ଷ୍ଟୁଡିଓର ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ନାଇଡୁ କମିଶନ ଫାଇଲ୍ ହଜିବା ଘଟଣା

## ୩ ଜଣଙ୍କ ବୟାନ ରେକର୍ଡ

ଭୁବନେଶ୍ୱର,୫।୧୦(ମହାଭାରତ): ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ମାମଲାର ତଦନ୍ତ କରିଥିବା ନାଇଡୁ କମିଶନ ଫାଇଲ୍ ଗୃହ ବିଭାଗ କାର୍ଯ୍ୟାଳୟରୁ ହଜିବା ଘଟଣାରେ କ୍ରାଇମବ୍ରାଞ୍ଚ ୩ ଜଣଙ୍କ ବୟାନ ରେକର୍ଡ କରିଛି । ଏହା ସହିତ କ୍ରାଇମବ୍ରାଞ୍ଚ ସ୍ପଷ୍ଟ କରିଛି ଫାଇଲ ଚୋରି ହୋଇଛି କିମ୍ବା ହଜିଛି ତାହା ତଦନ୍ତରୁ ଏଯାଏ ସ୍ପଷ୍ଟ ହୋଇ ନାହିଁ । ତେଣୁ ତଦନ୍ତ ଶେଷ ହୋଇନଥିବାରୁ ଏହାକୁ 'ଫାଇଲ୍ ଚୋରି' ବୋଲି କହିବା ଉଚିତ ହେବ ନାହିଁ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ୨୦୦୮ ମସିହାରେ ହୋଇଥିବା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ହୋଇଥିଲା । ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ମାମଲାରେ ବିଚାରପତି ଶରତ ଚନ୍ଦ୍ର ନାଇଡୁ ତଦନ୍ତ କରିଥିଲେ । ୨୦୧୬ ସେପ୍ଟେମ୍ବର ୧୯ ତାରିଖରେ ଏହାର ତଦନ୍ତ ରିପୋର୍ଟ ଗୃହ ବିଭାଗକୁ ହସ୍ତାନ୍ତର କରାଯାଇଥିଲା । ସେହିପରି ସମ୍ ହସ୍ପିଟାଲ୍ ଆର୍‌ଡିସି ତଦନ୍ତ ରିପୋର୍ଟ ମେ' ୨୩, ୨୦୧୮ରେ ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟକୁ ଦିଆଯାଇଥିବାବେଳେ ସେଠାରୁ ମେ' ୨୪, ୨୦୧୮ରେ ସିଏମ୍‌ଓକୁ ଯାଇଥିଲା। କିନ୍ତୁ ଏହି ଦୁଇଟି ଫାଇଲ୍ ବିର୍ତ୍ତମାନର ସରକାରଙ୍କୁ ମିଳୁ ନାହିଁ ।

# ଛାତ୍ର ସଂସଦ ନିର୍ବାଚନ ପାଇଁ ବାଜିଲା ବିଗୁଲ୍

ଭୁବନେଶ୍ୱର,୫।୧୦(ମହାଭାରତ): ପ୍ରାୟ ୮ବର୍ଷ ପରେ କଲେଜ କ୍ୟାମ୍ପସରେ 'ନିର୍ବାଚନ' ହେବ। ରାଜ୍ୟର ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ପାଇଁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଜି ଗାଇଡଲାଇନ୍ ଜାରି କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ସାଧାରଣ ଭାବେ ନିର୍ବାଚନ ଅନୁଷ୍ଠିତ ହେବ। ମାତ୍ର ଯେଉଁ ନିର୍ଦ୍ଦିଷ୍ଟ କଲେଜ ବା ବିଶ୍ୱବିଦ୍ୟାଳୟରେ ପରିସ୍ଥିତି ସ୍ୱାଭାବିକ ନଥିବ କିମ୍ବା

### ୭ରୁ ଲାଗୁ ହେବ ଆଚରଣ ବିଧି, ୧୫ରେ ଇଲେକ୍ସନ

### କଲେଜ ଅଶାନ୍ତ ଥିଲେ ହେବ 'ସିଲେକ୍ସନ'

ଛାତ୍ରସଂସଦ ନିର୍ବାଚନ ପାଇଁ ଅନୁକୂଳ ବାତାବରଣ ନଥିବ, ସେଠାରେ କର୍ତ୍ତୃପକ୍ଷ ଆବଶ୍ୟକସ୍ଥଳେ 'ଇଲେକ୍ସନ' ପରିବର୍ତ୍ତ 'ସିଲେକ୍ସନ' ବା ମନୋୟନ ପ୍ରକ୍ରିୟା ଆପଣାଇପାରିବେ। ଅକ୍ଟୋବର ୧୫ତାରିଖରେ ଛାତ୍ରସଂସଦ ନିର୍ବାଚନ ପାଇଁ ଆସନ୍ତା ୭ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା କ୍ଷଣି ସମସ୍ତ କ୍ୟାମ୍ପସରେ ଆଚରଣବିଧି କଡାକଡି ଭାବେ ଲାଗୁ ହେବ ଓ ଏହା ଅକ୍ଟୋବର ୧୬ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ୨୦୧୭ ମସିହାରେ ଶେଷଥର ପାଇଁ ଓଡିଶାରେ ଛାତ୍ରସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

ଆଜି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଛାତ୍ରସଂସଦ ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଜାରି ହେବା ସହ ରାଜ୍ୟର ସମସ୍ତ ସ୍ୱୟଂଶାସିତ, ସରକାରୀ ଓ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜ ସମେତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶାନ୍ତିପୂର୍ଣ୍ଣ ଓ ଅପରାଧମୁକ୍ତ ଛାତ୍ର ସଂସଦ ନିର୍ବାଚନ ପରିଚାଳନା ପାଇଁ ଉଚ୍ଚଶିକ୍ଷା ବିଭାଗ କଠୋର ଆଭିମୁଖ୍ୟ ଓ ନିୟମ ଗ୍ରହଣ କରିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଆଧାର କରି ଛାତ୍ର ରାଜନୀତିରୁ ରାଜନୈତିକ ଦଳଗୁଡିକର ହସ୍ତକ୍ଷେପକୁ ସମ୍ପୂର୍ଣ୍ଣ ଦୂରେଇ ରଖିବା ସହ କ୍ୟାମ୍ପସରେ କୌଣସି ବାହାର ବ୍ୟକ୍ତିଙ୍କ ପ୍ରବେଶ ଉପରେ କଡା ପ୍ରତିବନ୍ଧକ ଲଗାଯାଇଛି।



ଏହାସହିତ ଉଚ୍ଚଶିକ୍ଷା ବିଭାଗ ସ୍ପଷ୍ଟ କରିଛି ଯେ, ଯେଉଁ ନିର୍ଦ୍ଦିଷ୍ଟ କଲେଜ ବା ବିଶ୍ୱବିଦ୍ୟାଳୟର ପରିବେଶ ନିର୍ବାଚନ ପରିଚାଳନା ପାଇଁ ଅନୁକୂଳ ନଥିବ ଓ ପରିସ୍ଥିତି ଅତ୍ୟନ୍ତ ଗୁରୁତର ଥିବ, ସେଠାରେ ଷ୍ଟାଫ୍ କମିଟି କିମ୍ବା ପିଜି କାଉନସିଲର ଆକଳନ ଭିତ୍ତିରେ କର୍ତ୍ତୃପକ୍ଷ କେବଳ ସେହି ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନ ପାଇଁ ଛାତ୍ର ସଂସଦ ନିର୍ବାଚନ ବଦଳରେ ମନୋନୟନ ପ୍ରକ୍ରିୟା ଗ୍ରହଣ କରିପାରିବେ।

ଛାତ୍ରସଂସଦ ନିର୍ବାଚନ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଜି ଜାରି ଗାଇଡଲାଇନରେ ସୁପ୍ରିମକୋର୍ଟଙ୍କ ରାୟକୁ କଡାକଡି ପାଳନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। କେବଳ ସାମସ୍ ମାଧ୍ୟମରେ ନାମଲେଖାଇଥିବା ନିୟମିତ ରେଗୁଲାର ଛାତ୍ରଛାତ୍ରୀ ହିଁ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ଓ ଦୂରନିରନ୍ତର ଶିକ୍ଷା ତଥା ପିପିପି ମୋଡରେ ଥିବା ସେଲ୍ଫ ଫାଇନାନ୍ସି ଛାତ୍ରଛାତ୍ରୀଙ୍କୁ ଭୋଟ୍ ଦେବା କିମ୍ବା ନିର୍ବାଚନ ଲଢ଼ିବାରୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି।

ନିର୍ବାଚନ ଲଢ଼ିବା ପାଇଁ ଯୁକ୍ତ ତିନି ଡିଗ୍ରୀ ଛାତ୍ରଛାତ୍ରୀଙ୍କ ବୟସ ୧୭ରୁ ୨୨ ବର୍ଷ ଓ ପିଜି ଛାତ୍ରଛାତ୍ରୀଙ୍କ ବୟସ ସର୍ବାଧିକ ୨୫ ବର୍ଷ ହୋଇଥିବା ଜରୁରୀ। ଶ୍ରେଣୀଗୃହରେ ଅତିକମରେ ୭୫ ପ୍ରତିଶତ ଉପସ୍ଥାନ ରହିଥିବ ଓ ନିର୍ବାଚନ ଲଢ଼ୁଥିବା ବର୍ଷରେ କୌଣସି ଏକାଡେମିକ୍ ବ୍ୟାକ୍ ପେପର ନଥିବା ବାଧ୍ୟତାମୂଳକ କରାଯାଇଛି। ଜଣେ ପ୍ରାର୍ଥୀ କର୍ମକର୍ତ୍ତା ବା ଅଫିସ୍-ବିଅରର୍ ପଦ ପାଇଁ ଥରେ ଓ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ସର୍ବାଧିକ ଦୁଇଥର ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ପ୍ରାର୍ଥୀଙ୍କ ନାମରେ କୌଣସି ଅପରାଧିକ ରେକର୍ଡ, ବିଚାରାଧୀନ ମାମଲା କିମ୍ବା କଲେଜର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହୋଇନଥିବ। ପ୍ରାର୍ଥୀଙ୍କ ସମସ୍ତ ତଥ୍ୟ ଏଚଆଇଏମଏସ୍ ପୋର୍ଟାଲରେ ଏଣ୍ଟ୍ରି କରିବା ସହ ସରକାରଙ୍କ ଗାଇଡଲାଇନକକୁ କଡାକଡି ପାଳନ ପାଇଁ ସମସ୍ତ ଅଧ୍ୟକ୍ଷ ତଥା କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ଅର୍ଥବଳ ଓ କୁପ୍ରଚାର ଉପରେ କଟକଣା ଲଗାଇ ଜଣେ ପ୍ରାର୍ଥୀଙ୍କ ସର୍ବାଧିକ ଖର୍ଚ୍ଚ ସୀମା ୫ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଫଳାଫଳ ପ୍ରକାଶର ଦୁଇ ସପ୍ତାହ ଭିତରେ ପ୍ରାର୍ଥୀଙ୍କୁ ଖର୍ଚ୍ଚର ସତ୍ୟପାଠ ଦାଖଲ କରିବାକୁ ପଡିବ ଓ ତାହା ଦୁଇ ଦିନ ମଧ୍ୟରେ ଏଚଆଇଏମଏସ୍ ପୋର୍ଟାଲ ଜରିଆରେ ସାର୍ବଜନୀନ ହେବ। ପ୍ରଚାର ବେଳେ ପ୍ରିଣ୍ଟେଡ୍ ପୋଷ୍ଟର, ପାମ୍ପଲେଟ୍, ଲାଉଡସ୍ପିକର, ଗାଡି କିମ୍ବା ପଶୁଙ୍କ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି ଓ କେବଳ କର୍ତ୍ତୃପକ୍ଷ ସ୍ଥିର କରିଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ହାତତିଆରି ପୋଷ୍ଟର ଲଗାଇବାକୁ ଅନୁମତି ରହିଛି। ସୋସିଆଲ ମିଡିଆରେ ଅପଶବ୍ଦ ବ୍ୟବହାର, ବ୍ୟକ୍ତିଗତ ଆକ୍ଷେପ, ଜାତି ଓ ଧର୍ମଗତ ବିଭେଦ ସୃଷ୍ଟି କିମ୍ବା ଏଆଇ-ନିର୍ମିତ ମିଥ୍ୟା ସୂଚନା ପ୍ରସାରଣ ଉପରେ କଟକଣା ଲଗାଯାଇଛି। କ୍ୟାମ୍ପସ ସମ୍ପତ୍ତି ନଷ୍ଟ, ଶିକ୍ଷାଦାନରେ ବାଧା ସୃଷ୍ଟି କରୁଥିବା ଶୋଭାଯାତ୍ରା କିମ୍ବା କ୍ୟାମ୍ପସ ବାହାରେ ସଭାସମିତି କରିବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ନିର୍ବାଚନୀ ଆଚରଣବିଧି ବ୍ୟତୀତ ଭାରତୀୟ ନ୍ୟାୟ ସଂହିତା ୨୦୨୩ର ସମସ୍ତ ପ୍ରାସଙ୍ଗିକ ଧାରା ଏଠାରେ ସିଧାସଳଖ ଲାଗୁ ହେବ, ଯେଉଁଥିରେ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ସୃଷ୍ଟି ଓ ସଦ୍‌ଭାବନା ନଷ୍ଟ ସମ୍ପର୍କିତ ବିଏନଏସ୍ ଧାରା ୧୯୬ ଓ ନିର୍ବାଚନ ସମ୍ବନ୍ଧୀୟ ଅପରାଧ ସହ ଜଡିତ ଅଧ୍ୟାୟ ୯ର ଧାରା ୧୬୯ରୁ ୧୭୭ ପର୍ଯ୍ୟନ୍ତ ସମସ୍ତ ଆଇନଗତ ନିୟମ ସାମିଲ ରହିଛି। ଏଥିସହ କୌଣସି ଗୁରୁତର ତଥା ଅପରାଧିକ ଘଟଣା ଘଟିଲେ ୬ ଘଣ୍ଟା ମଧ୍ୟରେ ପୁଲିସ ନିକଟରେ ଏତଲା ଦେବାକୁ କଲେଜ କର୍ତ୍ତୃପକ୍ଷ ବାଧ୍ୟ ରହିବେ।

## ପ୍ଲେଗ୍ ରୋଗରେ ଗବେଷକଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୫।୧୦(ମହଭାରତ): ଚିନ୍ତା ବଢ଼ାଇଲା ମାରାତ୍ମକ ପ୍ଲେଗ। ଜଣେ ୨୮ ବର୍ଷୀୟ ଲ୍ୟାବ ଟେକ୍ନିସିଆନ ତଥା ଗବେଷକ ପ୍ଲେଗ ରୋଗରେ ହରାଇଛନ୍ତି ପ୍ରାଣ। ଏଥିଯୋଗୁ ୫ଟି ହସ୍ପିଟାଲକୁ ସଂପୂର୍ଣ୍ଣ ବନ୍ଦ କରି ଦିଆଯାଇଥିବା ବେଳେ ସଂଗରୋଧରେ ରହିଛନ୍ତି ଶତାଧିକ ଲୋକ। ପ୍ଲେଗ ରୋଗ ଦ୍ରୁତଗତିରେ ସଂକ୍ରମିତ ହେବାର ଆଶଙ୍କା ଥିବାରୁ ରୁଷ ସରକାର ଏପରି ପଦକ୍ଷେପ ନେଇଛନ୍ତି। ବିଶେଷ କରି ରୁଷର ଇରକୁଟସ୍କର ସିବେରିଆନ ରିଜନରେ ପ୍ଲେଗ ରୋଗ ସମସ୍ତଙ୍କ ନିଦ ହଜାଇ ଦେଇଛି। ଶେଲେଖୋଭରେ ଥିବା ପ୍ଲେଗ ନିରୋଧ ରିସର୍ଚ୍ଚ ସେଣ୍ଟରରେ ଟେକ୍ନିସିଆନ ଭାବେ କାମ କରୁଥିବା ୨୮ ବର୍ଷୀୟ ଡାରୟା ଶିପିଲୋଭାଙ୍କ ମୃତ୍ୟୁ ଘଟିଛି। ସେ ନିମୋନିକ ପ୍ଲେଗ ସଂସ୍ପର୍ଶରେ ଆସିଥିଲା। ଏହା ଅତ୍ୟନ୍ତ ସଂକ୍ରାମକ। ସେହିପରି ଠିକଣା ସମୟରେ ଚିକିତ୍ସା ନ କଲେ, ଏଥିଯୋଗୁ ମୃତ୍ୟୁ ମଧ୍ୟ ଘଟିଥିଲା। ଶିପିଲୋଭା ଲ୍ୟାବରେ କାମ କରୁଥିବା ବେଳେ ହଠାତ୍ ଗୋଟିଏ ଟେଷ୍ଟ ଟ୍ୟୁବ ଭାଙ୍ଗି ଯାଇଥିଲା। ଏଥିରେ ଜୀବନ୍ତ ବ୍ୟାକଟେରିଆ ରହିଥିଲା। ଟେଷ୍ଟ ପାଇଁ ଏହାକୁ ଟ୍ୟୁବ ଭିତରେ ରଖାଯାଇଥିବା ବେଳେ ଏପରି ଘଟଣା ଘଟିଥିଲା। ଟ୍ୟୁବ ଭାଙ୍ଗି ଯିବାରୁ ନିମୋନିକ ପ୍ଲେଗ ସଂସ୍ପର୍ଶରେ ଆସି ଯାଇଥିଲେ ଶିପିଲୋଭା।

## ଡେଇସେରୋଥ, ହେଗେମେନ ଏବଂ ନାଗେଲଙ୍କୁ ନୋବେଲ

ଷ୍ଟକହୋମ,୫।୧୦(ମହାଭାରତ): ଚଳିତ ବର୍ଷ ପାଇଁ ନୋବେଲ ପୁରସ୍କାର ଘୋଷଣା କରାଯାଇଛି । ସୋମବାର ଚିକିତ୍ସାରେ ତିନି ଜଣ ସ୍ନାୟୁ ବୈଜ୍ଞାନିକଙ୍କ ନାମ ନୋବେଲ ପୁରସ୍କାର ପାଇଁ ଘୋଷଣା ହୋଇଛି । କାର୍ଲ ଡେଇସେରୋଥ, ପୀଟର ହେଗେମେନ ଏବଂ ଜର୍ଜ ନାଗେଲଙ୍କୁ ଅପ୍‌ଟୋଜେନେଟିକ୍ସ କ୍ଷେତ୍ରରେ ସେମାନଙ୍କ ଅବଦାନ ପାଇଁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି । ଏହି ତିନିଜଣ ବୈଜ୍ଞାନିକ ମସ୍ତିଷ୍କର ବିଭିନ୍ନ ସ୍ନାୟୁ କୋଷର କାର୍ଯ୍ୟକଳାପକୁ ଚାଲୁ କିମ୍ବା ବନ୍ଦ କରିବା ପାଇଁ ଏକ ପ୍ରଣାଳୀ ଉପରେ କାର୍ଯ୍ୟ କରୁଥିଲେ । ଏମାନେ ଜର୍ମାନୀ ଏବଂ ଆମେରିକାର ବିଶ୍ୱବିଦ୍ୟାଳୟରେ କାମ କରୁଥିଲେ । ଉପରୋକ୍ତ ତିନି ବୈଜ୍ଞାନିକଙ୍କ ପ୍ରଶଂସାରେ ନୋବେଲ କମିଟି 'ଏକ୍ସ' (ଟ୍ୱିଟର) ରେ ଲେଖିଛି ଯେ, ମସ୍ତିଷ୍କର ରହସ୍ୟ ଉନ୍ମୋଚନ କରିବା ପାଇଁ ବର୍ତ୍ତମାନ ସମଗ୍ର ବିଶ୍ୱର ପରୀକ୍ଷାଗାରଗୁଡ଼ିକରେ ଏହି ପଦ୍ଧତି ବ୍ୟବହାର କରାଯାଉଛି । ନୋବେଲ ଆସେମ୍ବଲି ଉଲ୍ଲେଖ କରିଛି ଯେ ଡେଇସେରୋଥ୍ କାଲିଫର୍ଣ୍ଣିଆର ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରେ, ହେଗେମ୍ୟାନ୍ ବର୍ଲିନର ହମ୍ବୋଲ୍ଡ ବିଶ୍ୱବିଦ୍ୟାଳୟରେ ଏବଂ ନାଗେଲ୍ ଜର୍ମାନୀର ଓ୍ୱର୍ଜବର୍ଗ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି ।

## ୨୭ ଜଣ ବରିଷ୍ଠ ଓଏଏସ୍ ଅଧିକାରୀଙ୍କ ବଦଳି

ଭୁବନେଶ୍ୱର: ରାଜ୍ୟ ସରକାର ଆଜି (ସୋମବାର) ବରିଷ୍ଠ ଓଏଏସ୍ ଅଧିକାରୀସ୍ତରରେ ବଡଧରଣର ଅଦଳବଦଳ କରିଛନ୍ତି। ଗୋଟିଏ ଦିନରେ ୨୭ଜଣ ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ବଦଳି କରାଯାଇଛି।

ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କ କାର୍ଯ୍ୟାଳୟର ଅତିରିକ୍ତ କମିସନର ଶୁଭାଶିଷ ମାନସିଂହଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି। ସେହିପରି ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ବିବେକାନନ୍ଦ ସାହୁଙ୍କୁ ରାଜସ୍ୱ ପର୍ଷଦ ସଦସ୍ୟଙ୍କ ଅଧୀନସ୍ଥ ଅତିରିକ୍ତ ସଂଶୋଧନ ଅଦାଲତ, ଭୁବନେଶ୍ୱରର ଅତିରିକ୍ତ କମିସନର, ଯାଜପୁର ଡେପୁଟି କଲେକ୍ଟର ବାସୁଦେବ ନାୟକଙ୍କୁ କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କ କାର୍ଯ୍ୟାଳୟର ଅତିରିକ୍ତ କମିସନର (ବନ୍ଦୋବସ୍ତ ଓ ଚକବନ୍ଦୀ), ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ସଚିବ, ରାଜସ୍ୱ ପର୍ଷଦ ସଦସ୍ୟଙ୍କ ଅଧୀନସ୍ଥ ଅତିରିକ୍ତ ସଂଶୋଧନ ଅଦାଲତ, ଭୁବନେଶ୍ୱରର ଅତିରିକ୍ତ କମିସନର ଆଶୁତୋଷ ସାମଲଙ୍କୁ ଓଡିଶା ମାନବାଧିକାର ଆୟୋଗ ସଚିବ, ପର୍ଯ୍ୟଟନ ବିଭାଗ ଅତିରିକ୍ତ ସଚିବ ସରୋଜ କୁମାର ସ୍ୱାଇଁଙ୍କୁ କଟକ ଉନ୍ନୟନ କର୍ତ୍ତୃପକ୍ଷ ସଚିବ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧାର ବେହେରାଙ୍କୁ ଅନୁଗୋଳର ଅତିରିକ୍ତ ଜିଲ୍ଲାପାଳ, ବଣାଇଗଡର ପୂର୍ବତନ ଉପଜିଲ୍ଲାପାଳ ଅଶୋକ କୁମାର ଦାସଙ୍କୁ ଉଚ୍ଚଶିକ୍ଷା ବିଭାଗର ଉପସଚିବ, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କୁ ପର୍ଯ୍ୟଟନ ବିଭାଗର ଉପସଚିବ, ପାରଳାଖେମୁଣ୍ଡି ପୂର୍ବତନ ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କୁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପସଚିବ ଭାବେ ବଦଳି କରାଯାଇଛି।

# ଫର୍ମ-୬ ପରିବର୍ତ୍ତନ ପାଇଁ ଅନୁମତି ଦେଇନାହାଁନ୍ତି ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୫।୧୦(ମହାଭାରତ) ଭାରତର ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାରଙ୍କ ବିରୋଧରେ ଆସିଥିବା ଯାଚିକାର ମାନ୍ୟବର ସର୍ବୋଚ୍ଚ ଅଦାଲତ ସୋମବାର ଶୁଣାଣି କରିଛନ୍ତି । ନୂତନ ମତଦାତାଙ୍କ ନାମ ପଞ୍ଜିକରଣ ପାଇଁ ବ୍ୟବହାର ହେଉଥିବା ଫର୍ମ-୬କୁ ପରିବର୍ତ୍ତନ ପାଇଁ ସୁପ୍ରିମକୋର୍ଟ ଅନୁମତି ଦେଇନଥିବା ସ୍ପଷ୍ଟ କରିଛନ୍ତି । ଏହା ସହିତ ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବାକୁ ଆସିଥିବା ଯାଚିକାକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି ।

ପ୍ରଧାନ ନ୍ୟାୟାଧୀଶ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ବିଚାରପତି ଜୟମାଲା ବାଗଚୀ ଏବଂ ବି ମୋହନାଙ୍କୁ ନେଇ ଗଠିତ ତିନି ଜଣିଆ ଖଣ୍ଡପୀଠ ଏସ୍‌ଆଇଆର୍ ପ୍ରକ୍ରିୟା ଏବଂ ଜ୍ଞାନେଶ କୁମାରଙ୍କୁ ନିଲମ୍ବିତ କରିବାକୁ ଆସିଥିବା ଆବେଦନର ଶୁଣାଣି କରିଛନ୍ତି । ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ ଫର୍ମ-୬ରେ ହୋଇଥିବା ପରିବର୍ତ୍ତନକୁ ସୁପ୍ରିମକୋର୍ଟ ମଞ୍ଜୁରି ପ୍ରଦାନ କରିନାହାଁନ୍ତି । ତାହାହେଲେ କାହା ନିର୍ଦ୍ଦେଶରେ ଫର୍ମ-୬ରେ ପରିବର୍ତ୍ତନ କରାଯାଇଛି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି । ଏହା ଉପରେ ଜବାବ ଦାଖଲ କରିବାକୁ ମାନ୍ୟବର ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୟରେ ବରିଷ୍ଠ ଆଇନଜୀବୀ ମେନକା ଗୋସ୍ୱାମୀ ଏବଂ ପ୍ରଧାନ ବିଚାରପତିଙ୍କ ମଧ୍ୟରେ ଯୁକ୍ତି ହୋଇଥିଲା ।



ଆଇନଜୀବୀ ମେନକା ଗୁରୁସ୍ୱାମୀ କହିଥିଲେ ଯେ, ଏହା ଏକ ଜାତୀୟ ସଂସ୍ଥା ଭାବରେ ନିର୍ବାଚନ ଆୟୋଗର କାର୍ଯ୍ୟଶୈଳୀ ସହ ଜଡ଼ିତ । ସେ ମୁଖ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇ ନିଜ ଯୁକ୍ତିରେ ଅଟଳ ରହି କହିଥିଲେ, 'ଆମେ ଏହି ଦେଶରେ ମୁକ୍ତ ଓ ନିରପେକ୍ଷ ନିର୍ବାଚନର ପରିବେଶ ମଧ୍ୟରେ ବଡ଼ ହୋଇଛୁ; କିନ୍ତୁ ଆଜି ସେଭଳି ପରିସ୍ଥିତି ନାହିଁ।' ଯାହାର ଜବାବରେ ସିଜେଆଇ କହିଥିଲେ ଯେ ଆମେ ମଧ୍ୟ ଭଲ ଭାବେ ପ୍ରସ୍ତୁତ ହୋଇ ଆସିଛୁ ଏବଂ ଏ ସମ୍ବନ୍ଧରେ ଜ୍ଞାତ ଅଛୁ । ଆଇନଜୀବୀ ଗୋସ୍ୱାମୀ ପୁଣି ଦିଲ୍ଲୀ ଏସ୍‌ଆଇଆର୍ ପ୍ରକ୍ରିୟାର ଉଦାହରଣ ଦେଇଥିଲେ ଯେ ଯେଉଁଥିରେ ଫର୍ମ-୬ରେ ଦୁଇଟି ନୂତନ ସର୍ତ୍ତାବଳୀ ଯୋଡ଼ାଯାଇଥିଲା ଏବଂ ତାହାକୁ ଜାରି କରାଯାଇଥିଲା । ଯାହାର ଜବାବରେ ସିଜେଆଇ ସୂର୍ଯ୍ୟକାନ୍ତ ସ୍ପଷ୍ଟ କରିଥିଲେ ଯେ ସୁପ୍ରିମକୋର୍ଟ କୌଣସି ଫର୍ମର ପରିବର୍ତ୍ତନ ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ କରିନାହାଁନ୍ତି । ଯେଉଁଥିପାଇଁ ସିଜେଆଇ ଭାରତୀୟ ନିର୍ବାଚନ ଆୟୋଗଙ୍କ ରେକର୍ଡ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ଦ୍ୱାରା ସ୍ପଷ୍ଟ ହେବେ ଜ୍ଞାନେଶ ନିଜେ ଏହି ନିଷ୍ପତି ନେଇଛନ୍ତି ନା ବହୁମତ କିମ୍ବା ସର୍ବସମ୍ମତି କ୍ରମେ ଫର୍ମ-୬ରେ ପରିବର୍ତ୍ତନ କରିଛନ୍ତି । ଆଇନଜୀବୀ ଗୋସ୍ୱାମୀ ଆହୁରି ଆଗକୁ ବଢ଼ି ଯୁକ୍ତି ରଖିଥିଲେ ଯେ ଦିଲ୍ଲୀରେ ୩୦ ଲକ୍ଷ ଏବଂ ପଶ୍ଚିମବଙ୍ଗରେ ୯୦ ଲକ୍ଷ ଭୋଟର ଏସ୍‌ଆଇଆର୍ ପ୍ରକ୍ରିୟାରେ ପ୍ରଭାବିତ ହୋଇଛନ୍ତି । ଯାହା ଏକ ଜାତୀୟ କାର୍ଯ୍ୟଶୈଳୀ ସହିତ ଜଡ଼ିତ । ସିଜେଆଇ ସୂର୍ଯ୍ୟକାନ୍ତ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଉତ୍ତର ଦେଇଥିଲେ ଯଦି ଏହା ବେଆଇନ ବୋଲି ପ୍ରମାଣିତ ହୁଏ ତେବେ ଏହାର ପରିଣାମ ମଧ୍ୟ ଭୋଗିବାକୁ ପଡ଼ିବ ।

ଏହା ସହିତ ପାଟନା ବାସିନ୍ଦା ରାକେଶ କୁମାରଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଜ୍ଞାନେଶ କୁମାରଙ୍କୁ ନିଲମ୍ବିତ କରିବାକୁ ଆସିଥିବା ଯାଚିକା ଉପରେ ଅନ୍ତରୀଣ ଆଦେଶ ଜାରି କରିବାକୁ ମନା କରିଛନ୍ତି । ଜ୍ଞାନେଶ କୁମାର ନିଜ ଶକ୍ତିର ଦୁରୁପଯୋଗ କରି ଏକତରଫା ନିଷ୍ପତି ନେଇଥିବା ସେ ଅଭିଯୋଗ କରିଥିଲେ । ଖଣ୍ଡପୀଠ ଜାଣିବାକୁ ଚାହିଁଛନ୍ତି, ଜ୍ଞାନେଶ କୁମାର ଏକତରଫା ନିଷ୍ପତି ନେଇଥିଲେ ନାଁ ଅନ୍ୟ ଦୁଇ ଜଣ ନିର୍ବାଚନ ଅଧିକାରୀଙ୍କ ସମ୍ମତି ନେଇଥିଲେ ଯଦି ବହୁମତରେ ନିଷ୍ପତି ହୋଇନଥିବ ତେବେ ତାଙ୍କ ନିଷ୍ପତିକୁ ରଦ୍ଦ କରାଯିବ । ଆବେଦନକାରୀଙ୍କ ଓକିଲ ବିକାଶ ସିଂହ ମାନ୍ୟବର ଅଦାଲତଙ୍କୁ ସ୍ପଷ୍ଟ କରିଛନ୍ତି, ନିର୍ବାଚନ ଆୟୋଗ ପ୍ରେସ ବିବୃତ୍ତି ଜାରି କରିଛନ୍ତି ଏବଂ ଖବରକାଗଜରେ ପ୍ରକାଶ ପାଇଥିବା ରିପୋର୍ଟକୁ ମଧ୍ୟ ସେ ଖଣ୍ଡନ କରି ନାହାଁନ୍ତି ।

## ମନ୍ଦ କର୍ମର ଫଳ ମନ୍ଦ

ସହରର ଏକ ନିକାଞ୍ଚନ କ୍ଷେତ୍ରରେ ଜଣେ ଭିକ୍ଷୁ ରହୁଥିଲେ । ସେ ପ୍ରତିଦିନ ଭିକ ମାଗି ଆଣୁଥିଲେ ଏବଂ ଘରେ ରଖିବା ପରେ କହୁଥିଲେ, "ଖରାପ କାମ କଲେ ଖରାପ ଫଳ ମିଳିବ, ଭଲ କାମ କଲେ ଭଲ ଫଳ ମିଳିବ ।" ଏହାପରେ ଖାଉଥିଲେ। ସେହି ସହରରେ ଜଣେ ବୃଦ୍ଧ ମହିଳା ରହୁଥିଲେ । ତାଙ୍କର ଚିନ୍ତାଧାରା ସେତେ ଭଲ ନଥିଲା । ଦିନେ ସେ ଭିକ୍ଷୁଙ୍କୁ କହିଲେ, ତୁମେ କ'ଣ ଭାବୁଛ । ତୁମେ ଯେମିତି କହୁଛ କ'ଣ ସେମିତି ଘଟିଥାଏ । ଭିକ୍ଷୁ କହିଲେ, ହଁ ! ତଥାଗତ ବୁଦ୍ଧ ମଧ୍ୟ ଏହା କହିଛନ୍ତି । ବୃଦ୍ଧ ମହିଳା ତାଙ୍କ କଥା ଶୁଣି ଅସନ୍ତୁଷ୍ଟ ହେଲେ । ସେ ପରଦିନ ଖରାପ କାମ କରିବା ଲାଗି ପ୍ରୟାସ କଲେ ।

ସେ ବିଷମିଶ୍ରିତ ମିଠେଇ ସେହି ଭିକ୍ଷୁଙ୍କୁ ପ୍ରଦାନ କଲେ । ଭିକ୍ଷୁ ସେହି ମିଠେଇ ନେଇ ଘରକୁ ଫେରିଲେ । ରାତି ହୋଇସାରିଥିଲା । ଏହି ସମୟରେ ଘର ବାହାରେ ଜଣେ ଯାତ୍ରୀ ଡାକ ପକାଇଲେ । ସେ ନିଜ ଯାତ୍ରା କଥା କହିଲେ । ଭିକ୍ଷୁ ସେହି ମିଠେଇ ଏବଂ ପାଣି ତାଙ୍କୁ ପିଇବାକୁ ଦେଲେ । ମିଠେଇ ଖାଇବା ପରେ ସେହି ଯାତ୍ରୀ ମୃତ୍ୟୁବରଣ କଲେ । ଏହି କଥା ରାଜାଙ୍କ ସୈନିକମାନେ ଜାଣିବା ପରେ ଭିକ୍ଷୁଙ୍କୁ ବନ୍ଦୀ କରିନେଲେ । ରାସ୍ତାରେ ସେ ବୃଦ୍ଧ ମହିଳାଙ୍କୁ ଭେଟିଲେ । ସେ ଭିକ୍ଷୁଙ୍କ କଟାକ୍ଷ କଲେ । କିନ୍ତୁ ଭିକ୍ଷୁ କିଛି କହିଲେ ନାହିଁ । ସେହି ଯାତ୍ରୀଙ୍କ ପରିଚୟ ଜାଣିବା ଲାଗି ଯାଞ୍ଚ ହେବାରୁ ଜଣାପଡ଼ିଲା ଯେ ମୃତକ ଜଣକ ଉକ୍ତ ନଗରୀର ବାସିନ୍ଦା । ବୃଦ୍ଧ ମହିଳା ତା'କୁ ଦେଖିବା ଲାଗି ଆସିଲେ । ଯାତ୍ରୀଙ୍କ ଶବ ଦେଖିବା କ୍ଷଣି ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା । କାରଣ ସେହି ମୃତ ଯାତ୍ରୀ ଜଣକ ତାଙ୍କର ପୁତ୍ର ଥିଲେ । ଏତିକିବେଳେ ତାଙ୍କର ଭିକ୍ଷୁଙ୍କ କଥା ମନେ ପଡ଼ିଲା ଏବଂ ସେ ସବୁ ସତକଥା ସିପାହୀଙ୍କୁ କହିଲେ । ସିପାହୀ ସେହି ବୃଦ୍ଧ ମହିଳାଙ୍କୁ ବନ୍ଦୀ କରିନେଲେ ଏବଂ ଭିକ୍ଷୁଙ୍କୁ ମୁକ୍ତ କରିଦେଲେ ।

## ମହାପ୍ରଭୁଙ୍କର ସବୁଠୁ ପ୍ରୀତିପଦ ସ୍ଥାନ 'ଗୁଣ୍ଡିଚ୍ଚା ବାଡ଼ି'

ମହାପ୍ରଭୁଙ୍କର ସବୁଠୁ ପ୍ରୀତିପଦ ସ୍ଥାନ 'ଗୁଣ୍ଡିଚ୍ଚା ବାଡ଼ି'। ଚତୁର୍ଦ୍ଧା ବିଗ୍ରହ ଗୁଣ୍ଡିଚ୍ଚା ମନ୍ଦିରରେ ଆର୍ବିଭାବ ହୋଇଥିବାରୁ ଏହା ଜନ୍ମସ୍ଥାନ ବୋଲି କଥିତ ରହିଛି। ତେଣୁ ମହାପ୍ରଭୁ ଗୁଣ୍ଡିଚ୍ଚା ଯାତ୍ରାରେ ଏଠାକୁ ନଅ ଦିନ ବ୍ୟାପୀ ଯାତ୍ରାରେ ଆସନ୍ତି। ରାଜର୍ଷି ତଥା ମିଥିଳାପୁରର ରାଜା ଜନକ ଏହିଠାରେ ଯଜ୍ଞ କରି ଦେବୀ ସୀତାଙ୍କୁ କନ୍ୟା ରୂପରେ ପାଇଥିବା ନେଇ ଅବତାରଣା କରାଯାଇଛି। ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାଶ କ୍ଷେତ୍ରର ପ୍ରାଚୀନତା ସମ୍ପର୍କରେ ତାଙ୍କ ପୁସ୍ତକରେ ବାଲ୍ମିକୀ ରାମାୟଣର ଆଦ୍ୟକାଣ୍ଡର ବର୍ଣ୍ଣନା ମତେ ଏହି ଯଜ୍ଞ ଭୂମିକୁ ରାଜା ଜନକଙ୍କ ଯଜ୍ଞସ୍ଥଳ ଭାବେ ଅଭିହିତ କରିଛନ୍ତି।ଗୁଣ୍ଡିଚ୍ଚା ମନ୍ଦିର ପ୍ରତିଷ୍ଠା ନେଇ ଭିନ୍ନ ମତ ରହିଛି। ପ୍ରାବନ୍ଧିକ ଗେରୀ କୁମାର ବ୍ରହ୍ମା ତାଙ୍କ ରଚିତ 'ଶ୍ରୀକ୍ଷେତ୍ର ଭ୍ରମଣ' ପୁସ୍ତକରେ ଏହାର କିଂବଦନ୍ତି ବାଛିଛନ୍ତି। ଅବନ୍ତୀ ରାଜା ଇନ୍ଦ୍ରଦ୍ୟୁମ୍ନ ବିଷ୍ଣୁଙ୍କୁ ପ୍ରାର୍ଥନା କରିବାରୁ ତାଙ୍କୁ ସ୍ୱପ୍ନରେ ଆଦେଶ ହେଲା, ତୁମେ ଯାଇ ଚକ୍ରତୀର୍ଥ ନିକଟ ସମୁଦ୍ରକୂଳରେ ଛିଡ଼ା ହେବ। ସେଠାରେ ଏକ କାଠଖଣ୍ଡ ଭାସି ଆସୁଥିବା ଦେଖିବା ପରେ ତାକୁ ଆଣି ସେଥିରେ ମୋର ମୂର୍ତ୍ତି ତିଆରି



କରି ପୂଜା କରିବ। ରାଜା ସ୍ୱପ୍ନାଦେଶ ପୂର୍ବକ ସେୟା କଲେ। ତେବେ ବିଗ୍ରହ ର୍ନିମାଣ ପାଇଁ ବଢେଇମାନଙ୍କୁ କୁହାଯିବାରୁ ସେମାନେ କହିଲେ, ଆମେ ତ ବିଷ୍ଣୁଙ୍କୁ ଦେଖିନାହୁଁ, ତାଙ୍କ ମୂର୍ତ୍ତି କେମିତି ଗିବ। ଘରିଆଡ଼େ ଏନେଇ ଭାଳେଣି ପଡ଼ିଗଲା।ଦିନେ ଜଣେ ବଢେଇ ଆସି କହିଲେ, ମୁଁ ବିଷ୍ଣୁଙ୍କୁ ଦେଖିଛି। ତାଙ୍କ ମୂର୍ତ୍ତି ମୁଁ ତିଆରି କରିବି। କିନ୍ତୁ ଗୋଟିଏ ଘରେ କବାଟ ଝରକା ସବୁ ବନ୍ଦ ହୋଇ ରହିବ। ତା' ଭିତରେ ମୁଁ ମୂର୍ତ୍ତି ତିଆରି କରିବି। ୨୧ ଦିନ ପର୍ଯ୍ୟନ୍ତ ସେ ଘରର ଝରକା କବାଟ କେହି ଖୋଲିବ ନାହିଁ। ତାହା ହିଁ ହେଲା। କାମ ଚାଲିଲା। କିନ୍ତୁ ଇନ୍ଦ୍ରଦ୍ୟୁମ୍ନ ରାଜାଙ୍କ ରାଣୀ ଭାରି ଦୟାବତୀ ଥିଲେ। ସେ ଭାବିଲେ, କାଳେ ଉକ୍ତ ବଢ଼େଇ ଜଣକ ବନ୍ଦ ଘର ଭିତରେ ରୁନ୍ଧି ହୋଇ ମରିଯିବେ। ତେଣୁ କ□ ପୂରିବା ପୂର୍ବରୁ କବାଟ ଖୋଲି ଦେବାକୁ କହିଲେ। କବାଟ ଖୋଲାଗଲା। କିନ୍ତୁ ଘର ଭିତରେ ବଢ଼େଇକୁ କେହି ପାଇଲେ ନାହିଁ। ବଢ଼େଇ ରୂପରେ ଯେ ସ୍ୱୟଂ ମହାପ୍ରଭୁ ଆସିଥିଲେ, ଏକଥା ବୁଝିସାରିଥିଲେ। ତିନି ବିଗ୍ରହ ଅପୂର୍ଣ୍ଣ ଅବସ୍ଥାରେ ଥିବା ଦେଖିବାକୁ ପାଇଲେ। ରାଜା ଗୋଟିଏ ବେଦି ଓ ଛୋଟ ମନ୍ଦିରଟିଏ ର୍ନିମାଣ କରି ତିନି ବିଗ୍ରହଙ୍କୁ ପୂଜା କଲେ। ସେଇଠାରେ ଆର୍ବିଭାବ ହୋଇଥିବା ଯୋଗୁଁ ଗୁଣ୍ଡିଚ୍ଚା ଘରକୁ ଜଗନ୍ନାଥଙ୍କର ଜନ୍ମସ୍ଥାନ ଭାବେ ବିବେଚନା କରାଯାଉଛି।ବ୍ରହ୍ମପୁରାଣର ଲେଖା ମୁତାବକ, ଗୁଣ୍ଡିଚ୍ଚା ହେଉଛି ଗତିମୁକ୍ତି ଫଳପ୍ରଦା। କିଂବଦନ୍ତି ମୁତାବକ, ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କର ପାଟମହିଷୀ ଗୁଣ୍ଡିଚ୍ଚା ଦେବୀଙ୍କ ଅନୁରୋଧ କ୍ରମେ ଗୁଣ୍ଡିଚ୍ଚା ଯାତ୍ରା ପ୍ରଚଳିତ ହୋଇଥିଲା। ସ୍ୱୟଂ ମହାପ୍ରଭୁ ଜଗନ୍ନାଥ ଗୁଣ୍ଡିଚ୍ଚା ରାଣୀଙ୍କୁ ଦର୍ଶନ ଦେବା ପାଇଁ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଏହି ଯାତ୍ରା କରନ୍ତି। ଗବେଷକ ଗୟାଚନ୍ଦ ତ୍ରିପାଠୀଙ୍କ ଏହି ଆଧାରରେ କହିଛନ୍ତି, ଇନ୍ଦ୍ରଦ୍ୟୁମ୍ନଙ୍କ ମହାରାଣୀଙ୍କ ନାମ ଗୁଣ୍ଡିଚ୍ଚା ହୋଇଥିବାରୁ ଏହି ଯାତ୍ରା ତାଙ୍କ ନାମରେ ଅଭିହିତ ହୋଇଛି। ଡ. ହରିହର କାନୁନଗୋଙ୍କ ପ୍ରବନ୍ଧ ମୁତାବକ, ଚୋଡ଼ଗଙ୍ଗ ଦେବଙ୍କ ସମୟରେ ଗୁଣ୍ଡିଚ୍ଚା ମଣ୍ଡପକୁ ପୁରୁଷୋତ୍ତମଙ୍କୁ ସ୍ଥାନାନ୍ତରିତ କରାଗଲା। ବର୍ତ୍ତମାନ ସେଇ ସ୍ଥାନାନ୍ତରଣ ଯାତ୍ରାର ସ୍ମୃତିକୁ ଗୁଣ୍ଡିଚ୍ଚା ଯାତ୍ରା କୁହାଯାଉଛି।



## ଶିବ ପୁରାଣ

ଭଗବାନ ଶଙ୍କରଙ୍କ ବିଷୟରେ ବର୍ଣ୍ଣନା ଥିବା ଅନେକ ଧର୍ମଗ୍ରନ୍ଥ ପ୍ରଚଳିତ ରହିଛି । ତେବେ ଶିବପୁରାଣକୁ ଅଧିକ ପ୍ରାମାଣିକ ବୋଲି ବିବେଚନା କରାଯାଇଥାଏ । ଏଥିରେ ଦେବ ଦେବ ମହାଦେବଙ୍କ ଅପାର ଲୀଳା ସମ୍ବନ୍ଧରେ ଚମତ୍କାରୀ ବର୍ଣ୍ଣନା ରହିଛି । ଶିବ ପୁରାଣକୁ ଶୈବ ସମ୍ପ୍ରଦାୟର ଅତି ପୂଜନୀୟ ଗ୍ରନ୍ଥ ଭାବେ ବିବେଚନା କରାଯାଇଥାଏ । ଏଥିରେ ଭଗବାନ ଶିବଙ୍କ କଲ୍ୟାଣକାରୀ ରୂପ ସମ୍ପର୍କରେ ବର୍ଣ୍ଣନା ରହିଛି । ଶିବ ପୁରାଣରେ ମୋଟ୍ ୨୪ ହଜାର ଶ୍ଳୋକ ଥିବା ବେଳେ ଏହାକୁ ୭ଟି ସଂହିତାରେ ଭାଗ ଭାଗ କରାଯାଇଛି । ଏହି ସଂହିତାଗୁଡ଼ିକ ହେଉଛି ବିଦ୍ୟେଶ୍ୱର ସଂହିତା, ରୁଦ୍ର ସଂହିତା, ଶତରୁଦ୍ର ସଂହିତା, କୋଟିରୁଦ୍ର ସଂହିତା, ଉମା ସଂହିତା, କୈଳାଶ ସଂହିତା, ବାୟବୀୟ ସଂହିତା । ଏହି ସଂହିତା




ମଧ୍ୟରୁ ରୁଦ୍ର ସଂହିତାକୁ ପାଞ୍ଚ ଖଣ୍ଡରେ ବିଭକ୍ତ କରାଯାଇଥିବା ବେଳେ ବାୟବୀୟ ସଂହିତାକୁ ଦୁଇ ଖଣ୍ଡରେ ବିଭକ୍ତ କରାଯାଇଛି ।

## ଉପକାରୀ ପାନମହୁରୀ

ବର୍ତ୍ତମାନ ସମୟରେ ଓଜନ ହ୍ରାସ କରିବା ଅତ୍ୟନ୍ତ କଷ୍ଟକର । କାରଣ ଅଫିସରେ ବସି କାମ କରିବା ମଧ୍ୟରେ, ଆପଣଙ୍କୁ ବ୍ୟାୟାମ ବା ଯୋଗ ପାଇଁ ସମୟ ବାହାର କରିବାକୁ ପଡ଼ିବ । ତେବେ ଚାଲିବାର ଅଭ୍ୟାସ ସଂପୂର୍ଣ୍ଣ ହ୍ରାସ ହୋଇଯାଇଛି । କାହିଁକି ନା ବସି ବସି ଜଙ୍କ ଫୁଡ ଖାଇବାର ଅଭ୍ୟାସ ଏମିତି ବଢ଼ିଗଲାଣି ଯେ ଏଭଳି ପରିସ୍ଥିତିରେ ମୋଟାପା ହ୍ରାସ କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି। ଲୋକଙ୍କ ଓଜନ ଆହୁରି ବୃଦ୍ଧି ପାଇଛି । ଘରୁ କାମ କରୁଥିବା ଲୋକଙ୍କ ଶାରୀରିକ କାର୍ଯ୍ୟକଳାପ ଉପରେ ସଂପୂର୍ଣ୍ଣ ମାତ୍ରାରେ



ହ୍ରାସ ପାଇବାରେ ଲାଗିଛି । ଓଜନ ବଢ଼ିବା ସହିତ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖିବାକୁ ମିଳୁଛି । ଲୋକଙ୍କଠାରେ ହୃଦ୍‌ଘାତ, ଉଚ୍ଚ ରକ୍ତଚାପ, ମଧୁମେହ ଭଳି ରୋଗ ବୃଦ୍ଧି ପାଇବାରେ ଲାଗିଛି। ତଥାପି, ଯଦି ନିଜ ଖାଦ୍ୟର ଟିକିଏ ଯତ୍ନ ନିଆଯାଏ ତାହାଲେ, ମେଦବହୁଳତା ହ୍ରାସ କରାଯାଇ ପାରିବ । ତେବେ ଓଜନ ହ୍ରାସ କରିବା ପାଇଁ ଘରୋଇ ଉପଚାର ମଧ କରିପାରିବେ । ଆପଣଙ୍କ ରୋଷେଇ ଘରେ ଏପରି ଅନେକ ଜିନିଷ ଅଛି, ଯାହାକୁ ବ୍ୟବହାର କରି ଆପଣ ପେଟରେ ବଢୁଥିବା ଚର୍ବିକୁ ହ୍ରାସ କରିପାରିବେ । ସେଥିମଧ୍ୟରୁ ଗୋଟିଏ ହେଉଛି ଫେନେଲ, ଅର୍ଥାତ୍ ପାନମହୁରୀ ଯାହା ଆପଣଙ୍କ ଓଜନ ହ୍ରାସ ପାଇଁ ବ୍ୟବହାର କରିପାରିବେ । ପାନମହୁରୀରୁ କିପରି ଓଜନ ହ୍ରାସ ପାଇଁ ପାନୀୟ ପ୍ରସ୍ତୁତ କରିବେ ଜାଣନ୍ତୁ ।

ପାନମହୁରୀରୁ ପ୍ରସ୍ତୁତ କରନ୍ତୁ ଓଜନ ହ୍ରାସ ପାଇଁ ପାନୀୟ

ତେବେ ଓଜନ ହ୍ରାସ ପାଇଁ ପ୍ରଥମେ ପାନମହୁରୀକୁ ବ୍ୟବହାର କରିପାରିବେ । ଏହାକୁ ଚା ଭାବେ ତିଆରି କରି ପିଇପାରିବେ । ଏଥିପାଇଁ ଆବଶ୍ୟକ ଏକ ଛୋଟ ଚାମଚରେ ପାନମହୁରୀ ଏବଂ ପାଣି । ସର୍ବପ୍ରଥମେ, ଫୁଟାଇବା ପାଇଁ ୧ ଗ୍ଲାସ ପାଣି ରଖନ୍ତୁ । ପାଣି ଫୁଟିବା ପରେ ସେଥିରେ ଏକ ଚାମଚ ପାନମହୁରୀ ମିଶାଇ ଦିଅନ୍ତୁ । କିଛି ସମୟ ପରେ ଗ୍ୟାସ ବନ୍ଦ କରନ୍ତୁ । ବର୍ତ୍ତମାନ ସେହି ଜଳକୁ ୧ ମିନିଟ୍ ପାଇଁ ଘୋଡାଇ ରଖନ୍ତୁ । ଟିକେ ଥଣ୍ଡା ହେଲା ପରେ ଏହାକୁ ପିଅନ୍ତୁ ।

## ଧର୍ମର ମର୍ମ ଜାଣିଲେ ବ୍ରାହ୍ମଣ କୌଶିକ୍

ଥରେ ପାଣ୍ଡବମାନେ ବନବାସରେ ଥାଆନ୍ତି । ଏହି ସମୟରେ ତାଙ୍କ କୁଟୀରରେ ମାର୍କଣ୍ଡେୟ ମୁନି ପହଞ୍ଚିଲେ । ଏହି ସମୟରେ ଯୁଧିଷ୍ଠିର ସ୍ତ୍ରୀମାନଙ୍କ ସମ୍ପର୍କରେ ଚର୍ଚ୍ଚା କରି କହିଲେ- ମହିଳାମାନଙ୍କ ନିକଟରେ ସହନଶୀଳତା ଏବଂ ସତୀତ୍ୱ ଭଳି ଗୁଣ ଦେଖିବାକୁ ମିଳିଥାଏ । ଏହା ଅତ୍ୟନ୍ତ ମହାନ ଗୁଣ । ଶିଶୁକୁ ଜନ୍ମ ଦେବା ସମୟରେ ନାରୀଟିଏ ଅନେକ କଷ୍ଟ ସହିଥାଏ । ପତିର ଅତ୍ୟାଚାର ମଧ୍ୟ ସହିଥାଏ । ଶିଶୁର ଲାଳନପାଳନ କରିଥାଏ । ନାରୀର ଏହି ଦକ୍ଷତା ଅନ୍ୟମାନଙ୍କ ପାଇଁ ଉଦାହରଣ । ଏହା ଶୁଣି ମାର୍କଣ୍ଡେୟ ମୁନି ଯୁଧିଷ୍ଠିରଙ୍କୁ ଏକ ପୌରାଣିକ କଥା ଶୁଣାଇଲେ । ଗୋଟିଏ ଗାଁରେ କୌଶିକ ନାମରେ ଜଣେ ବ୍ରାହ୍ମଣ ରହୁଥିଲେ । ସେ ବ୍ରହ୍ମଚର୍ଯ୍ୟ ବ୍ରତରେ ଅଟଳ ରହିଥିଲେ । ଦିନେ ସେ ଗଛ ଛାଇରେ ବସି କଥାବାର୍ତ୍ତା ହେଉଥିଲେ । ଏହି ସମୟରେ ତାଙ୍କ ମସ୍ତକରେ ଏକ ଚଢ଼େଇ ମଳତ୍ୟାଗ କରିଦେଲା । କୌଶିକ ଦେଖିଲେ ଯେ ଗଛ ଉପରେ ଏକ ବଗ ବସିଛି । ସେ ଭାବିଲେ, ତାଙ୍କ ଉପରେ ସେହି ବଗ ମଳତ୍ୟାଗ କରିଛି । ସେ କ୍ରୋଧିତ ହେଲେ । ତାଙ୍କର



କ୍ରୋଧପୂର୍ଣ୍ଣ ଦୃଷ୍ଟି ପଡ଼ିବାରୁ ବଗ ପୋଡ଼ି ହୋଇ ଭସ୍ମ ହୋଇଗଲା । ବଗର ମୃତ ଶରୀର ଦେଖି ବ୍ରାହ୍ମଣ କୌଶିକ ପ୍ରାୟଶ୍ଚିତ କଲେ । ଏହି ଘଟଣା ପରେ ସେ ଅତ୍ୟନ୍ତ ଦୁଃଖିତ ହେଲେ । ଏକ ନିର୍ଦ୍ଦୋଷ ପକ୍ଷୀକୁ ମାରିଦେଇଥିବାରୁ ତାଙ୍କ ମନ ପଶ୍ଚାତାପର ଅଗ୍ନିରେ ଜଳିବାକୁ ଲାଗିଲା । ତେବେ ଭିକ୍ଷାଟନର ସମୟ ହୋଇସାରିଥିବାରୁ ସେ ନିଜ ଗନ୍ତବ୍ୟ ପଥରେ ଚାଲିଲେ । ଏକ ଘର ବାହାରେ ଛିଡ଼ା ହୋଇ ସେ ଭିକ୍ଷା ଯାଚନା କଲେ । ଏହି ସମୟରେ ସେ ଯେଉଁ ଘର ସମ୍ମୁଖରେ ଛିଡ଼ା ହୋଇଥିଲେ, ସେହି ଘରର ମୁଖିଆ ବାହାରୁ ଆସି ପହଞ୍ଚିଲେ । ମୁଖିଆଙ୍କ ପତ୍ନୀ ନିଜ ପତିଙ୍କୁ ଖାଇବା ପରଷିଲେ । ବ୍ରାହ୍ମଣ କୌଶିକଙ୍କ ଆଡ଼କୁ ଧ୍ୟାନ ଦେଲେ ନାହିଁ । କୌଶିକ ଦ୍ୱାରରେ ଛିଡ଼ା ହେବାର ଅନେକ ସମୟ ବିତିଯିବା ପରେ ମହିଳା ଜଣକ ଭିକ୍ଷା ଧରି ଆସି ପହଞ୍ଚିଲେ । ବ୍ରାହ୍ମଣ କୌଶିକ ସେତେବେଳକୁ ରାଗିଯାଇଥାନ୍ତି । ସେ କହିଲେ, ମୁଁ ଅନେକ ସମୟ ଧରି ଏଠି ଛିଡ଼ା ହୋଇଛି । ଏହାପରେ ମହିଳା ଜଣକ କହିଲେ, ବ୍ରାହ୍ମଣ ଶ୍ରେଷ୍ଠ ! ମୁଁ ନିଜ ପତିଙ୍କ ସେବାରେ ବ୍ୟସ୍ତ ଥିଲି । ସେଥିପାଇଁ ବିଳମ୍ବ ହୋଇଗଲା । କୌଶିକ କହିଲେ, ନିଜ ପତିବ୍ରତ ପାଇଁ ତୁମ ମନରେ ଅହଂକାର ଉତ୍ପନ୍ନ ହୋଇସାରିଲାଣି । ଏହାଶୁଣି ସେହି ମହିଳା କହିଲେ, ଆପଣ ରାଗନ୍ତୁ ନାହିଁ ମୁନିବର ! ଆପଣଙ୍କୁ ମୁଁ ପ୍ରାର୍ଥନା କରୁଛି । ଆପଣ ମୋତେ ସେହି ଗଛରେ ବସିଥିବା ବଗ ବୋଲି ଭାବନ୍ତୁ ନାହିଁ । ଆପଣଙ୍କ କ୍ରୋଧ ଜଣେ ପତିବ୍ରତା ସତୀ ନାରୀର କିଛି ବି କରିପାରିବ ନାହିଁ। ମୁଁ ସାଧାରଣ ବଗ ନୁହେଁ । ମହିଳାଙ୍କ ସେହି କଥା ଶୁଣି ମୁନି ଚକିତ ହେଲେ । ତାଙ୍କ ପାଇଁ ସେହି କ୍ଷଣ ଅତ୍ୟନ୍ତ ଅପମାନଜନକ ଥିଲା । ସେ ଭାବିଲେ, ମହିଳା ଜଣକ ଉକ୍ତ ବଗ କଥା କିଭଳି ଜାଣିଲେ ? ସେ ଏହା ଭାବୁଥିବା ସମୟରେ ମହିଳା ଜଣକ କହିଲେ, ମୁନିବର ! ଆପଣ ଧର୍ମର ମର୍ମ କ'ଣ ଜାଣନ୍ତି ନାହିଁ । କ୍ରୋଧ ସବୁଠୁ ବଡ଼ ଅଧର୍ମ ବୋଲି ବୋଧହୁଏ ଆପଣ ଅବଗତ ନୁହନ୍ତି । କ୍ରୋଧ ଏମିତି ଏକ ଶତ୍ରୁ ଯାହା ମନୁଷ୍ୟର ଶରୀର ଭିତରେ ରହି ତା'ର ଆତ୍ମା, ହୃଦୟ ଏବଂ ଶରୀରକୁ ନଷ୍ଟ କରିଚାଲିଥାଏ ।

## ଉଜ୍ଜୟିନୀରେ ୬୪ ଦିନରେ ଶିକ୍ଷା ସମାପ୍ତ କରିଥିଲେ ଶ୍ରୀକୃଷ୍ଣ

ଦ୍ୱାପର ଯୁଗରେ ଉଜ୍ଜୟିନୀରେ ଜ୍ଞାନ-ବିଜ୍ଞାନ ଏବଂ ସଂସ୍କୃତିର ଏକ ମହତ୍ୱପୂର୍ଣ୍ଣ କେନ୍ଦ୍ର ଥିଲା । ଏହିଠାରେ ଗୁରୁ ସାନ୍ଦିପନୀଙ୍କ ଆଶ୍ରମ ଯେଉଁଠାରେ ଭଗବାନ ଶ୍ରୀକୃଷ୍ଣ, ଜ୍ୟୋଷ୍ଠଭ୍ରାତା ବଳରାମ ଏବଂ ମିତ୍ର ସୁଦାମା ଶିକ୍ଷାପ୍ରାପ୍ତ କରିଥିଲେ । ଶ୍ରୀମଦ ଭାଗବତ,



ମହାଭାରତ ତଥା ଅନ୍ୟ କେତେକ ପୁରାଣରେ ଏହି ସ୍ଥାନ ସଂପର୍କରେ ବର୍ଣ୍ଣନା କରାଯାଇଛି । ଏହିଠାରେ ଭଗବାନ ଶ୍ରୀକୃଷ୍ଣ ୬୪ ଦିନରେ ଗୁରୁ ସାନ୍ଦିପନୀଙ୍କଠାରୁ ସଂପୂର୍ଣ୍ଣ ଶାସ୍ତ୍ର ଶିକ୍ଷା ଗ୍ରହଣ କରିଥିଲେ । ୧୮ ଦିନରେ ୧୮ ପୁରାଣ, ୪ ଦିନରେ ୪ ବେଦ, ୬ ଦିନରେ ୬ ଶାସ୍ତ୍ର, ୧୬ ଦିନରେ ୧୬ କଳା, ୨୦ ଦିନରେ ଗୀତାଜ୍ଞାନ ଆହରଣ କରିବା ସହ ଗୁରୁ ଦକ୍ଷିଣା ଏବଂ ଗୁରୁ ସେବା କାର୍ଯ୍ୟ ସଂପୂର୍ଣ୍ଣ କରିଥିଲେ । ଆଶ୍ରମ ନିକଟରେ ଏକ ପଥର ଉପରେ ୧ ରୁ ୧୦୦ ପର୍ଯ୍ୟନ୍ତ ସଂଖ୍ୟା ଲିଖିତ ହୋଇଛି । କୁହାଯାଏ ଯେ, ଏହି ସଂଖ୍ୟା ଗୁରୁ ସାନ୍ଦିପନୀଙ୍କ ଦ୍ୱାରା ଲେଖା ଯାଇଛି । ମହର୍ଷି ସାନ୍ଦିପନୀ ଆଶ୍ରମ ଗଙ୍ଗା ଘାଟରେ ଅବସ୍ଥିତ। ଏହି ସ୍ଥାନରେ ଗୋମତୀ କୁଣ୍ଡ ନିର୍ମିତ ହୋଇଥିଲା । ଯେଉଁଠାରେ ଭଗବାନ ଶ୍ରୀକୃଷ୍ଣ ଗୁରୁ ସାନ୍ଦିପନୀଙ୍କ ସ୍ନାନ ପାଇଁ ଗୋମତୀ ନଦୀର ଜଳ ଉପଲବ୍ଧ କରାଇଥିଲେ । ଆଶ୍ରମରେ ଗୁରୁ ସାନ୍ଦିପନୀଙ୍କ ସମେତ ଭଗବାନ ଶ୍ରୀକୃଷ୍ଣ, ବଳରାମ ଏବଂ ସୁଦାମାଙ୍କ ମୂର୍ତ୍ତି ସ୍ଥାପିତ ହୋଇଛି । କୁହାଯାଏ ଯେ, ଗୁରୁ ସାନ୍ଦିପନୀଙ୍କଠାରୁ ଶ୍ରୀକୃଷ୍ଣ ଯେଉଁ ଜ୍ଞାନ ଆହରଣ କରୁଥିଲେ ତାହାକୁ ନିଜ ପାଟିରେ ଲେଖି ଦେଉଥିଲେ । ଏହାପରେ ଗୋମତୀ କୁଣ୍ଡରେ ଥିବା ଜଳରେ ପାଟିକୁ ଧୋଇ ଦେଉଥିଲେ । ଏହି କାରଣରୁ କୃଷ୍ଣଙ୍କ ପାଟିରେ ଥିବା ଅଙ୍କ ଗୋମତୀ କୁଣ୍ଡରେ ପଡୁଥିଲା । ତେଣୁ ଏହି କ୍ଷେତ୍ରକୁ ଅଙ୍କପାତ ନାମରେ ପ୍ରସିଦ୍ଧ ଅଟେ। ସାନ୍ଦିପନୀଙ୍କ ଆଶ୍ରମ ପରିସରରେ ଥିବା ସର୍ବେଶ୍ୱର ମହାଦେବ ମନ୍ଦିର ୬ ହଜାର ବର୍ଷର ପୁରୁଣା ଶିବଲିଙ୍ଗ । କୁହାଯାଏ ଯେ ମହର୍ଷି ସାନ୍ଦିପନୀ ନିଜ ତପ ବଳରେ ବେଲପତ୍ର ନିର୍ମିତ ଏହି ଶିବଲିଙ୍ଗକୁ ଉତ୍ପନ୍ନ କରିଥିଲେ । ଏହିଠାରେ ଶେଷନାଗଙ୍କ ଦର୍ଶନ ମଧ୍ୟ ମିଳିଥାଏ । ଶିକ୍ଷା ସମାପ୍ତ ପରେ ଶ୍ରୀକୃଷ୍ଣ ଏବଂ ବଳରାମ ଗୁରୁ ସାନ୍ଦିପନୀଙ୍କୁ ଦକ୍ଷିଣା ମାଗିବା ପାଇଁ ପ୍ରାର୍ଥନା କଲେ । ଦକ୍ଷିଣା ସ୍ୱରୂପ ନିଜର ପୁତ୍ରକୁ ଫେରାଇ ଆଣିବାକୁ ଗୁରୁ ସାନ୍ଦିପନୀ କୃଷ୍ଣଙ୍କୁ ଦକ୍ଷିଣା ଆକାରରେ ମାଗିଥିଲେ । ଗୁରୁ ସନ୍ଦୀପନୀଙ୍କ ପୁତ୍ର ସମୁଦ୍ରର ପ୍ରଭାସ କ୍ଷେତ୍ରରେ ବିଲୁପ୍ତ ହୋଇ ଯାଇଥିଲେ । ଦୁଇ ଭାଇ କୃଷ୍ଣ ଏବଂ ବଳରାମ ପ୍ରଭାସ କ୍ଷେତ୍ରରେ ଗୁରୁପୁତ୍ରକୁ ଖୋଜିବା ବେଳେ ଜାଣିପାରିଲେ ଯେ, ଶଙ୍ଖାସୁର ନାମକ ରାକ୍ଷସ ଋଷିପୁତ୍ରଙ୍କୁ ନେଇ ଯାଇଛି ଯିଏ ସମୁଦ୍ର ତଳେ ପବିତ୍ର ଶଙ୍ଖ ମଧ୍ୟରେ ରହୁଛି । ଏହି ଶଙ୍ଖକୁ ପଞ୍ଚଜନ୍ୟ କୁହାଯାଏ । ଦୁଇଭାଇ ରାକ୍ଷସକୁ ବିନାଶ କରି ଋଷିପୁତ୍ରଙ୍କୁ ଖୋଜିଲେ । ତେବେ ସେଠାରେ ଋଷିପୁତ୍ରଙ୍କୁ ନ ପାଇ ଶଙ୍ଖକୁ ଧରି ଯମଙ୍କ ନିକଟକୁ ଗଲେ ଏବଂ ଶଙ୍ଖ ବଜାଇଲେ । ଯମ ଦୁଇଭାଇଙ୍କୁ ଦେଖି ପ୍ରଣାମ କରିବା ସହ ଆସିବା କାରଣ ପଚାରିଲେ । ଗୁରୁପୁତ୍ରକୁ ଫେରାଇବା ପାଇଁ ଶ୍ରୀକୃଷ୍ଣ କହିବା କ୍ଷଣି ଯମ କୃଷ୍ଣଙ୍କ ଆଜ୍ଞା ପାଳନ କଲେ ।

# ନଗର ଉନ୍ନୟନ ମନ୍ତ୍ରୀଙ୍କ ୱାଟକୋ ପ୍ରକଳ୍ପର ସମୀକ୍ଷା



**ଭୁବନେଶ୍ୱର, ୫।୧୦ (ମହାଭାରତ):** ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଗୁରୁବାର ୱାଟକୋ ଦ୍ୱାରା କାର୍ଯ୍ୟାନ୍ୱିତ ବିଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟକଳାପର ଅଗ୍ରଗତି ସମୀକ୍ଷା କରିଛନ୍ତି । ଉନ୍ନତି ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ବୈଠକରେ ଜଳଯୋଗାଣ ଓ ସ୍ୱେରେଜ୍ ଭିତିଭୂମି, ପ୍ରକଳ୍ପର ଭୌତିକ ଓ ଆର୍ଥିକ ଅଗ୍ରଗତି, ଡବ୍ଲ୍ୟୁଟିପି ଓ ଏସ୍ ଟି ପିର କାର୍ଯ୍ୟକାରିତା ସହ ନାଗରିକ ସେବା ସମ୍ପର୍କରେ ଆଲୋଚନା ହୋଇଥିଲା। ୱାଟକୋର ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ମହାନ୍ତି ୱାଟକୋର କାର୍ଯ୍ୟକ୍ଷେତ୍ର, ଚାଲୁଥିବା ପ୍ରମୁଖ ଜଳଯୋଗାଣ ଓ ସ୍ୱେରେଜ୍ ପ୍ରକଳ୍ପ, ଜଳ ବିଶୋଧନାଗାର ଏବଂ ମଳଜଳ ବିଶୋଧନାଗାରର ସ୍ଥିତି ଉପରେ ବିସ୍ତୃତ ଉପସ୍ଥାପନା ଦେଇଥିଲେ । ପ୍ରକଳ୍ପଗୁଡ଼ିକର ନିର୍ଦ୍ଧାରିତ ସମୟରେ ସମାପ୍ତି, ଅନୁଦାନର ସଠିକ୍ ଉପଯୋଗ ଏବଂ କାର୍ଯ୍ୟାନ୍ୱୟନରେ ଥିବା ସମସ୍ୟାର ତୁରନ୍ତ ସମାଧାନ ଉପରେ ମନ୍ତ୍ରୀ ଡଃ ମହାପାତ୍ର ଗୁରୁତ୍ୱାରୋପ କରିଥିଲେ ।

ବୈଠକରେ ୱାଟକୋର ଆର୍ଥିକ ପ୍ରଦର୍ଶନ ମଧ୍ୟ ସମୀକ୍ଷା କରାଯାଇଥିଲା । ବିଭିନ୍ନ ପ୍ରକଳ୍ପ ପାଇଁ ବଜେଟ୍ ବ୍ୟବସ୍ଥା, ବ୍ୟୟ ଓ ଆର୍ଥିକ ଅନୁଦାନର ବ୍ୟବହାରର ଗତି ସମ୍ପର୍କରେ ଆଲୋଚନା ହୋଇଥିଲା । ପ୍ରକଳ୍ପଭିତିକ ବ୍ୟୟର ନିୟମିତ ତଦାରଖ ଏବଂ କାର୍ଯ୍ୟାନ୍ୱୟନ ସମ୍ପର୍କିତ ସମସ୍ୟାର ଶୀଘ୍ର ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ୱାଟକୋର କାର୍ଯ୍ୟକ୍ଷେତ୍ର ଅଧୀନରେ ନବଗଠିତ ବିଜ୍ଞପିତ ଅଂଚଳ ପରିଷଦ ଗୁଡ଼ିକର ଦାୟିତ୍ୱ ଗ୍ରହଣ ଓ ହସ୍ତାନ୍ତର ପ୍ରକ୍ରିୟା ନେଇ ମଧ୍ୟ ଆଲୋଚନା ହୋଇଥିଲା। ସରକାରୀ ବିଜ୍ଞପ୍ତି ଅନୁଯାୟୀ ୱାଟକୋଠାରୁ ଓଡ଼ିଶା ଜଳଯୋଗାଣ ଓ ସ୍ୱେରେଜ୍ ବୋର୍ଡକୁ ସ୍ୱେରେଜ୍ କାର୍ଯ୍ୟ ହସ୍ତାନ୍ତର ପ୍ରସଙ୍ଗରେ ଦାୟିତ୍ୱର ସ୍ପଷ୍ଟତା ଓ ସେବାର ନିରନ୍ତରତା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ଏଥିସହ ସୁଜଳ ଯୋଜନା ଅଧୀନରେ ଅକ୍ଟୋବର ୨ରୁ ୧୬ ପର୍ଯ୍ୟନ୍ତ ୱାଟକୋ ପକ୍ଷରୁ ଆୟୋଜନ ହେବାକୁ ଥିବା ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କରେ ମଧ୍ୟ ସମୀକ୍ଷା ହୋଇଥିଲା । ଜଳଯୋଗାଣ ସେବା, ଦାୟିତ୍ୱଶୀଳ ଜଳ ବ୍ୟବହାର, ସେବା ସମ୍ପର୍କିତ ସୂଚନା ଏବଂ ନାଗରିକଙ୍କ ଅଂଶଗ୍ରହଣ ସମ୍ପର୍କରେ ଜନସଚେତନତା ବୃଦ୍ଧି ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ରହିବ। ଚାଲୁଥିବା ସମସ୍ତ ପ୍ରକଳ୍ପର ନିୟମିତ ତଦାରଖ ସହ ସମୟୋଚିତ କାର୍ଯ୍ୟାନ୍ୱୟନ, ଆର୍ଥିକ ଶୃଙ୍ଖଳା, କାର୍ଯ୍ୟର ଗୁଣବତା ଓ ନାଗରିକଙ୍କୁ ଉନ୍ନତ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ଡଃ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟାନ୍ୱୟନକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ବଢ଼ାଇବା ଏବଂ ପ୍ରକଳ୍ପ କାର୍ଯ୍ୟରେ ଥିବା ବାଧାଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗ, ୱାଟକୋ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

# ଫର୍ମ-୬ରୁ ଅତିରିକ୍ତ ଘୋଷଣାନାମା ହଟାଇଲେ ନିର୍ବାଚନ ଆୟୋଗ

**ଭୁବନେଶ୍ୱର, ୫।୧୦ (ମହାଭାରତ):** ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପ୍ରକ୍ରିୟା ସମାପ୍ତ ହୋଇଥିବା ପରିପ୍ରେକ୍ଷୀରେ, ବର୍ତମାନର ଭୋଟର ତାଲିକାରେ ନାମ ନଥିବା ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ନାମ ସାମିଲ କରାଇବାର ସୁଯୋଗ ଅବ୍ୟାହତ ରହିଛି। ଏଥିପାଇଁ ଯୋଗ୍ୟ ନାଗରିକମାନେ ପୂର୍ବଭଳି ଫର୍ମ-୬ ମାଧ୍ୟମରେ ଆବେଦନ କରିପାରିବେ।

ଏସଆଇଆର ସମୟରେ ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ କୌଣସି କାରଣରୁ ଭୋଟର ତାଲିକାରୁ ବାଦ ପଡ଼ିଥାଏ, ତେବେ ପୁନର୍ବାର ନାମ ସାମିଲ କରାଇବା ପାଇଁ ଫର୍ମ-୬ ଦାଖଲ କରିବା ସମୟରେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବା ଆବଶ୍ୟକ ହେବ ନାହିଁ। ସେହିପରି, ଆବେଦନକାରୀଙ୍କ ପିତାମାତା କିମ୍ବା ଜେଜେବାପା/ଜେଜେମାଆଙ୍କ ନାମ ୨୦୦୨ ମସିହାର ଭୋଟର ତାଲିକାରେ ଥିଲା କି ନାହିଁ, ସେ ସମ୍ପର୍କିତ ତଥ୍ୟ ମଧ୍ୟ ଦାଖଲ କରିବାକୁ ପଡ଼ିବ ନାହିଁ। ଏ ସମ୍ପର୍କିତ ଅତିରିକ୍ତ ଘୋଷଣାନାମାକୁ ଭାରତ ନିର୍ବାଚନ ଆୟୋଗ (ଇସିଆଇ) ଫର୍ମ-୬ରୁ ହଟାଇ ଦେଇଛନ୍ତି। ଏହା ଫଳରେ ଏସଆଇଆର-୨୦୨୬ ପରେ ଭୋଟର ତାଲିକାରେ ନାମ ସାମିଲ କରାଇବାକୁ ଇଚ୍ଛୁକ ଯୋଗ୍ୟ ନାଗରିକମାନେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ଅତିରିକ୍ତ ତଥ୍ୟ କିମ୍ବା ଘୋଷଣାନାମା ବିନା ସାଧାରଣ ପ୍ରକ୍ରିୟାରେ ଫର୍ମ-୬ ଦାଖଲ କରିପାରିବେ।

ତେବେ, କେବଳ ଫର୍ମ-୬ ଦାଖଲ କରିବା ଦ୍ୱାରା ଆବେଦନକାରୀଙ୍କ ନାମ ସ୍ୱତଃସ୍ଫୂର୍ତ ଭାବେ ଭୋଟର ତାଲିକାରେ ସାମିଲ ହେବ ନାହିଁ। ନାମ ସାମିଲ ପୂର୍ବରୁ ଆବେଦନକାରୀଙ୍କ ଯୋଗ୍ୟତା ଏବଂ ଆବେଦନରେ ଦିଆଯାଇଥିବା ତଥ୍ୟର ନିର୍ଦ୍ଧାରିତ ଯାଂଚ ପ୍ରକ୍ରିୟା ପୂର୍ବଭଳି ଜାରି ରହିବ।ସମ୍ପୃକ୍ତ ନିର୍ବାଚନ କର୍ତୃପକ୍ଷ ଆବେଦନରେ ଦିଆଯାଇଥିବା ତଥ୍ୟ ଏବଂ ଆବଶ୍ୟକୀୟ ଦସ୍ତାବିଜ ଯାଂଚ କରିବା ପରେ ଆଇନ ଓ ନିର୍ଦ୍ଧାରିତ ନିୟମ ଅନୁଯାୟୀ ନାମ ଅନ୍ତର୍ଭୁକ୍ତି ସମ୍ପର୍କରେ ନିଷ୍ପତି ନେବେ। ଯାଂଚ ପ୍ରକ୍ରିୟା ସମ୍ପୂର୍ଣ୍ଣ ନକରି କୌଣସି ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯିବ ନାହିଁ। ଏଥିସହିତ, ଫର୍ମ-୬ ମାଧ୍ୟମରେ ନାମ ସାମିଲ କରିବାର ସାଧାରଣ ବ୍ୟବସ୍ଥା ଅବ୍ୟାହତ ରହିଛି। ତେଣୁ, ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ବର୍ତମାନର ଭୋଟର ତାଲିକାରେ ନାହିଁ, ସେମାନେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି ଫର୍ମ-୬ ଦାଖଲ କରି ଭୋଟର ଭାବେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ଏକ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବା ଏବଂ ଏହାର ଶୁଦ୍ଧତା, ସ୍ୱଚ୍ଛତା ବଜାୟ ରଖିବା ସହିତ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ଭାବେ ପଞ୍ଜୀକରଣର ସୁଯୋଗ ଦେବା ଉଦ୍ଦେଶ୍ୟରେ ପ୍ରାପ୍ତ ସମସ୍ତ ଆବେଦନରେ ନିର୍ଦ୍ଧାରିତ ନିୟମ ଅନୁଯାୟୀ ଯାଂଚ କରାଯିବ।

# ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକଙ୍କ ଅବସର

**ଭୁବନେଶ୍ୱର, ୫।୧୦ (ମହାଭାରତ):** ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂ



ସେପ୍ଟେମ୍ବର ୩୦ ତାରିଖରେ ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଗତକାଲି ବିଭାଗର ବିଭିନ୍ନ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀବୃନ୍ଦ ଶ୍ରୀ ସିଂ ଙ୍କୁ ସାକ୍ଷାତ କରି ତାଙ୍କର ଅବସରକାଳୀନ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ। ସେହିପରି ଓଡ଼ିଶା ସୂଚନା ସେବା ସଂଘର କର୍ମକର୍ତା ତଥା ଅଧିକାରୀମାନେ ମଧ୍ୟ ଅବସର ଗ୍ରହଣ କରିଥିବା ନିର୍ଦ୍ଦେଶକ (ବୈଷୟିକ ) ଶ୍ରୀ ସିଂଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଅବସରକାଳୀନ ଜୀବନର ଶୁଭେଚ୍ଛା ଜଣାଇଥିଲେ । ଶ୍ରୀ ସିଂ, ଚାକିରୀ ଜୀବନ ଆରମ୍ଭ ଠାରୁ ଅବସର ଗ୍ରହଣ ପର୍ଯ୍ୟନ୍ତ ତାଙ୍କର ଅନୁଭୂତି ଓ ଅଭିଜ୍ଞତା ପ୍ରକାଶ କରି କାର୍ଯ୍ୟରତ ସୂଚନା ସେବା ଅଧିକାରୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ରାଜ୍ୟ ସଦର ମହକୁମା, ବିଭିନ୍ନ ଜିଲ୍ଲା ଏବଂ ବିଭାଗରେ କାର୍ଯ୍ୟରତ ଲୋକସଂପର୍କ ଅଧିକାରୀମାନଙ୍କୁ ଏକାଗ୍ରତା, ଦୃଢ଼ ମନା ଏବଂ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ ପାଇଁ ସେ ପ୍ରେରଣାଦାୟୀ ବକ୍ତବ୍ୟ ରଖିଥିଲେ। ଅଧିକାରୀମାନଙ୍କୁ ଭଲ କାମ କରି ନିଜ ନିଜର ସ୍ୱତନ୍ତ୍ର ପରିଚୟ ମାଧ୍ୟମରେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ତାଙ୍କର କାର୍ଯ୍ୟକାଳ ସମୟରେ ସେ ବିଭିନ୍ନ ଉଲ୍ଲେଖନୀୟ ଓ ଆହ୍ୱାନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶ୍ରୀ ସିଂ ଓଡ଼ିଶା ସୂଚନା ସେବାର ଜଣେ ଦକ୍ଷ, ଅଭିଜ୍ଞ ଓ ପାରଦର୍ଶୀ ଅଧିକାରୀ ଭାବେ ବିଭିନ୍ନ ମହଲରେ ତାଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ।

# ସୋଆ ଆଇନ୍ ଛାତ୍ରଛାତ୍ରୀଙ୍କ ଗ୍ରାଜୁଏସନ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୫।୧୦ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ଏସ୍‌ଏନ୍‌ଆଇଏଲ୍)ରୁ ଆଇନ୍ ପାଠ୍ୟକ୍ରମରେ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ ବୁଧବାର ଏକ ସ୍ୱତନ୍ତ୍ର ଗ୍ରାଜୁଏସନ୍ ଉତ୍ସବ ଆୟୋଜିତ ହୋଇଯାଇଛି। ୨୦୨୧ -୨୬ ବ୍ୟାଚର ବିଏଏଲ୍‌ଏଲ୍‌ବି (ଅନର୍ସ) ଓ ବିବିଏ ଏଲ୍‌ଏଲ୍‌ବି (ଅନର୍ସ), ୨୦୨୩-୨୬ ବ୍ୟାଚର ଏଲ୍‌ଏଲ୍‌ବି (ଅନର୍ସ) ଏବଂ ୨୦୨୫-୨୬ ବ୍ୟାଚର ଏଲ. ଏଲ.ଏମ୍ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମରେ ଡିଗ୍ରୀ ପ୍ରଦାନ କରାଯାଇଛି। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରିବା ସହ ଶପଥ ପାଠ କରାଇଥିଲେ। ଏହି ଅବସରରେ





କୁଳପତି ପ୍ରଫେସର ନନ୍ଦ ଆଇନ୍ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍‌ନାଲ୍ ର୍‍ୟାଙ୍କିଙ୍ଗ ଫ୍ରେମୱାର୍କ (ଏନ୍‌ଆଇଆର୍‌ଏଫ୍) ଅନୁଯାୟୀ ସେମାନେ ଦେଶର ୧୦ମ ଶ୍ରେଷ୍ଠ ଆଇନ ଶିକ୍ଷାନୁଷ୍ଠାନ ଓ ୧୫ ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିବାର ସୁଯୋଗ ପାଇଛନ୍ତି। ତେଣୁ ସୋଆର ମାନକୁ ଉର୍ଦ୍ଧ୍ୱକୁ ନେବା ନିମନ୍ତେ ସେମାନେ ନିଶ୍ଚୟ ଉଦ୍ୟମ କରିବେ ବୋଲି ସେ କହିଥିଲେ। ସେ କହିଥିଲେ ଯେ ଛାତ୍ରଛାତ୍ରୀମାନେ ଯେଉଁଠାକୁ ଯିବେ ସେଠାରେ ସେମାନଙ୍କ ସହ ବିଶ୍ୱବିଦ୍ୟାଳୟର ନାମ ଓ ଲୋଗୋ ଜଡ଼ିତ ରହିବ। ନିଜର କର୍ମକ୍ଷେତ୍ରରେ ସେମାନଙ୍କ ପ୍ରଦର୍ଶନ ଓ ଆଚରଣ ବିଶ୍ୱବିଦ୍ୟାଳୟର ସୁନାମକୁ ପ୍ରତିଷ୍ଠା କରିବ। ତେଣୁ ବିଶ୍ୱବିଦ୍ୟାଳୟ, ଅଭିଭାବକ ଓ ଅଧ୍ୟାପକମାନଙ୍କ ପ୍ରତି କୃତଜ୍ଞ ରହିବାକୁ ସେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

ସ୍ନାତକମାନଙ୍କୁ ସୋଆର ଆଲୁମନି ଭାବେ ପଞ୍ଜୀକୃତ ହେବାକୁ ପ୍ରଫେସର ନନ୍ଦ ଅନୁରୋଧ କରିଥିଲେ। ଜାତୀୟ ସ୍ତରରେ ଏବଂ ବିଶ୍ୱସ୍ତରରେ ମଧ୍ୟ ପରିଚିତ ହୋଇଥିବା ବିଶ୍ୱବିଦ୍ୟାଳୟର ସେମାନେ ଏବେ 'ମାର୍ଗ ଦର୍ଶକ' ବା ମଶାଲ ବାହକ ଭାବେ କାର୍ଯ୍ୟ କରିବେ। ସମାଜ ପ୍ରତି ନିଜର ଦାୟିତ୍ୱ ପାଳନ କରିବା ସହ ସର୍ବୋଚ୍ଚ ନିଷ୍ଠା ଓ ସଚ୍ଚୋଟତାର ସହ କର୍ତବ୍ୟ ସଂପାଦନ କରିବାକୁ ସେ ଉପଦେଶ ଦେଇଥିଲେ।

ବିଶ୍ୱରେ ଏକ ବଡ଼ ପରିବର୍ତନ ପରିଲକ୍ଷିତ ହେଉଥିବାବେଳେ ସାମ୍ପ୍ରତିକ ଯୁଗରେ କୃତ୍ରିମ ବୁଦ୍ଧିମତାର ବିପ୍ଳବ ଦ୍ରୁତ ଗତିରେ ବିସ୍ତାରିତ ହେଉଛି। ତେଣୁ ଛାତ୍ରଛାତ୍ରୀ ମାନେ ସତର୍କତାର ସହ ନୂତନ ପ୍ରଯୁକ୍ତିର ସଠିକ୍ ବ୍ୟବହାର କରିବା ଆବଶ୍ୟକ। ଏହା ଦ୍ୱାରା ସେମାନେ ନିଜର ପେସାଦାର ଦାୟିତ୍ୱକୁ ଅଧିକ ଦକ୍ଷତାର ସହ ସଂପାଦନ କରିପାରିବେ ବୋଲି ସେ ମତ ଦେଇଥିଲେ। "ପ୍ରକୃତ ଶିକ୍ଷା ଆଇନ ମହାବିଦ୍ୟାଳୟ ବାହାରୁ କର୍ମକ୍ଷେତ୍ର ଓ ଅଦାଲତରୁ ଆରମ୍ଭ ହୁଏ," ବୋଲି ସେ କହିଥିଲେ। ବାସ୍ତବ ଜୀବନର ସମସ୍ୟା ଗୁଡ଼ିକ ବହୁମୁଖୀ ହୋଇଥିବାରୁ ସେଗୁଡ଼ିକର ସମାଧାନ ପାଇଁ ଦୃଢ଼, ସୂକ୍ଷ୍ମଦର୍ଶୀ ଓ ସୃଜନଶୀଳ ହେବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏକ ସୁସ୍ଥ ସମାଜ ପାଇଁ ଏକ ସୁସ୍ଥ ଆଇନ ବ୍ୟବସ୍ଥା ଆବଶ୍ୟକ ବୋଲି ଦର୍ଶାଇ ସେ କହିଥିଲେ ଯେ ଏହାର ରକ୍ଷକ ଭାବେ ଆଇନ ଛାତ୍ରଛାତ୍ରୀ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି।

# ସିଏଜି ରିପୋର୍ଟ ବିଜେଡ଼ି ଖଣି କେଳେଙ୍କାରୀ କଳା ଚିଠାର ନୂଆ ପୃଷ୍ଠା

**ଭୁବନେଶ୍ୱର, ୫।୧୦ (ମହାଭାରତ):** ସଦ୍ୟ ପ୍ରକାଶିତ ସିଏଜି ରିପୋର୍ଟ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ପୂର୍ବତନ ବିଜେଡି ସରକାରର ଖଣି ପ୍ରଶାସନ ଏବଂ ଖଣି ପ୍ରଭାବିତ ଅଂଚଳରେ କେଉଁଭଳି ଭାବରେ ଅର୍ଥ ଲୁଟ୍ କରାଯାଉଥିଲା ତାହାର ବାସ୍ତବ ଚିତ୍ର ସାମ୍ନାକୁ ଆଣିଛି। ଆଜି ବିଜେଡି ଖଣି ରାଜସ୍ୱକୁ ନେଇ ରାଜନୈତିକ ପ୍ରତିବାଦ କରୁଛି କିନ୍ତୁ ତାଙ୍କ ଦୀର୍ଘ ଶାସନକାଳରେ ଖଣି ପ୍ରଭାବିତ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଡିଏମ୍‌ଏଫ୍ ପାଣ୍ଠିର ବ୍ୟବହାରରେ ସିଏଜି ଗୁରୁତର ଅନିୟମିତତା ଚିହ୍ନଟ କରିଛନ୍ତି। ସିଏଜି ରିପୋର୍ଟ ତାଙ୍କ ଶାସନକାଳର ଅସଲ ବାସ୍ତବତା ଲୋକଙ୍କ ସାମ୍ନାରେ ପ୍ରମାଣିତ କରିଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ମୁଖପାତ୍ର ଅନୀଲ ବିଶ୍ୱାଳ କହିଛନ୍ତି।

ସିଏଜି ଦର୍ଶାଇଛନ୍ତି ଯେ, ବିଜେଡି ସରକାର ସମୟରେ ଡିଏମ୍‌ଏଫ୍‌ର ନିୟମକୁ ଜଳାଞ୍ଜଳି ଦେଇ କେନ୍ଦୁଝର ଓ ସୁନ୍ଦରଗଡ଼ରେ ୯୮୩ କୋଟି ଟଙ୍କାର ଅର୍ଥ ହେରଫେର ହୋଇଛି। ଯେଉଁ ଲୋକମାନେ ଖଣି ପାଇଁ ପ୍ରଭାବିତ ହୋଇଛନ୍ତି ସେମାନଙ୍କ ପାଇଁ ଅର୍ଥ ଖର୍ଚ୍ଚ ନ କରାଯାଇ ଅନ୍ୟ ସ୍ଥାନରେ କରାଯାଇଛି। ସେହିଭଳି ୧୧୯ କୋଟି ଟଙ୍କାର ସୁଧ ଯାହା ଡିଏମ୍‌ଏଫ୍ ଫଣ୍ଡକୁ ଆସିବା କଥା ତାହାକୁ ବିଜେଡି ସରକାର ସମୟରେ ନ କରାଯାଇ ହେରଫେର କରାଯାଇଛି। ଯାଜପୁର ଜିଲ୍ଲାରେ ୫୦୭ କୋଟି ଟଙ୍କାର ଅର୍ଥ ଡିଏମ୍‌ଏଫ୍ ଫଣ୍ଡରୁ ଅଯାଚିତ ଭାବରେ ବିଭିନ୍ନ ଅନାବଶ୍ୟକ ଖର୍ଚ୍ଚରେ ବିନିଯୋଗ କରାଯାଇଛି। ସେହିଭଳି ସୁନ୍ଦରଗଡ଼ ଜିଲ୍ଲାରେ ୨୫କୋଟି ଟଙ୍କା ଖର୍ଚ୍ଚ କରାଯାଇ ଜିଲ୍ଲାପାଳଙ୍କ ଘରେ ପଡ଼ିବା ଘର, ମୁନ୍ୟୁସିପାଲିଟି କାର୍ଯ୍ୟାଳୟର ଅନାବଶ୍ୟକ ବିସ୍ତାର ଆଦି କାର୍ଯ୍ୟରେ କୁବିନିଯୋଗ କରାଯାଇଛି। ଯାଜପୁର ଓ କେନ୍ଦୁଝରରେ ୫୧ କୋଟି ଟଙ୍କାର ପାର୍କ ନିର୍ମାଣ କରାଯାଇଛି ଯାହାର କୌଣସି ଚିହ୍ନବର୍ଣ୍ଣ ନାହିଁ।





ସୁନ୍ଦରଗଡ଼ର ଏକ ହସ୍ପିଟାଲକୁ କୋଭିଡ୍ ସମୟରେ ବିଲ୍ ପରିମାଣଠାରୁ ୧୦ କୋଟି ଟଙ୍କା ଅଧିକ ଦେବା, କୌଣସି ଅଭିଜ୍ଞତା ନ ଥିବା ସଂସ୍ଥା ହାତରେ ୭କୋଟିରୁ ଅଧିକ ଟଙ୍କା ଦେଇ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବାର ଠିକା ଦେଇଦେବା ଭଳି ଦୁର୍ନୀତି ବିଜେଡି ସମୟରେ ହୋଇଥିବା କଥା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ସେହିଭଳି ସୁନ୍ଦରଗଡ଼ରରେ ୧୨ କୋଟି ଟଙ୍କା ଖର୍ଚ୍ଚ କରାଯାଇ ମହୁଚାଷ କରାଯାଇଛି ଯେଉଁଠି ନା ମହୁମାଛି ଅଛନ୍ତି, ନା ମହୁଚାଷୀ ଅଛନ୍ତି, ନା ମହୁବାକ୍ସ ରହିଛି। କେବଳ ସେତିକି ନୁହେଁ ଡାକ୍ତରଖାନା ପାଇଁ ଜିନିଷ କିଣା, କୋଚିଂ ସେଂଟର ନାଁରେ ଅର୍ଥ ହେରଫେର ବିଷୟ ସିଏଜି ଧରିଛନ୍ତି। ସାମଗ୍ରୀକ ଭାବେ ଆକଳନ କଲେ ପାଖାପାଖି ୨୮୮୦ କୋଟି ଟଙ୍କାର ଡିଏମ୍‌ଏଫ୍ ଅର୍ଥ ହେରଫେର କଥା ସିଏଜି ସାମ୍ନାକୁ ଆଣିଛନ୍ତି ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି। ବିଜୁ ଜନତା ଦଳ ଏବେ ଏମ୍‌ଏମ୍‌ଡିଆର ଆକ୍ଟକୁ ନେଇ ଖଣି ପ୍ରଭାବିତ ଅଂଚଳର ସ୍ୱାର୍ଥହାନୀ ହେବ ବୋଲି ଜନସାଧାରଣ ନିକଟରେ ଭ୍ରମ ସୃଷ୍ଟି କରୁଛି। କିନ୍ତୁ ସିଏଜି ରିପୋର୍ଟ ପ୍ରମାଣିତ କରୁଛି ଯେ, ସେମାନେ ଯେତେବେଳେ ସରକାରରେ ଥିଲେ କିଭଳି ଭାବରେ ଖଣି ପ୍ରଭାବିତ ଅଂଚଳର ବିକାଶ ପାଇଁ ଥିବା ଅର୍ଥକୁ ନିଜ ପକେଟରେ ପୁରାଉଥିଲେ।

# ପୂର୍ବ ଭାରତର କିଟ୍ ସର୍ବଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର, ୫।୧୦ (ମହାଭାରତ):** ଟାଇମ୍‌ସ ହାୟର ଏଜୁକେସନ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ -୨୦୨୭ରେ କିଟ୍ ବିଶ୍ୱବିଦ୍ୟାଳୟ ପୁଣିଥରେ ତା'ର ଉତ୍କର୍ଷତା ପ୍ରତିପାଦନ କରି ଭାରତର ସମସ୍ତ ଘରୋଇ ଓ ସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ୪ର୍ଥ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ହେବାର ଗୌରବ ଅର୍ଜନ କରିଥିବା ବେଳେ ପୂର୍ବ ଭାରତର ସର୍ବଶ୍ରେଷ୍ଠ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଛି। ଟାଇମ୍‌ସ ହାୟର ଏଜୁକେସନ-୨୦୨୭ ର୍‍ୟାଙ୍କିଙ୍ଗରେ କିଟ୍ ବିଶ୍ୱବିଦ୍ୟାଳୟ ସମଗ୍ର ବିଶ୍ୱରେ ଉଲ୍ଲେଖନୀୟ ଭାବେ ୫୦୧+ ର୍‍ୟାଙ୍କରେ ଅଛି। ଏହି ର୍‍ୟାଙ୍କିଙ୍ଗରେ କିଟ୍‌ର ନିରନ୍ତର ଅଭିବୃଦ୍ଧି ସହିତ ଶିକ୍ଷାଦାନର ମାନ, ଗବେଷଣା, ଇଣ୍ଡଷ୍ଟ୍ରି ଏନଗେଜମେଣ୍ଟ ଏବଂ ଅନ୍ତର୍ଜାତୀୟ ଦୃଷ୍ଟିକୋଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପ୍ରତିଫଳିତ ହୋଇଛି। ଏହି ସଫଳତା କିଟ୍ ନେତୃତ୍ୱର ଦୂରଦୃଷ୍ଟି, ଅଧ୍ୟାପକ-ଅଧ୍ୟାପିକାଙ୍କ ନିଷ୍ଠା, ଗବେଷଣା କ୍ଷେତ୍ରରେ ସଫଳତା ଏବଂ





ବିଶ୍ୱସ୍ତରରେ ଛାତ୍ରଛାତ୍ରୀଙ୍କ ଆକର୍ଷଣ ପ୍ରତିପାଦନ କରୁଛି। ଏହି ସଫଳତାରେ ଖୁସି ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ରାଜ୍ୟର ଏକ ବିଶ୍ୱବିଦ୍ୟାଳୟ ବିଶ୍ୱର ୫ଶହ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଉ ବୋଲି ପ୍ରତ୍ୟେକ ରାଜ୍ୟ ଆଶା ପୋଷଣ କରିଥାନ୍ତି। ଅନ୍ୟ ବିଶ୍ୱବିଦ୍ୟାଳୟ ତୁଳନାରେ କିଟ୍ ଅଳ୍ପ ବର୍ଷର ଏକ ବିଶ୍ୱବିଦ୍ୟାଳୟ ହୋଇଥିଲେ ମଧ୍ୟ ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଇବା ଆନନ୍ଦର ବିଷୟ। କିଟ୍‌ର ଏହି ସଫଳତା ବିଶେଷ କରି ଓଡ଼ିଶା ତଥା ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଶ୍ରୀ ସାମନ୍ତ କହିଛନ୍ତି। ଏହି ର୍‍ୟାଙ୍କିଙ୍ଗରେ ଭାରତର ୧୪୩ଟି ବିଶ୍ୱବିଦ୍ୟାଳୟ ରହିଥିବା ବେଳେ ୧୧୮ ଦେଶର ମୋଟ ୨୨୯୭ଟି ବିଶ୍ୱବିଦ୍ୟାଳୟ ଏଥିରେ ଅଂଶ ଗ୍ରହଣ କରିଥିଲେ।

# ଅଙ୍ଗନୱାଡ଼ି କର୍ମୀଙ୍କ ବିଶାଳ ବିକ୍ଷୋଭ ଓ ଦାବିପତ୍ର

**ଭୁବନେଶ୍ୱର, ୫।୧୦ (ମହାଭାରତ):** ଅଙ୍ଗନୱାଡ଼ି କର୍ମୀ ସହାୟିକାଙ୍କ ବିଭିନ୍ନ ଦାବିନେଇ ଆଜି ବିଧାନସଭା ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ଅଙ୍ଗନୱାଡ଼ି କର୍ମୀ ସହାୟିକା ମାଷ୍ଟରକ୍ୟାଣ୍ଟିନ୍ ଛକଠାରୁ ଶୋଭାଯାତ୍ରାରେ ବାହାରି ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ସ୍ଥଳରେ ବିଜୟ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦିକା ହରପ୍ରିୟା ସ୍ୱାଇଁ ବିଭିନ୍ନ ଦାବି ଉପରେ ଆଲୋଚନା କରିଥିଲେ। ଅଙ୍ଗନୱାଡ଼ି କର୍ମୀ ସହାୟିକାଙ୍କ ବିଭିନ୍ନ ଦାବି ଯଥା - ଗତ ନିର୍ବାଚନ ସମୟରେ ଭତ୍ତା ବୃଦ୍ଧି ପାଇଁ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲେ ମଧ୍ୟ ଭତ୍ତା ବୃଦ୍ଧି ନକରିବା, ଦୁର୍ନୀତିକୁ ରୋକିବା ନାଁରେ ନୂଆ ପ୍ରଯୁକ୍ତି ବିଦ୍ୟା ଆଳରେ ନୂଆ ନୂଆ କାର୍ଯ୍ୟଭାର ଲଦି ଦେବା, ବଜାର ଦର ଅନୁସାରେ ପ୍ରାପ୍ୟ ନଦେଇ ବିଭିନ୍ନ ଆଳ ଦେଖାଇ ନୂଆ ନୂଆ ଆଇନ୍ ଲାଗୁ କରାଯିବା।

FRSରେ ଅପଲୋଡ କଲେ କର୍ମୀମାନେ ଟେକ୍‌ନିକାଲ୍ କାରଣ ଯୋଗୁଁ କୌଣସି ଏକ ଦିନ ପୋଷଣ ଟ୍ରାକରରେ ଦୃଶ୍ୟମାନ ହୋଇ ପାରୁନଥିବାରୁ ବହୁ ପ୍ରକଳ୍ପରେ କର୍ମୀମାନଙ୍କର ମାସ ମାସର ଦରମା ବନ୍ଦ କରିବା ବିରୁଦ୍ଧରେ ଏବଂ ବିଭାଗୀୟ ଚିଠି ନଂ ୨୧୩୫୧ ତା ୩.୮.୨୦୨୬ ରିଖରେ ଏକ ନିର୍ଦ୍ଦେଶନାମା ପ୍ରଦାନ କରାଯାଇଛି ଯେଉଁଥିରେ ମେ୨/୨୦୦୭ ମସିହାର ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ସଂଶୋଧିତ ନିର୍ଦ୍ଦେଶନାମାର ପାରା ୪ରେ ଥିବା ଅଙ୍ଗନୱାଡ଼ି କାର୍ଯ୍ୟରୁ ବହିଷ୍କାର ସମ୍ବନ୍ଧୀୟ ୫୫ ଓ ତତୁର୍ଦ୍ଧ ବୟସର କର୍ମୀଙ୍କ ୬୨ବର୍ଷ କାର୍ଯ୍ୟଧାରାକୁ ପ୍ରତିବର୍ଷ ସମୀକ୍ଷା କରି ନିର୍ଦ୍ଦେଶନାମାର ପ୍ରତ୍ୟାହାର ଆଦି ଦାବି ଉପରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଏହା ଉପରେ ବିହିତ ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଗତ ୨୯ତାରିଖରେ ମହିଳା ଓ ଶିଶୁବିକାଶ ସଚିବଙ୍କ ନିମନ୍ତ୍ରଣକ୍ରମେ ଏକ ପ୍ରତିନିଧିମଣ୍ଡଳି ହରପ୍ରିୟା ସ୍ୱାଇଁଙ୍କ ନେତୃତ୍ୱରେ ଭେଟି ଉପରୋକ୍ତ ଦାବିଗୁଡ଼ିକ ସମାଧାନ ପାଇଁ ଦାବି କରିଥିଲେ। ବିଭିନ୍ନ ଦାବି ଯଥା ୫୫ବର୍ଷ ପରେ ସମୀକ୍ଷାର ପ୍ରତ୍ୟାହାର, ପୋଷଣ ବାବଦେ ବନ୍ଦ ଥିବା ଦରମା ପ୍ରଦାନ। ସମସ୍ତ ପ୍ରାପ୍ୟ ଯଥା ପୋଷଣ, ମୋବାଇଲ୍ ଦେୟ ପ୍ରଦାନ, ଓ ଅନ୍ୟାନ୍ୟ ବନ୍ଦ ହୋଇଥିବା ଦରମା ତୁରନ୍ତ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେବା ସହ ନଭେମ୍ବର ମାସରେ ମୋବାଇଲ୍ ରିଚାର୍ଜ ଦେୟ ବୃଦ୍ଧି ସହ ଦରମା ବୃଦ୍ଧି ଖୁବ୍‌ଶୀଘ୍ର ଘୋଷଣା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ମହାନଦୀ ଜଳ ବିବାଦ ସମାଧାନ ନିଷ୍ପତ୍ତିକୁ ସାର୍ବଜନୀନ କରାଯାଉ

**ଭୁବନେଶ୍ୱର, ୫।୧୦ (ମହାଭାରତ):** ମହାନଦୀ ଜଳ ବିବାଦର ସମାଧାନ ଖୋଜିବା ପାଇଁ ନୂଆଦିଲ୍ଲୀରେ ଆଜି କେନ୍ଦ୍ର ଗୃହମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସୁଥିବା ବୈଠକରେ ଓଡିଶା ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଯୋଗ ଦେଉଥିବା ବେଳେ,ଏହି ବୈଠକରେ ନିଆଯାଉଥିବା ନିଷ୍ପତ୍ତିକୁ ସାର୍ବଜନୀନ କରିବାକୁ ବିଜେଡି ଦାବି କରିଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ଼ ଅରୁଣ କୁମାର ସାହୁ କହିଥିଲେ ଯେ, ମହାନଦୀ ଜଳ ବିବାଦ ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ, ଏହି ବୈଠକର ନିଷ୍ପତ୍ତି ରାଜ୍ୟବାସୀଙ୍କୁ ଜଣାଇବା ଜରୁରୀ । ତେଣୁ ବୈଠକରେ ନିଆଯାଉଥିବା ନିଷ୍ପତ୍ତି ଗୁଡିକୁ ସାର୍ବଜନୀନ କରାଯାଉ । ଓଡ଼ିଶାରେ ପଞ୍ଚାୟତ ଓ ପୌର ନିର୍ବାଚନ ନିକଟତର ହୋଇଥିବାରୁ, କେବଳ ଧର୍ମକୁ ଆଖିଠାର ସଦୃଶ୍ୟ ଏହି ବୈଠକକୁ ଆୟୋଜିତ କରି ବିବାଦର ସମାଧାନ ହୋଇଗଲା ବୋଲି କୁହାନଯାଉ । ଦୀର୍ଘ ୧୨ ବର୍ଷ ହେଲାଣି କେନ୍ଦ୍ର ବିଜେପି ନେତୃତ୍ୱାଧୀନ ସରକାର ଥିବାବେଳେ, ୨୦୨୪ ନିର୍ବାଚନରେ ଓଡିଶା ଓ ଛତିଶଗଡ଼ରେ ବିଜେପି ସରକାର ହୋଇଥିଲା । ଟ୍ରିପଲ ଇଞ୍ଜିନ ସରକାର ଥିବାରୁ ମହାନଦୀ ଜଳ ବିବାଦର ସମାଧାନର ସମ୍ଭାବନା ବୃଦ୍ଧି ପାଇଥିଲା ।





କିନ୍ତୁ ପରବର୍ତ୍ତୀ ସମୟରେ ଏହାର ସମାଧାନ ଦିଗରେ କୌଣସି ତତ୍ପରତା ଦେଖିବାକୁ ମିଳିନଥିଲା । ଟ୍ରିବ୍ୟୁନାଲ ମାଧ୍ୟମରେ ବା ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ହେବ ସେନେଇ କୌଣସି ସ୍ୱଷ୍ଟତା ଆସିପାରି ନାହିଁ । ଯେଉଁ କାରଣରୁ ରାଜ୍ୟରେ ବିଜେପି କ୍ଷମତାକୁ ଆସିବାର ଅଢେଇ ବର୍ଷ ବିତିଯିବା ପରେ ମଧ୍ୟ ବିବାଦ ଯେଉଁଠାରେ ଥିଲା ସେଇଠାରେ ରହିଛି। ଡ଼ ସାହୁ ଆହୁରି କହିଥିଲେ ଯେ, ଛତିଶଗଡ଼ ଦ୍ୱାରା ବେଆଇନ ଭାବେ ବ୍ୟାରେଜ, ଆନିକଟ ଓ ବାଲିବନ୍ଧ ଇତ୍ୟାଦି ଉପର ମୁଣ୍ଡରେ ନିର୍ମାଣ କରାଯିବାରୁ, ମହାନଦୀ ଜଳ ବିବାଦ ସୃଷ୍ଟି ହୋଇଥିଲା । ଅଣମୌସୁମୀ ସମୟରେ ମହାନଦୀ ଓ ଏହାର ଶାଖା ନଦୀ ଗୁଡିକରେ ଜଳ ଶୁଖି ଯାଉଛି । ଚଳିତବର୍ଷ ମୌସୁମୀ ସମୟରେ ମହାନଦୀରେ ଜଳସ୍ତର ବୃଦ୍ଧି ପାଇବା ପରେ, ଛତିଶଗଡ଼ ଦ୍ୱାରା ଓଡିଶାକୁ କୌଣସି ସୂଚନା ନଦେଇ ଗେଟ୍ ଖୋଲିଦେବାରୁ ଓଡ଼ିଶାରେ ମହାନଦୀ ଓ ଏହାର ଶାଖା ନଦୀରେ ବନ୍ୟା ଆସିଥିଲା । ଏଥିରୁ ସ୍ୱଷ୍ଟ ହେଉଛି ଯେ, ଛତିଶଗଡ଼ ଓ ଓଡିଶା ସରକାର ମଧ୍ୟରେ ଆବଶ୍ୟକୀୟ ସମନ୍ୱୟ ରହୁନାହିଁ । ଏହି ପରିପ୍ରେକ୍ଷୀରେ, ଆଜି ବସୁଥିବା ବୈଠକ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଏହି ପ୍ରସଙ୍ଗରେ ସ୍ୱାଭାବିକ ଭାବେ କେତେ ଗୁଡିଏ ପ୍ରଶ୍ନ ସାମ୍ନାକୁ ଆସୁଛି, ଯାହାର ଉତ୍ତର ଆସିବା ଦରକାର । ଅଣମୌସୁମୀ ସମୟରେ ଓଡିଶାକୁ ଆବଶ୍ୟକ ହେଉଥିବା ଜଳ ମିଳିବ କି ନାହିଁ । ବେଆଇନ ଭାବେ ନିର୍ମିତ ହୋଇଥିବା ବ୍ୟାରେଜ ଗୁଡିକର ସ୍ଥିତି କ'ଣ ରହିବ । ମହାନଦୀରୁ ଶିଳ୍ପ ଅନୁଷ୍ଠାନକୁ କେତେ ପରିମାଣର ଜଳ ଛତିଶଗଡ଼ ସରକାର ଦେଉଛନ୍ତି ତାହା ମଧ୍ୟ ଲୋକଲୋଚନକୁ ଆସିବା ଦରକାର । ତେଣୁ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ବା ସ୍ୱାକ୍ଷରିତ ହେବାକୁ ଥିବା ବୁଝାମଣା ପତ୍ରକୁ ସାର୍ବଜନୀନ କରିବା ଅତ୍ୟନ୍ତ ଜରୁରୀ ।

# ପୁଞ୍ଜିନିବେଶ ଲାଗି ଆଗ୍ରହ

ସରକାର ଦେଶ ବିଦେଶରୁ ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଞ୍ଜି ସଂଗ୍ରହ ନିମନ୍ତେ ପ୍ରୟାସ କରିଛନ୍ତି। କିଛି ପ୍ରତିଶ୍ରୁତି ମିଳିଛି। କିଛି କାର୍ଯ୍ୟକାରୀ ହେବାର ଆଶା ମଧ୍ୟ ସୃଷ୍ଟି ହୋଇଛି। କିନ୍ତୁ ଏହି ସ୍ୱପ୍ନ ଦିବା ସ୍ୱପ୍ନ ହେବ ନା ବାସ୍ତବରେ ଏହା ଓଡ଼ିଶାର ଭାଗ୍ୟ ବଦଳାଇବାରେ ସହାୟକ ହେବ ତାହା ଭବିଷ୍ୟତ କହିବ। ବିକାଶ ପାଇଁ ପୁଞ୍ଜିର ଆବଶ୍ୟକତା ରହିଛି ଏବଂ ଏହି ପୁରା ବୋଝ ସରକାର ବହନ କରିପାରିବେ ନାହିଁ। ଏଥିଲାଗି ଘରୋଇ କ୍ଷେତ୍ରରୁ ପୁଞ୍ଜି ଆସିବା ଜରୁରୀ। ତାହାର ସଦୁପଯୋଗ ହେବା ମଧ୍ୟ ଆବଶ୍ୟକ। ଯିଏ ପୁଞ୍ଜିବିନିଯୋଗ କରିବ ସେ ତାର ଫାଇଦା ମଧ୍ୟ ଦେଖିବ। ତାକୁ ସବୁ ସୁବିଧା ସୁଯୋଗ ଦେବାର ଆବଶ୍ୟକତା ରହିଛି। ଜଣେ ଘରୋଇ ନିବେଶକାରୀ ବା ବ୍ୟବସାୟୀ କାହିଁକି ପୁଞ୍ଜିନିବେଶ କରିବ ? ରାଜ୍ୟର ବିକାଶ, ନିଯୁକ୍ତି ସୁବିଧା ପ୍ରଦାନ ତାଙ୍କର ଦାୟିତ୍ୱ ବା କର୍ତ୍ତବ୍ୟ ନୁହେଁ। ରାଜ୍ୟର ବିକାଶ ସହିତ ତାଙ୍କର ନିଜର କିଛି ବ୍ୟବସାୟିକ ଫାଇଦା ମଧ୍ୟ ହେବା ଆବଶ୍ୟକ। ନଚେତ ନିବେଶ ଓ ପରିଶ୍ରମର କିଛି ମୂଲ୍ୟ ରହିବ ନାହିଁ। ଏକ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଜମି ଆବଶ୍ୟକ। ଏହି ଜମି ମରୁଭୂମିରୁ ଆସିବ ନାହିଁ। ଜଙ୍ଗଲ ଅନାବାଦୀ ବା କିଛି କୃଷି ଜମି ଏଥିଲାଗି ଅଧିଗ୍ରହଣ କରିବାକୁ ପଡ଼ିବ। କିନ୍ତୁ ଏଥିଲାଗି ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅନୁମୋଦନ ଏବଂ ଜନଶୁଣାଣୀ ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ସମ୍ମତିର ଆବଶ୍ୟକତା ମଧ୍ୟ ରହିଛି। ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଶିଳ୍ପ ପ୍ରତିଷ୍ଠା ହେଲେ ସେଠାକାର ଲୋକଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷରେ ନିଯୁକ୍ତି ମିଳିବ। କିନ୍ତୁ ସମସ୍ତଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ଦେବା ସମ୍ଭବ ନୁହେଁ। ଏଥିପାଇଁ ଦକ୍ଷ ଏବଂ ବୈଷୟିକ ଜ୍ଞାନଥିବା ବ୍ୟକ୍ତିଙ୍କର ଆବଶ୍ୟକତା ରହିଛି। ତେଣୁ ବିନା ଶିକ୍ଷା ବା ତାଲିମ ପାଇନଥିବା ବ୍ୟକ୍ତିଙ୍କୁ ନିଯୁକ୍ତି ସମ୍ଭବ ନୁହେଁ। ଆଜି କାଲି ଶିଳ୍ପ ସଂସ୍ଥାରେ ବହୁ ଲୋକଙ୍କୁ ନିଯୁକ୍ତି ମିଳୁଛି। ଅନେକ କାମ ମେସିନ ଦ୍ୱାରା ହେଉଛି। ତା ଛଡ଼ା ଶିଳ୍ପ ପାଇଁ ଯେଉଁମାନେ ଜମି ହରାଉଛନ୍ତି, ସେମାନଙ୍କୁ ଏକ ସୀମା ଭିତରେ କ୍ଷତିପୂରଣ ମିଳିପାରିବ। କିନ୍ତୁ ଯଦି ଜମିହରା ବିସ୍ଥାପିତମାନେ ବାସ୍ତବ ମୂଲ୍ୟଠାରୁ ୧୦ଗୁଣ ଅଧିକ ମୂଲ୍ୟ ଦାବି କରିବେ ତେବେ ପ୍ରକଳ୍ପ ପ୍ରତିଷ୍ଠା ସମ୍ଭବ ହୋଇପାରିବ ନାହିଁ। ଏହା ହେଉଛି ବାସ୍ତବ ସମସ୍ୟା। କେବଳ ଓଡ଼ିଶା ନୁହେଁ, ସାରା ଦେଶରେ ସମାନ ପରିସ୍ଥିତି। ନିକଟରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଟିମ ସହ ୟୁଏଇ ଗସ୍ତରେ ଯାଇ ଅନେକ ଶିଳ୍ପ ଗୋଷ୍ଠୀ ଏବଂ ନିବେଶକାରୀଙ୍କ ସହ ଆଲୋଚନା କରି ଫେରିଛନ୍ତି। ଗସ୍ତରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ତାଙ୍କ ଗସ୍ତର ସଫଳତା ସମ୍ପର୍କରେ ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇଛନ୍ତି। ତାଙ୍କ କହିବାନୁଯାୟୀ ଏହି ଗସ୍ତରେ ରାଜ୍ୟ ସରକାର ୮ଟି ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହା ଦ୍ୱାରା ଓଡ଼ିଶାକୁ ୨.୪୩ ଲକ୍ଷ କୋଟିର ପୁଞ୍ଜି ଆସିବ। ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ପ୍ରାୟ ୬ଲକ୍ଷ ଯୁବକ ଯୁବତୀ ନିଯୁକ୍ତି ସୁଯୋଗ ପାଇବେ। ଯଦି ମୁଖ୍ୟମନ୍ତ୍ରୀଙ୍କ କଥା ସତ୍ୟ ହୁଏ ତେବେ ଏହା ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ। କିନ୍ତୁ ବାସ୍ତବରେ ଏହା କେତେଦୂର କାର୍ଯ୍ୟକାରୀ ହେବ ତାହା ବଡ଼ ପ୍ରଶ୍ନ। ପୂର୍ବରୁ ମୁଖ୍ୟମନ୍ତ୍ରୀ କୋଲକାତା ଗସ୍ତରେ ଯାଇ ନିବେଶକ ସମ୍ମିଳନୀରେ ଯୋଗ ଦେଇଥିଲେ। ତାଙ୍କ ଉପସ୍ଥିତିରେ ଓଡ଼ିଶା ସରକାର ଏବଂ ଏକାଧିକ ରାଷ୍ଟ୍ରାୟତ ବା ଘରୋଇ ଶିଳ୍ପ ସଂସ୍ଥା ସହ ମୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ସେଠାରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଲକ୍ଷେ କୋଟିର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିବା କହିଥିଲେ। ଏହା ପୂର୍ବରୁ ହାଇଦ୍ରାବାଦରେ ମଧ୍ୟ ଏଭଳି ସମ୍ମିଳନୀ ହୋଇଥିଲା। ଉଭୟ କୋଲକାତା ଏବଂ ହାଇଦ୍ରାବାଦର ନିବେଶକ ସମ୍ମିଳନୀ ସଫଳ ହୋଇଛି ବୋଲି ସେ କହିଥିଲେ। ଏସବୁ ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ରାଜ୍ୟରେ ପ୍ରାୟ ଦେଢ଼ଲକ୍ଷ ଯୁବକ ଯୁବତୀ ନିଯୁକ୍ତି ସୁଯୋଗ ପାଇବେ। କୋଲକାତାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅନେକ ଶିଳ୍ପ ସଂସ୍ଥା ତଥା ନିବେଶକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଆଲୋଚନା ବେଳେ ଅନେକ ଓଡ଼ିଶାରେ ପୁଞ୍ଜିନିବେଶ ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ପ ଏହା ସ୍ୱାଗତଯୋଗ୍ୟ। ଅବଶ୍ୟ ଏଥିରେ କିଛି ନୂତନତ୍ୱ ନାହିଁ।

> "
>
> ଅଷ୍ଟ୍ରୀୟ ବିଜ୍ଞାନୀ କାର୍ଲ ଲାଣ୍ଡଷ୍ଟେଇନ୍‌ର ୧୯୦୧ ମସିହାରେ ପ୍ରଥମ ତିନିଟି ରକ୍ତବର୍ଗ (ଓ, ଏ, ଏବଂ ବି) ଆବିଷ୍କାର କରିଥିଲେ । ତାଙ୍କ ଜନ୍ମଦିନକୁ 'ବିଶ୍ୱ ରକ୍ତଦାନ ଦିବସ' ଭାବେ ପାଳନ କରାଯାଏ । ମଣିଷ ରକ୍ତକୁ ଆଠଟି ବର୍ଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା ଓ+, ଓ-, ଏ+, ଏ, ବି+, ବି- ଏବଂ ଏବି।

# ରକ୍ତଦାତାଙ୍କ ପାଇଁ ଆହ୍ୱାନ

**।। ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ।।**

ରକ୍ତଦାନ ଦ୍ୱାରା ସାମାଜିକ ସେବା ଦାୟିତ୍ୱବୋଧତାର ଅଙ୍ଗୀକାରତାକୁ ସମାଜରେ ଦିଗ୍‌ଦର୍ଶନ ଦେବା ପାଇଁ ଯେଉଁ ମହାନ କ୍ରାନ୍ତୀଦର୍ଶୀ ଏହି ଦିବସଟିକୁ ସ୍ମରଣୀୟ କରିଥିଲେ ତାଙ୍କରି ପାଇଁ ବିଶ୍ୱ ରକ୍ତଦାତା ଦିବସର ମହତ୍ତ୍ୱ ଅନୁରଣିତ ହେଉଛି । ସଂପ୍ରତି ସମଗ୍ର ବିଶ୍ୱରେ ଦିନକୁ ଦିନ ପ୍ରାକୃତିକ ବିପର୍ଯ୍ୟୟ, ସଡ଼କ ଦୁର୍ଘଟଣା ଓ ସାମାଜିକ ଅଘଟଣ କ୍ଷେତ୍ରରେ ଲୋଡ଼ା ପଡୁଛି ଅମୂଲ୍ୟ ରକ୍ତ । ଯଥାର୍ଥରେ କୁହାଯାଏ ରକ୍ତଦାନ ଶ୍ରେଷ୍ଠ ଦାନ । ରକ୍ତର ବିକଳ୍ପ ନାହିଁ । ତେବେ ଆଜି ଏହି ରକ୍ତ ସଂକଟ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଯେତିକି ଚିନ୍ତାଗ୍ରସ୍ତ କରୁଛି ତତୋଧିକ ଉଦ୍‌ବେଳିତ କରୁଛି ମୁମୂର୍ଷୁଟିକୁ । ଦିନକୁ ଦିନ ଅଭାବନୀୟ ଘଟଣାଚକ୍ରରେ ଖୋଜା ପଡୁଥିବା ରକ୍ତ ଖୁବ୍ କମ ମାତ୍ରାରେ ମିଳୁଥିବାରୁ ଏହାକୁ ନେଇ ଅଧିକାଂଶ କ୍ଷେତ୍ରରେ ମୁମୂର୍ଷୁଟିର ଜୀବନ ଦୀପ ନିର୍ବାପିତ ହେଉଛି । ସରକାରୀସ୍ତର ଆଉ ବେସରକାରୀସ୍ତରରେ ରକ୍ତଦାନ ଶିବିର ବ୍ୟାପକ ଭାବରେ ଆୟୋଜିତ ହେବା ସହ ଏ ନେଇ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ବିଶ୍ୱ ରେଡ଼କ୍ରସ ସଂସ୍ଥା ସହିତ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟ ବିଭାଗର ପରିଚାଳନାରେ ରକ୍ତ ଭଣ୍ଡାର ମଧ କାର୍ଯ୍ୟ କରୁଛି । ସେହିପରି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସମାଜସେବୀ ଅନୁଷ୍ଠାନ ଓ ଆଧାତ୍ମିକ ସେବା ସଂଗଠନ ମାନେ ଏହି ମହାର୍ଘ୍ୟ ସେବାଦାନକୁ ଆପଣାଇ ନିୟମିତ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । ସାଧାରଣରେ ଦେଖାଯାଇଥାଏ ରକ୍ତ ସଂଗ୍ରହ କ୍ଷେତ୍ରରେ ଯୁବପିଢ଼ୀଙ୍କ ସହଯୋଗ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ରକ୍ତସଂଗ୍ରହ କ୍ଷେତ୍ରରେ କୁସଂସ୍କାର, ଅନ୍ଧବିଶ୍ୱାସ, ଭୁଲଭ୍ରାନ୍ତିକୁ ସେହିମାନେ ନିଜର ସଂସ୍କାରଭିମୁଖୀ ଚିନ୍ତା ଓ ଚେତନାରେ ସମସ୍ତଙ୍କୁ ବୁଝାଇବାର ସାମର୍ଥ୍ୟ ରଖି ନିଜେ ସର୍ବପ୍ରଥମ ଏହି ସେବା ପାଇଁ ନିଜକୁ ଉତ୍ସର୍ଗ କରୁଛନ୍ତି । ଯୁବ ପିଢ଼ୀଙ୍କ ଏହି ମହାର୍ଘ୍ୟ ସେବା ନିଶ୍ଚିତ ଭାବରେ ଆମ ସମାଜର ସମସ୍ତଙ୍କ ପ୍ରେରଣାର ଆଲୋକବର୍ତ୍ତିକା ।

ଅଷ୍ଟ୍ରୀୟ ବିଜ୍ଞାନୀ କାର୍ଲ ଲାଣ୍ଡଷ୍ଟେଇନ୍‌ର ୧୯୦୧ ମସିହାରେ ପ୍ରଥମ ତିନିଟି ରକ୍ତବର୍ଗ (ଓ, ଏ, ଏବଂ ବି) ଆବିଷ୍କାର କରିଥିଲେ । ତାଙ୍କ ଜନ୍ମଦିନକୁ 'ବିଶ୍ୱ ରକ୍ତଦାନ ଦିବସ' ଭାବେ ପାଳନ କରାଯାଏ । ମଣିଷ ରକ୍ତକୁ ଆଠଟି ବର୍ଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା ଓ+, ଓ-, ଏ+, ଏ, ବି+, ବି- ଏବଂ ଏବି। ବିଶ୍ୱରେ ପ୍ରତି ୩ଜଣରେ ଜଣେ ଓ+, ପ୍ରତି ୧୫ ଜଣରେ ଜଣେ ଓ-, ପ୍ରତି ୩ ଜଣରେ ଜଣେ ଏ+, ପ୍ରତି ୧୬ ଜଣରେ ଜଣେ ଏ-, ପ୍ରତି ୧୨ ଜଣରେ ଜଣେ ବି+, ପ୍ରତି ୬୭ଜଣରେ ଜଣେ ବି-, ପ୍ରତି ୨୯ଜଣରେ ଜଣେ ଏବି+ ଏବଂ ପ୍ରତି ୧୬୭ ଜଣରେ ଜଣେ ଏବି- ରକ୍ତବର୍ଗର ମଣିଷ ଅଛନ୍ତି ଓ- ବର୍ଗର ରକ୍ତ ଯେ କୌଣସି ରକ୍ତବର୍ଗ ଥିବା ମଣିଷ ଗ୍ରହଣ କରିପାରନ୍ତି । ଏଣୁ ଏହାର ଚାହିଦା ସର୍ବାଧିକ । ତେବେ ମାତ୍ର ୭ ପ୍ରତିଶତ ଭାରତୀୟ ଏହି ବର୍ଗର ରକ୍ତଧାରୀ । ପ୍ରତ୍ୟେକ ସୁସ୍ଥ ସବଳ ପ୍ରାପ୍ତ ବୟସ୍କ ମଣିଷ ଶରୀରରେ ପ୍ରାୟ ୧୦ ୟୁନିଟ୍ ବା ୧୦ ପିଣ୍ଟ ରକ୍ତ ଥାଏ । ସେ ଚାହିଁଲେ ପ୍ରତି ୫୬ ଦିନରେ ଥରେ ମାତ୍ର ୧ ପିଣ୍ଟ ରକ୍ତଦାନ କରିପାରେ । ଉଲ୍ଲେଖଯୋଗ୍ୟ ଯେ ହୃଦୟର ଶଲ୍ୟ ଚିକିତ୍ସା ବା ହାର୍ଟ ସର୍ଜରୀ ବେଳେ ୬ ପିଣ୍ଟ ରକ୍ତ, ଅସ୍ଥିମଜ୍ଜା ପ୍ରତିରୋପଣ ବେଳେ ୨ ପିଣ୍ଟ ରକ୍ତ ଏବଂ ଲିଭର ପ୍ରତିରୋପଣ ବେଳେ ୧୦ ପିଣ୍ଟ ରକ୍ତ ଆବଶ୍ୟକ ହୋଇଥାଏ । ତା'ଛଡ଼ା ସଡ଼କ ଦୁର୍ଘଟଣା ଓ ଅଗ୍ନି ଦ୍ୱାରା ଗୁରୁତର ଆହତ ହେଉଥିବା ଲୋକଙ୍କ ପାଇଁ ମଧ ୫୦ ପିଣ୍ଟ ପର୍ଯ୍ୟନ୍ତ ରକ୍ତ ଦରକାର ହୋଇଥାଏ । ରକ୍ତଦାନ ସମ୍ପର୍କରେ ରକ୍ତଦାତା ଓ ରକ୍ତ ନେଉଥିବା ଲୋକଙ୍କ ଭିତରେ ଅନେକ ଭୁଲ ଧାରଣା ଓ ଅନ୍ଧବିଶ୍ୱାସ ରହିଥାଏ । ପ୍ରତ୍ୟେକ ମଣିଷ ଶରୀରରେ ରକ୍ତର ବିଭିନ୍ନ ଉପାଦାନ ୧୨୦ ଦିନ ପର୍ଯ୍ୟନ୍ତ ରହିଲା ପରେ ନଷ୍ଟ ହୋଇଯାଏ । ଶ୍ୱେତରକ୍ତ କଣିକା ମାତ୍ର ସାତ ଘଣ୍ଟା ଶରୀରରେ ରହିପାରୁଥିବା ବେଳେ, ପ୍ଲାଟିଲେଟ ପାଞ୍ଚଦିନ ଓ ଲୋହିତ ରକ୍ତକଣିକା ପାଖାପାଖି ଚାରିମାସ ଶରୀରରେ ରହିଲା ପରେ ନଷ୍ଟ ହୋଇଯାଏ । ସବୁଠାରୁ ବଡ଼ କଥା ହେଉଛି ଜଣେ ରକ୍ତଦାତା ରକ୍ତଦାନ କରିବାର ପନ୍ଦର ଦିନ ଭିତରେ ତାଙ୍କ ଶରୀରରେ ଦାନ କରିଥିବା ରକ୍ତର ଭରଣା ହୋଇଯାଇଥାଏ । ସେହିପରି ନିୟମିତ ରକ୍ତଦାନ କରିବା ଦ୍ୱାରା ଶରୀରରୁ ଚର୍ବିର ଅଂଶ କମ୍ ହୋଇଯିବା ସହ ହୃଦରୋଗ ଓ ଉଚ୍ଚରକ୍ତଚାପର ସମ୍ଭାବନା ହ୍ରାସ ପାଇଥାଏ । ସେହିପରି ରକ୍ତଦାନ କରିବାବେଳେ ରକ୍ତଦାତାର ରକ୍ତପରୀକ୍ଷା ହେଉଥିବାରୁ ଏହା ଦ୍ୱାରା ହେପାଟାଇଟିସ୍, ମ୍ୟାଲେରିଆ, ଡାଇବେଟିସ ଓ ଏଚ୍‌ଆଇଭି ପରି ବିଭିନ୍ନ ରୋଗ ସମ୍ପର୍କରେ ପରୀକ୍ଷାରୁ ସୂଚନା ମିଳିଥାଏ । ଆହୁରି ମଧ ପ୍ରକାଶ ଯେ, ପ୍ରତି ବର୍ଷ କେବଳ ଭାରତରେ ଆବଶ୍ୟକ ହୁଏ ୪ କୋଟି ପିଣ୍ଟ ରକ୍ତ । ତେବେ ସଂଗୃହୀତ ହୁଏ ମାତ୍ର ୪୦ ଲକ୍ଷ ପିଣ୍ଟ । ଏଠାରେ ପ୍ରତି ଦୁଇ ସେକେଣ୍ଡରେ କେହି ନା କେହି ଜଣେ ରକ୍ତ ଦରକାର କରିଥାଏ । ଏଣୁ ପ୍ରତିଦିନ ୩୮୦୦୦ ମଣିଷ ରକ୍ତଦାନ କରିବା ଆବଶ୍ୟକ । ରକ୍ତଦାନ କଲେ କୌଣସି କ୍ଷତି ହୁଏନାହିଁ । କେବଳ ରକ୍ତଦାତାଙ୍କର ଲାଭ ହିଁ ହୋଇଥାଏ । ଜଣେ ଯଦି ୧୮ ବର୍ଷରୁ ରକ୍ତଦାନ ଆରମ୍ଭ କରେ ଏବଂ ପ୍ରତି ୯୦ ଦିନରେ ଥରେ ରକ୍ତ ଦେଇଚାଲେ, ସେ ଷାଠିଏ ବର୍ଷରେ ପହଞ୍ଚିବା ବେଳକୁ ୩୦ ଗ୍ୟାଲେନ୍ ରକ୍ତ ଦେଇଥାଏ । ଯାହାଦ୍ୱାରା କି ଅନ୍ୟୂନ ୫୦୦ ଲୋକଙ୍କ ଜୀବନରକ୍ଷା ସଂଭବ । ସ୍ୱେଚ୍ଛାକୃତ ରକ୍ତଦାନ ଠାରୁ ବଳି ଅନ୍ୟ କିଛି ନାହିଁ । କୃତ୍ରିମ ରକ୍ତ ସୃଷ୍ଟି କରାଯାଇପାରିବ ନାହିଁ । ଏଣୁ ରକ୍ତଦାନ ଜୀବନଦାନ ସହ ସମାନ ଏକ ମହତ୍ କାର୍ଯ୍ୟ । ବର୍ଷର ବିଭିନ୍ନ ସମୟରେ ସରକାରୀ ଓ ବେସରକାରୀ ସଂସ୍ଥା ଦ୍ୱାରା ରକ୍ତଦାତା ମାନଙ୍କ ଅନାଲୋଚିତ ପ୍ରତିଭାକୁ ସମସ୍ତଙ୍କ ସାମ୍ନାକୁ ଆଣି ସେହି ଜୀବନଦାତା ମାନଙ୍କୁ ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯାଉଛି ଏହା ନିଶ୍ଚିତ ଭାବେ ଅନ୍ୟ ରକ୍ତଦାତାଙ୍କ ଭିତରେ ପ୍ରେରଣା ସୃଷ୍ଟି କରିବ । ଜଣେ ଯୁବରକ୍ତ ଦାତା ରକ୍ତଦାନ କରୁଥିଲେ ରେଡ଼କ୍ରସ ବା ସଂମ୍ପୃକ୍ତ ରକ୍ତଭଣ୍ଡାର ପକ୍ଷରୁ ପ୍ରତିବଦଳ ରକ୍ତ ପାଇଁ ଏକ ପରିଚୟ ପତ୍ର ମିଳିଥାଏ । ତେବେ ସରକାର ଓ ରେଡ଼କ୍ରସର ମିଳିତ ସହଯୋଗରେ ଯୁବରକ୍ତଦାତା ମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ବ୍ୟବସ୍ଥା କିଛି ରଖାଗଲେ ରକ୍ତଦାନର କାର୍ଯ୍ୟକ୍ରମ ଆହୁରି ବି ତ୍ୱରାନ୍ୱିତ ହୋଇପାରନ୍ତା । ସରକାରୀ ଓ ବେସରକାରୀ ସଂସ୍ଥାକୁ ଛାଡ଼ିଲେ ସରକାରଙ୍କ ସହଯୋଗୀ ସଂଗଠନ ମାନେ ମଧ ବର୍ଷର ବିଭିନ୍ନ ସମୟରେ ରକ୍ତଦାନ ଶିବିର ଆୟୋଜିତ କରିଥାନ୍ତି । ଆଜି ବିଶ୍ୱ ରେଡ଼କ୍ରସ ଦିବସ ଅବସରରେ ଯୁବ ପିଢ଼ୀଙ୍କ ଭିତରେ ଯଥାର୍ଥ ମାନବ ଜୀବନକୁ ଉଜ୍ଜୀବିତ କରିବା ପାଇଁ ରକ୍ତଦାନ ପରି ଜୀବନ ଦାନର ମହାମନ୍ତ୍ରକୁ ଆପଣାଇ ମୁମୂର୍ଷୁଟିର ଜୀବନ ରକ୍ଷା ପାଇଁ ରକ୍ତଦାନ କଲେ ଯଥାର୍ଥ ମାନବୀୟ ଜୀବନ ସାର୍ଥକ ହୁଅନ୍ତା । ନିଜର ରକ୍ତଦ୍ୱାରା ଅନ୍ୟ ଜଣଙ୍କ ଅମୂଲ୍ୟ ଜୀବନ ରକ୍ଷା ହୋଇପାରିଲେ ଏହା ଯଥାର୍ଥ ଭାବେ ଜୀବନର ଶ୍ରେଷ୍ଠ ଦାୟିତ୍ୱବୋଧ ଯେ ହୁଅନ୍ତା ଏହି ବାର୍ତ୍ତା ବିଶ୍ୱ ରକ୍ତଦାତା ଦିବସର ଅନୁଚିନ୍ତନ ହେଉ ଏହା ହିଁ କାମନା ।

ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ଯୁବନୀତିରେ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ

**।। ଯଶସ୍ୱିନୀ ପଟ୍ଟନାୟକ ।।**

ଓଡ଼ିଶାର ଲୋକପ୍ରିୟ ସରକାର ଛାତ୍ରଛାତ୍ରୀଙ୍କ ବିବିଧ କଲ୍ୟାଣ ପାଇଁ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ପାଠପଢ଼ା ସହ ନିଜକୁ ସୁରକ୍ଷିତ ରଖିବା ସହ ସାମାଜିକ ସୁରକ୍ଷା ଦାୟିତ୍ୱର ଆହ୍ୱାନକୁ ଗ୍ରହଣ କରି ଆତ୍ମରକ୍ଷା କୌଶଳ ତାଲିମ ଦେବାର ବ୍ୟବସ୍ଥା ମଧ୍ୟ ହୋଇଛି। ନିକଟରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅନ୍ତର୍ଗତ ଉଭୟ ସରକାରୀ ଓ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ରୀ ମାନଙ୍କୁ ଆରବିକ ତାଲିମ କୌଶଳ ଦିଆଯିବାର ବ୍ୟବସ୍ଥା ହୋଇଛି। ସୂଚନା ଥାଉକି ପ୍ରଥମ ଥର ଭାବେ ଆତ୍ମରକ୍ଷା କୌଶଳରେ ଏଭଳି ବ୍ୟବସ୍ଥାକୁ ଯୋଡ଼ା ଯାଇଛି। ପିଲାମାନଙ୍କୁ ଏହାସହ ବିଶେଷକରି ଛାତ୍ରୀମାନେ କିପରି ମାନସିକ ସ୍ତରରେ ଦକ୍ଷ ହେବେ ସେ ବ୍ୟବସ୍ଥା କରାଯାଉଛି। ଏହି ଦକ୍ଷତା କୌଶଳର ବିଭିନ୍ନ ବିଭାଗ କୁହାଯାଉଥିବା ମାଇଣ୍ଡ ଟୁ ମସଲ, ମସଲ ଟୁ ମାଇଣ୍ଡ, ଏନୋରବିକ, ଫ୍ଲେକ୍ସବିଲିଟି ଓ ସେଲ୍ଫ ଡିଫେନ୍ସ ସ୍କିଲ ତାଲିମ ମିଳିବ। ପୁସଅପ୍ସ, ସ୍କ୍ୱାଟସ୍, ଲେଗ୍ କଲର୍ସ, ଲେଗ ଏକସଟେନ୍‌ସନ୍, ଚେଷ୍ଟ ପ୍ରେସ୍, ଥ୍ରି ଓ୍ୱେ ସୋଲଡର ଷ୍ଟ୍ରେବ ଭଳି ବିଷୟରେ ମଧ୍ୟ ଛାତ୍ରୀ ମାନଙ୍କୁ ଶିକ୍ଷା ଦିଆଯିବ।

ଆତ୍ମରକ୍ଷା କୌଶଳ ତାଲିମକୁ ଅଧିକ ବ୍ୟବସ୍ଥିତ ଢ଼ଙ୍ଗରେ କରିବାକୁ ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୯୫ଟି କଲେଜରେ ଆତ୍ମରକ୍ଷା କୌଶଳ କ୍ଲବ ଗଠନ କରାଯିବା ସହ ସେହି କଲେଜ ଗୁଡ଼ିକୁ କ୍ଲବ ବାବଦରେ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଏହି ଟଙ୍କାକୁ ସେହି କଲେଜ ଲାଇଟ, ସାଉଣ୍ଡ, ପ୍ରଶିକ୍ଷଣ ସ୍ଥାନ ବାବଦରେ ଅତିବେଶିରେ ୨୦% ଖର୍ଚ୍ଚ କରିବାକୁ ଥିବାବେଳେ ମାଷ୍ଟର ଟ୍ରେର୍ନରଙ୍କ ପାଇଁ ୨୦% ଛାତ୍ରୀଙ୍କ ଶକ୍ତି ବର୍ଦ୍ଧକ ପାନୀୟ ଓ ଫଳ ପାଇଁ ୨୦%, କ୍ଲବର ଆନୁସଙ୍ଗିକ ସାମଗ୍ରୀ ଓ ମ୍ୟାଟ ବାବଦରେ ଅତିବେଶିରେ ୩୦%, ଫାଷ୍ଟଏଡ୍ ଡକ୍ୟୁମେଣ୍ଟେସନ, ରିପୋର୍ଟ ପ୍ରସ୍ତୁତି ପରି କାର୍ଯ୍ୟ ପାଇଁ ୧୦% ଅର୍ଥ ଖର୍ଚ୍ଚ କରାଯାଇପାରିବ। ଜରୁରୀକାଳୀନ ପରିସ୍ଥିତିରେ ଅଡିଟ ସମେତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ କଲେଜ କର୍ତ୍ତୃପକ୍ଷ ସମସ୍ତ ବିଲକୁ ନୋଡାଲ କାର୍ଯ୍ୟାଳୟରେ ଦାଖଲ କରିବେ। ଗତ ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ବିଭାଗ ପକ୍ଷରୁ ନିୟମ ମଧ୍ୟ ଜାରି ହୋଇଛି। ବ୍ୟବସ୍ଥା ଅନୁଯାୟୀ ଆତ୍ମରକ୍ଷା କ୍ଷେତ୍ରରେ ଆଗ୍ରହୀ ଥିା ଜଣେ ଅଧ୍ୟାପକଙ୍କୁ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଭାବେ ନିଯୁକ୍ତି ଦିଆଯିବ। ଆତ୍ମରକ୍ଷା କୌଶଳ କ୍ଲବର ରୂପରେଖ କଲେଜର ଅଧ୍ୟକ୍ଷ ପ୍ରସ୍ତୁତ ସହ କଲେଜରେ ମୋଟ କେତେଜଣ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ରହିଛନ୍ତି ତାହାର ତାଲିକା ପ୍ରଦାନ କରିବେ। ପ୍ରତି ଗ୍ରୁପରେ ୩୦ଜଣ ଲେଖାଏଁ ଛାତ୍ରୀ ରହିବେ। ରିପୋଟିଂ ଓ ପଞ୍ଜୀକରଣ ତାରିଖ ପ୍ରସ୍ତୁତ, ବିଭିନ୍ନ କାର୍ଯ୍ୟକଳାପ, କେଉଁ ଗ୍ରୁପର ତାଲିମ କେବେ ସରିବ, ଟ୍ରେନର / ରିସୋର୍ସ ପର୍ସନ / ଲେଡ଼ି ପିଇଟିଙ୍କ ନାମ କଲେଜ ଅଧ୍ୟକ୍ଷ ପ୍ରଦାନ କରିବେ। ଗ୍ରୁପ ଅନୁଯାୟୀ ବଜେଟ ପ୍ରସ୍ତୁତ, ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରମାଣ ଓ ଡକ୍ୟୁମେଣ୍ଟ କଲେଜ ଅଧ୍ୟକ୍ଷ ପ୍ରସ୍ତୁତ କରିବେ। କାର୍ଯ୍ୟକ୍ରମ ସରିବା ପରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିବେ। ବିଭାଗ ପକ୍ଷରୁ ଦିଆଯାଇଥବା ନିୟମାବଳୀ ଅନୁଯାୟୀ କାର୍ଯ୍ୟକ୍ରମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଚ୍ଚଶିକ୍ଷା ବିଭାଗ ସିଧାସଳଖ ଆତ୍ମରକ୍ଷା କୌଶଳ ତାଲିମର ମନିଟରିଂ କରିବ। ଅଧିକାରୀମାନେ ନିୟମିତ ବ୍ୟବଧାନରେ ବିଭିନ୍ନ କଲେଜକୁ ଗସ୍ତ କରି କ୍ଲବ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକଳାପର ତଦାରଖ କରିବେ।

ସୂଚନାଥାଉକି ଯେ ୨୦୧୩ରେ ରାଜ୍ୟ ସରକାରଙ୍କ ଯୁବନୀତିରେ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ଦେବାର ବ୍ୟବସ୍ଥା ହୋଇଥିଲା। ଯୁକ୍ତ୨ ସମେତ ଯୁକ୍ତ ୩ କଲେଜ ପ୍ରଥମ ବର୍ଷ ଛାତ୍ରୀଙ୍କୁ ତାଲିମ ଦିଆଯିବାର ନିୟମ ରହିଛି। ଛାତ୍ରୀଙ୍କ ଶାରୀରିକ ଓ ମାନସିକ ସାମର୍ଥ୍ୟ ବୃଦ୍ଧି କରିବ, ଛାତ୍ରୀଙ୍କ ସହ ସମକକ୍ଷ କରିବା, ଛାତ୍ରୀଙ୍କ ଶକ୍ତି ବଢ଼ାଇବା ପାଇଁ ବିଭାଗ ପକ୍ଷରୁ ଆତ୍ମରକ୍ଷା ପ୍ରଶିକ୍ଷଣ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଦିନକୁ ଦିନ ସାମାଜିକ କ୍ଷେତ୍ରରେ ଆମ ଝିଅମାନେ ଅନେକ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରୁଥିବାରୁ ଏବଂ ସେମାନଙ୍କ ନିତିଦିନିଆ ଜୀବନରେ ଆତ୍ମରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ସରକାରଙ୍କ ଏହି ସମୟୋପଯୋଗୀ ନିଷ୍ପତ୍ତିକୁ ସବୁ ମହଲରେ ପ୍ରଶଂସା କରାଯାଉଛି। ଭାରତରେ ମହାରାଷ୍ଟ୍ର, ନୂଆଦିଲ୍ଲୀ, ଗୁଜୁରାଟ, ଉତ୍ତର ପ୍ରଦେଶ ପରି ବିଭିନ୍ନ ରାଜ୍ୟରେ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ଓଡ଼ିଶା ସରକାର କିନ୍ତୁ ଆଉ ପାଦେ ଆଗକୁ ଯାଇ ଆତ୍ମରକ୍ଷା କୌଶଳ କ୍ଲବ ଗଠନ ସହ ଅନ୍ୟାନ୍ୟ ଉତ୍ସାହଜନକ ସହଯୋଗଭିତ୍ତିକ କାର୍ଯ୍ୟକ୍ରମର ଦାୟିତ୍ୱ ହାତକୁ ନେଇଛନ୍ତି। ଆମ ସମୟରେ ସାମାଜିକ କ୍ଷେତ୍ରରେ ଅନେକ ସମୟରେ ଝିଅମାନେ କେବଳ ନିଜ ସୁରକ୍ଷା ନୁହେଁ ଆଖି ସାମ୍ନାରେ ସଂଗଠିତ କୌଣସି ଅସହାୟ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ପଛଘୁଞ୍ଚା ଦେଇଥାନ୍ତି। ଏ ସଂକ୍ରାନ୍ତୀୟ ଅନେକ ଖବର ଗଣମାଧମରେ ମଧ ପ୍ରକାଶ ପାଉଛି। ତେଣୁ ଆମ ଝିଅମାନେ ଆତ୍ମରକ୍ଷା କୌଶଳ ତାଲିମରେ ଜଣେ ଜଣେ ପ୍ରଶିକ୍ଷିତା ଯୋଦ୍ଧା ଭାବେ କାର୍ଯ୍ୟ କରିବେ। କେବଳ ନିଜ ବା ବନ୍ଧୁବର୍ଗ ବା ପରିବାରର ନୁହଁ ସର୍ବୋପରି ସମାଜର ସୁରକ୍ଷା ଦାୟିତ୍ୱରେ ଯେଉଁ କ୍ରାନ୍ତିକାରୀ ଭୂମିକା ଗ୍ରହଣ କରିବେ ଏହି ପ୍ରସଙ୍ଗରେ ମନେପଡ଼ିଯାଉଛି ବୀରାଙ୍ଗନା ଲକ୍ଷ୍ମୀବାଈଙ୍କ କଥା। ଜୀବନ ଯୁଦ୍ଧରେ ଅନେକ ଝିଅ ମାନଙ୍କୁ ଅସହାୟ ବା ଅବଳା ଦୁର୍ବଳା ଭାବିବାର ଆଉ ସମୟ ହିଁ ନାହିଁ। ଦିନକୁ ଦିନ ଆମ ସାମାଜିକ ବ୍ୟବସ୍ଥା ସୁଦୃଢ଼ ହେଉଛି ଏ କ୍ଷେତ୍ରରେ ସରକାର ସମ୍ପୂର୍ଣ୍ଣ ସହଯୋଗ ଓ ପ୍ରୋତ୍ସାହନର ଦାୟିତ୍ୱ ମଧ୍ୟ ନିର୍ବାହ କରୁଛନ୍ତି ଏବଂ ଆମ ସମସ୍ତଙ୍କର ଏ କ୍ଷେତ୍ରରେ ପ୍ରେରଣାର ସହଯୋଗ ଭିତ୍ତିକ ଗୁରୁଦାୟିତ୍ୱ ମଧ୍ୟ ରହିଛି। କାରଣ ଏବେ ବି ସମାଜରେ କୌଣସି ଏକ କ୍ଷେତ୍ରରେ ଝିଅଟିର ଅସହାୟ ଚିତ୍ରକୁ ଅନ୍ୟମାନେ ଏକ ତାମସାର ଦର୍ଶକ ଭାବେ ମୁକସାକ୍ଷୀ ଭାବେ ଦେଖୁଥିବାର ଉଦାହରଣ ମଧ୍ୟ ରହିଛି। ଯାହାକି ସମାଜବିତ ଓ ଆମ ସମସ୍ତଙ୍କ ପାଇଁ ଛାତି ଥରାଇ ଦେବାପରି ଅଘଟଣ ଠାରୁ କମ ନୁହଁ। ତେଣୁ ଆମ ଝିଅମାନେ ନିଜେ ସୁରକ୍ଷିତ ରହିବା ସହ ଆମ ସମାଜର ସୁରକ୍ଷା ଦାୟିତ୍ୱକୁ ହାତକୁ ନେବା କମ ଗୌରବର କଥା ନୁହେଁ। କଲ୍ୟାଣମୟୀ ଆମ ସୁନା ଝିଅ ମାନଙ୍କୁ ମୋର ଅନେକ ଶୁଭେଚ୍ଛା ଓ ଆଶୀର୍ବାଦ ସହିତ ସହଯୋଗ ଭଲପାଇବା ରହିଥିଲା, ରହିଛି ଆଉ ରହିବ ମଧ୍ୟ।

**ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ,**

# ଯେକୌଣସି ମନୁଷ୍ୟ ବୁଦ୍ଧ ହୋଇପାରିବେ

**।। ଯଶସ୍ୱିନୀ ପଟ୍ଟନାୟକ।।**

ପୁଣ୍ୟଭୂମି ଭାରତବର୍ଷରେ ଜ୍ଞାନ, କର୍ମ ଓ ଭକ୍ତିର ଉଜ୍ଜ୍ୱଳବର୍ତ୍ତିକା ଧରି ତଥାଗତ ବୁଦ୍ଧ ଖ୍ରୀଷ୍ଟପୂର୍ବ ୬୨୩ରେ ଆବିର୍ଭୁତ ହୋଇଥିଲେ । କପିଳବାସ୍ତୁର ରାଜସିଂହାସନ, ପିତା ରାଜା ଶୁଦ୍ଧୋଦନଙ୍କର ସକଳ ଆୟୋଜନ, ସ୍ତ୍ରୀ ଯଶୋଧାରା ଓ ସଦ୍ୟଜାତ ପୁତ୍ର ରାହୁଲର ଆକର୍ଷଣ ଓ ରାଜପୁତ୍ରର ସମସ୍ତ ସୌଭାଗ୍ୟକୁ ତୁଚ୍ଛ କରି ସେ ଯୌବନାବସ୍ଥାରେ ଗୃହତ୍ୟାଗ କରିଥିଲେ । ଗୈରିକ ବସ୍ତ୍ର ପରିଧାନ କରି, ଲଣ୍ଡିତ ମସ୍ତକ ଗୌତମ ରାଜଗୃହ, ଉରୁବେଳା, ରୁଦ୍ରକ ଆଶ୍ରମ, ଗୟାଶୀର୍ଷ ପର୍ବତ ନିକଟସ୍ଥ ନିରଞ୍ଜନା ନଦୀ କୂଳରେ ଥିବା ଉରବିଲ୍ୱ ଆଦି ସ୍ଥାନରେ କଠୋର ତପସ୍ୟା କରି ବୁଦ୍ଧତ୍ୱ ପ୍ରାପ୍ତି ହୋଇଥିଲେ । ତାଙ୍କର ସରଳ ସୁମଧୁର ଓ କଲ୍ୟାଣପ୍ରଦ ଉପଦେଶ ଅନେକଙ୍କ ଜୀବନକୁ ସଂଯତ ଓ ପରିବର୍ତ୍ତିତ କରିଥିଲା । ତାଙ୍କର ପ୍ରଥମ ଉପଦେଶ 'ଧର୍ମଚକ୍ର ପ୍ରବର୍ତ୍ତନଂ' ନାମରେ ଖ୍ୟାତ । ଯେଉଁଠାରେ ସେ ପ୍ରଥମେ ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ, ତାହାର ବର୍ତ୍ତମାନ ନାମ ସାରନାଥ ।

ଏହି ସଂସାରରେ ଯୁଗ ଯୁଗରେ ମାନବଜାତିର କଲ୍ୟାଣ ନିମିତ୍ତ ଭଗବାନ ମନୁଷ୍ୟ ଶରୀର ଧାରଣ କରି ଜନ୍ମଗ୍ରହଣ କରିଛନ୍ତି । ଭଗବାନ ବୁଦ୍ଧଙ୍କ ଜନ୍ମ ସେହି ଉଦ୍ଦେଶ୍ୟରେ ହୋଇଥିଲା । ମାନବଜାତିର କଲ୍ୟାଣ ନିମିତ୍ତ ନିଜେ କାର୍ଯ୍ୟ କରିବା ସହିତ ପ୍ରତ୍ୟକ୍ଷ ଦୃଷ୍ଟାନ୍ତ ମାଧ୍ୟମରେ ସେ ଆତ୍ମକଲ୍ୟାଣର ମାର୍ଗ ପ୍ରଦର୍ଶନ କରିଥିଲେ । ସେ କହିଥିଲେ ଯେ 'ମୁଁ ଜଣେ ସାମାନ୍ୟ ମନୁଷ୍ୟ । ଯେ କୌଣସି ମନୁଷ୍ୟ ମୋ ପ୍ରଦର୍ଶିତ ପଥରେ ଜୀବନୀ ପରିଚାଳନା କଲେ, ଠିକ୍ ମୋ ପରି ବୁଦ୍ଧ ହୋଇପାରିବ।' ବାସ୍ତବରେ ତଥାଗତ ବୁଦ୍ଧ ଥିଲେ କରୁଣା ଓ ପ୍ରଶାନ୍ତିର ମୂର୍ତ୍ତିମନ୍ତ ପ୍ରତୀକ । ତାଙ୍କ ବାଣୀରେ ସେ 'ଜୀବ ମାତ୍ରେ ଦୟା' ପ୍ରଦର୍ଶନ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ତଥାଗତଙ୍କ ଶିଷ୍ୟ ଉପଗୁପ୍ତଙ୍କ ଠାରୁ ବୁଦ୍ଧଙ୍କର ଶାନ୍ତିବାଣୀ ଶୁଣି ଉତ୍କଳର ଦୟାନଦୀକୁ ଯୁଦ୍ଧରେ ରକ୍ତ ରଞ୍ଜିତ କରିଥିବା ମହାପରାକ୍ରମୀ ଚଣ୍ଡାଶୋକ ପରିବର୍ତ୍ତିତ ହୋଇ ଦେବାନାଂ ପ୍ରିୟ, ପ୍ରିୟଦର୍ଶୀ ଧର୍ମାଶୋକରେ ପରିଣତ ହୋଇଥିଲେ ଏବଂ ଲୋକ କଲ୍ୟାଣ କାର୍ଯ୍ୟରେ ଜୀବନର ଅବଶିଷ୍ଟ ସମୟ ଅତିବାହିତ କରିଥିଲେ। ଶ୍ରୀ ଜଗନ୍ନାଥଙ୍କ ସହ ବୌଦ୍ଧଧର୍ମର ସମ୍ପର୍କ ରହିଥିବା ଗବେଷକମାନେ ମତ ଦିଅନ୍ତି । ଶ୍ରୀ ଜଗନ୍ନାଥଙ୍କ ଦଶାବତାର ମଧ୍ୟରେ ବୁଦ୍ଧଙ୍କ ନବମ ଅବତାର ବୋଲି କଳ୍ପନା କରାଯାଇ ଏପରି ପ୍ରାର୍ଥନା କରାଯାଏ । 'ନିନ୍ଦସି ଯଜ୍ଞବିଧେରହହ ଶ୍ରୁତିଜାତମ୍, ସଦୟ-ହୃଦୟଦର୍ଶିତ-ପଶୁଘାତମ୍ କେଶବ ! ଧୃତ-ବୁଦ୍ଧଶରୀର ଜୟ ଜଗଦୀଶ ହରେ ।' ଅର୍ଥାତ୍ : ହେ, କରୁଣା ରସରେ ସଦା ପ୍ଲାବିତ, ଦୟାର ସାଗର । ଜୀବ ହିଂସା ଯହିଁ ସାଧିତ ହୁଅଇ ଶୁଭେ ତବବାଧା ସ୍ୱର । ଶରବିଦ୍ଧ ପକ୍ଷୀ ଆର୍ତ୍ତ ଚିତ୍କାରରେ ଦ୍ରବିତ ବୁଦ୍ଧାବତାର । ତବ ଜୟ ଗୀତି.. ଜୟ ଜଗଦୀଶ ହରେ। ବୌଦ୍ଧଧର୍ମାବଲମ୍ବୀମାନଙ୍କର ବିଶ୍ୱାସ ଯେ ଜଗନ୍ନାଥଙ୍କର ନାଭି କ୍ଷେତ୍ରରେ ବୁଦ୍ଧଙ୍କର ପବିତ୍ର ଦାନ୍ତ ରହିଛି । ବୌଦ୍ଧ ଧର୍ମ କେବଳ ଓଡ଼ିଶାରେ ନୁହେଁ, ସମଗ୍ର ବିଶ୍ୱରେ ଏକ ବିଶିଷ୍ଟ ଧର୍ମ ରୂପେ ପରିଗଣିତ ଓ ଆଦୃତ । ବିଖ୍ୟାତ କଳିଙ୍ଗ ଯୁଦ୍ଧ ପରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହେବା ପୂର୍ବରୁ ଏଠାରେ ବୌଦ୍ଧ ସନ୍ନ୍ୟାସୀ ଉପଗୁପ୍ତ ବସତି ସ୍ଥାପନ କରି ଅନେକ ଶିଷ୍ୟ ଗ୍ରହଣ କରିଥିଲେ ଏବଂ ଅଶୋକ ତାଙ୍କରି ଠାରୁ ହିଁ ଧର୍ମ ଶିକ୍ଷା ପାଇଥିଲେ । ବୌଦ୍ଧ ଧର୍ମ ପୃଥିବୀର ଏକମାତ୍ର ଧର୍ମ, ଯାହା ଈଶ୍ୱର କୈନ୍ଦ୍ରିକ ନୁହେଁ । ହିନ୍ଦୁ ପରିବାରରେ ଜନ୍ମଗ୍ରହଣ କରିଥିବା ଭଗବାନ ବୁଦ୍ଧଦେବ ଜୀବନରେ ନିଜେ କେବେ କୌଣସି ଦେବଦେବୀଙ୍କୁ ପ୍ରାର୍ଥନା କରିନଥିଲେ ବା କାହାକୁ ସେପରି ପୂଜା ଅର୍ଚ୍ଚନା କରିବା ପାଇଁ ଉପଦେଶ ଦେଇନାହାନ୍ତି । ସେ କେବଳ ଶୀଳ, କଠୋର ନୈତିକ ଜୀବନ ଯାପନ, ସମାଧି ଓ ପ୍ରଜ୍ଞା ଉପରେ ଜୋର ଦେଇ ମାନବିକତାର ଅଭିବୃଦ୍ଧି ସାଧନ କରିଛନ୍ତି।

ଯେଉଁ ଦେଶ ବୁଦ୍ଧଙ୍କ ତ୍ୟାଗରେ ମହିମାନ୍ୱିତ ଏବଂ ତାଙ୍କର ଜୀବେ ଦୟା ଭାବରେ ସିକ୍ତ, ସେହି ଦେଶରେ ଆଜି ହିଂସା, ପ୍ରତିହିଂସା ତାର ଅନେକ ଅଧିବାସୀଙ୍କର ହୃଦୟକୁ ନିଷ୍ଠୁର, ନିର୍ଦ୍ଦୟ ଓ ନିଷ୍କରୁଣାର ଖାଁ ଖାଁ ତପ୍ତ ମରୁବାଲିରେ ପରିଣତ କରିଛି । ବିଭତ୍ସତାରୂପୀ ଘୋର ବୈଶାଖୀର ରୁଦ୍ରତା ତା' ହୃଦୟକୁ ଶ୍ମଶାନ ଓ ବଧଭୂମିର ଦାନବତାରେ କଦାକାର କରିଛି । କରୁଣାର ଅଶ୍ରୁ ଅବଲୁପ୍ତ ହୋଇଛି । ମାରିବି ମରିବିର ଭ୍ରାନ୍ତ ପ୍ରତିଜ୍ଞା ଆଜିର ସମାଜରେ ନୂଆ ନୂଆ ଅନେକ ଅଙ୍ଗୁଳିମାଳାଙ୍କ ଉପସ୍ଥିତିର ଅନୁଭବ ଦେଉଛି । ବସୁଧୈବ କୁଟୁମ୍ବକମ୍ । ଏ ପୃଥିବୀର ସମସ୍ତ ମଣିଷ ଆମର ଭାଇବନ୍ଧୁ କୁଟୁମ୍ବ । ତଥାଗତ ବୁଦ୍ଧଙ୍କର କରୁଣା ଭାବ ଏବଂ ଜୀବେ ଦୟା ସମସ୍ତଙ୍କ ହୃଦୟକୁ ଅହିଂସକ କରି ବାସ୍ତବ ଶାନ୍ତି ଦେଉ । କେହି କାହାକୁ ହତ୍ୟା ନକରୁ । ଯେ ପଣ୍ୟଭୂମି ଭାରତବର୍ଷରେ ଜ୍ଞାନ, କର୍ମ ଓ ଭକ୍ତିର ଉଜ୍ଜ୍ୱଳବର୍ତ୍ତିକା ଧରି ତଥାଗତ ବୁଦ୍ଧ ଖ୍ରୀଷ୍ଟପୂର୍ବ ୬୨୩ରେ ଆବିର୍ଭୁତ ହୋଇଥିଲେ । କପିଳବାସ୍ତୁର ରାଜସିଂହାସନ, ପିତା ରାଜା ଶୁଦ୍ଧୋଦନଙ୍କର ସକଳ ଆୟୋଜନ, ସ୍ତ୍ରୀ ଯଶୋଧାରା ଓ ସଦ୍ୟଜାତ ପୁତ୍ର ରାହୁଲର ଆକର୍ଷଣ ଓ ରାଜପୁତ୍ରର ସମସ୍ତ ସୌଭାଗ୍ୟକୁ ତୁଚ୍ଛ କରି ସେ ଯୌବନାବସ୍ଥାରେ ଗୃହତ୍ୟାଗ କରିଥିଲେ । ଗୈରିକ ବସ୍ତ୍ର ପରିଧାନ କରି, ଲଣ୍ଡିତ ମସ୍ତକ ଗୌତମ ରାଜଗୃହ, ଉରୁବେଳା, ରୁଦ୍ରକ ଆଶ୍ରମ, ଗୟାଶୀର୍ଷ ପର୍ବତ ନିକଟସ୍ଥ ନିରଞ୍ଜନା ନଦୀ କୂଳରେ ଥିବା ଉରବିଲ୍ୱ ଆଦି ସ୍ଥାନରେ କଠୋର ତପସ୍ୟା କରି ବୁଦ୍ଧତ୍ୱ ପ୍ରାପ୍ତି ହୋଇଥିଲେ । ତାଙ୍କର ସରଳ ସୁମଧୁର ଓ କଲ୍ୟାଣପ୍ରଦ ଉପଦେଶ ଅନେକଙ୍କ ଜୀବନକୁ ସଂଯତ ଓ ପରିବର୍ତ୍ତିତ କରିଥିଲା । ତାଙ୍କର ପ୍ରଥମ ଉପଦେଶ 'ଧର୍ମଚକ୍ର ପ୍ରବର୍ତ୍ତନଂ' ନାମରେ ଖ୍ୟାତ । ଯେଉଁଠାରେ ସେ ପ୍ରଥମେ ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ, ତାହାର ବର୍ତ୍ତମାନ ନାମ ସାରନାଥ ।



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଦୋକାନୀଙ୍କୁ ମଦ ଯୋଗାଉଥିବା ଯୁବକ ଗିରଫ

ଓଡ଼ଗାଁ, (ମହାଭାରତ): ଓଡ଼ଗାଁ ଆଦର୍ଶ ଥାନା ଅଞ୍ଚଳରେ ବେଆଇନ ମଦକାରବାର ପୋଲିସ ଓ ଅବକାରୀ ବିଭାଗ ପାଇଁ ଚାଲେଞ୍ଜ ସୃଷ୍ଟିକରିଛି ।ବିଭିନ୍ନ ଛକ,ଗଳିକନ୍ଦିରେ ଖୁଲମଖୁଲା ମଦ ଓ ଧଳାଜହର ବିକ୍ରିହେଉଛି ।ଦୁଇଦିନ ତଳେ କୌଣସି ସୂତ୍ରରୁ ଖବରପାଇ ନନ୍ଦିଘୋର ବରମୁଣ୍ଡା ନିକଟରେ ଥିବା ଏକ ଦୋକାନ ଉପରେ ପୋଲିସ ଅତର୍କିତ ଚଢ଼ାଉକରି ୧୫୧ ଲିଟର ମଦ ଜବତ କରିବା ସହିତ ମଦବ୍ୟବସାୟୀ ପ୍ରକାଶ ନାୟକଙ୍କୁ ଗିରଫକରି କୋର୍ଟଚାଲାଣ କରିଛି ।ଏହି ବ୍ୟବସାୟୀଙ୍କୁ ଚୋରାମଦ ଯୋଗାଇ ଆସୁଥିବା ଓଡ଼ଗାଁ ସିନେମାହଲ ଛକର ଦିଲ୍ଲୀପ କୁମାର ପୃଷ୍ଟିଙ୍କୁ ସୋମବାର ଓଡ଼ଗାଁ ପୋଲିସ ଗିରଫକରି କୋର୍ଟଚାଲାଣ କରିଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଆଦର୍ଶ ଥାନା ପକ୍ଷରୁ ସୂଚନା ମିଳିଛି । ଦିନ ଦ୍ୱିପହରରେ ଲାଇସେନ୍ସପ୍ରାପ୍ତ ଦୋକାନରୁ ଦିଲ୍ଲୀପ ମଦଆଣି ଓଡ଼ଗାଁ ଅଞ୍ଚଳର ବ୍ୟବସାୟୀଙ୍କୁ ଯୋଗାଇ ଆସୁଥିଲା ଓ ତାନାଁରେ ଏକାଧିକ ମାମଲା ରହିଥିବା ଜଣାପଡ଼ିଛି ।

## ସପ୍ତାହ ବ୍ୟବଧାନରେ ପୁଣି ହାତୀ ଆକ୍ରମଣ, ବୃଦ୍ଧ ମୃତ

ଲାଞ୍ଜିଗଡ, (ମହାଭାରତ) : ସପ୍ତାହ ବ୍ୟବଧାନରେ ପୁଣି ଲାଞ୍ଜିଗଡ ଅଞ୍ଚଳରେ ଜଙ୍ଗଲୀ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅଧୀନ ବିଶ୍ୱନାଥପୁର ରେଞ୍ଜର ଲାଞ୍ଜିଗଡ ସେକ୍ସନ ଅନ୍ତର୍ଗତ କାଣ୍ଡଗୁଡା ଗାଁ ନିକଟରେ ସୋମବାର ମଧ୍ୟାହ୍ନରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ମୃତକ ହେଲେ କାଣ୍ଡଗୁଡା ଗାଁର ବଳ ମାଝୀ( ୫୫)ବୋଲି ଜଣାପଡିଛି । ସୂଚନା ଅନୁସାରେ, ବଳ ମାଝୀ ଓ ତାଙ୍କ ସ୍ତ୍ରୀ ଟିଙ୍ଗୁ ମାଝୀ ସୋମବାର ମଧ୍ୟାହ୍ନରେ କାମ୍ବେଲ ନାପା ଡଙ୍ଗର ଅଞ୍ଚଳରେ ଥିବା ନିଜ ପୋଡୁ ଚାଷ ଫସଲ ଦେଖିବା ପାଇଁ ଯାଇଥିଲେ। ଉଭୟେ ପୋଡୁ ଚାଷ ଅଞ୍ଚଳ ନିକଟରେ ପହଞ୍ଚିବା ସମୟରେ ହଠାତ୍ ଏକ ଦନ୍ତା ହାତୀ ସେମାନଙ୍କ ସାମ୍ନାକୁ ଆସିଥିବା ଜଣାପଡ଼ିଛି। ହାତୀକୁ ଦେଖି ଉଭୟ ସ୍ୱାମୀ-ସ୍ତ୍ରୀ ପ୍ରାଣ ବିକଳରେ ସେଠାରୁ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ତେବେ ଦୌଡ଼ିବା ସମୟରେ ବଳ ମାଝୀ ଙ୍କୁ ହାତୀ ଆକ୍ରମଣ କରିଥିଲା ଫଳରେ ବଳ ମାଝୀଙ୍କ ମୃତଦେହ ଘଟଣାସ୍ଥଳରେ ଛିନ୍ନଭିନ୍ନ ଅବସ୍ଥାରେ ପଡ଼ିଥିବା ଦେଖାଯାଇଥିଲା। ଶରୀରର ଅଧିକାଂଶ ଅଂଶ ସ୍ୱଷ୍ଟ ଭାବେ ଚିହ୍ନଟ କରିବା କଷ୍ଟକର ହୋଇଥିବା ବେଳେ ଗୋଟିଏ ହାତ ଓ ଗୋଡ଼ ହିଁ ସ୍ୱଷ୍ଟ ଭାବେ ଜଣାପଡ଼ିଛି। ଘଟଣାସ୍ଥଳର ଏହି ଦୃଶ୍ୟ ଅଞ୍ଚଳବାସୀଙ୍କ ମଧ୍ୟରେ ଗଭୀର ଆତଙ୍କ ସୃଷ୍ଟି କରିଛି। ଅନ୍ୟପକ୍ଷରେ ତାଙ୍କ ସ୍ତ୍ରୀ ଟିଙ୍ଗୁ ମାଝୀ ଭୟଭୀତ ଅବସ୍ଥାରେ ସେଠାରୁ ଦୂରକୁ ଚାଲିଯାଇ ନିଜକୁ ରକ୍ଷା କରିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇବା ପରେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ବିଜେପୁର ଥାନାଧିକାରୀ ତୁଳସୀ ରାମ ଶବର ଓ ବନ ବିଭାଗର ଫରେଷ୍ଟର,ଧରଣୀଧର ପଣ୍ଡା,ମୂଷାନାଲ ଫରେଷ୍ଟର ଚିନ୍ତାମଣି ମାଝୀ ଘଟଣାସ୍ଥଳକୁ ଯାଇ ଘଟଣା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିବା ଜଣାପଡ଼ିଛି। ମୃତଦେହକୁ ଉଦ୍ଧାର କରାଯାଇ ଆବଶ୍ୟକ ଆଇନଗତ ପ୍ରକ୍ରିୟା ପରେ ବ୍ୟବଚ୍ଛେଦ ପାଇଁ ପଠାଯିବାର ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି। ଲାଞ୍ଜିଗଡ ଅଞ୍ଚଳରେ ଗତ କିଛି ଦିନ ଧରି ହାତୀ ଚଳପ୍ରଚଳ ବଢ଼ିଥିବାରୁ ଜଙ୍ଗଲ ନିକଟବର୍ତ୍ତୀ ଗାଁଗୁଡ଼ିକରେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ବିଶେଷକରି ପୋଡୁ ଚାଷ ଓ ଚାଷଜମି ନିକଟକୁ ହାତୀ ପହଞ୍ଚୁଥିବାରୁ ଚାଷୀମାନେ ଫସଲ ଜଗିବାକୁ ଯାଇ ଅସୁରକ୍ଷିତ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ସପ୍ତାହକ ମଧ୍ୟରେ ଲାଞ୍ଜିଗଡ ଅଞ୍ଚଳରେ ପୁଣି ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ଜୀବନହାନି ଘଟିବା ପରେ ହାତୀ-ମଣିଷ ସଂଘର୍ଷକୁ ନେଇ ଚିନ୍ତା ବଢ଼ିଛି। ହାତୀ ଚଳପ୍ରଚଳ ଅଞ୍ଚଳରେ ଲୋକଙ୍କୁ ସତର୍କ କରିବା ସହ ହାତୀଙ୍କ ଗତିବିଧି ଉପରେ ଅଧିକ ନଜର ରଖିବାକୁ ସ୍ଥାନୀୟ ଲୋକେ ବନ ବିଭାଗ ନିକଟରେ ଦାବି କରିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ସରକାରୀ ନିୟମ ଅନୁସାରେ ଶୀଘ୍ର କ୍ଷତିପୂରଣ ପ୍ରଦାନ କରିବାକୁ ମଧ୍ୟ ଦାବି ହୋଇଛି।

## ଗଣେଶ ପୂଜା ଭଷାଣୀ ରେ ଗଣ୍ଡଗୋଳ

ପାରାଦ୍ୱୀପ, (ମହାଭାରତ) : ଗଣେଶ ପୂଜା ଭଷାଣୀ ରେ ଗଣ୍ଡଗୋଳ, ବିସର୍ଜନ ନହୋଇ ରାସ୍ତା ମଝିରେ ଛିଡ଼ା ହୋଇଛି ଗଣେଶ ମୂର୍ତ୍ତି। ଏଭଳି ଘଟଣା ଘଟିଛି ପାରାଦ୍ୱୀପ ଗଡ଼ ଗ୍ରାମରେ। ଗତକାଲି ଗଡ଼ ଗ୍ରାମର ନିତାଇ ଗୌର ୟୁଥ କ୍ଲବ ର ୩୦ ତମ ଗଣେଶ ପୂଜା ଭଷାଣୀ ଉତ୍ସବ ଥିଲା। ଦିନ ୩ ଟା ଠାରୁ ଭଷାଣୀ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଗ୍ରାମ ପରିକ୍ରମା କରିବା ସହିତ ପାଖାପାଖି ରାତି ୯ ଟା ସୁଦ୍ଧା ମୂର୍ତ୍ତି ବିସର୍ଜନ ପାଇଁ ଘାଟ ନିକଟରେ ପହଞ୍ଚିଥିଲା। ହେଲେ ଏହି ସମୟରେ ସ୍ଥାନୀୟ କିଛି ଯୁବକ ଗଣ୍ଡଗୋଳ କରିବା ସହିତ ମାର ପିଟି ଆରମ୍ଭ କରିଥିଲେ। ଘଟଣାସ୍ଥଳରେ ପୋଲିସ ରହିଥିଲେ ମଧ୍ୟ ଏହାକୁ କଣ୍ଟ୍ରୋଲ କରିବାରେ ବିଫଳ ହୋଇଥିଲେ। ଗଣ୍ଡଗୋଳ କରୁଥିବା କିଛି ଅସାମାଜିକ ଯୁବକ କ୍ଲବ ପିଲାଙ୍କୁ ମାରଧର କରିବାରୁ ମୂର୍ତ୍ତି ଛାଡ଼ି କ୍ଲବ୍ ପିଲା ସେଠାରୁ ଚାଲିଯାଇଥିଲେ। ଫଳରେ ଗଣେଶଙ୍କ ମୂର୍ତ୍ତି ରାସ୍ତା ମଝିରେ ଗତକାଲି ରାତି ଠାରୁ ଛିଡ଼ା ହୋଇ ରହିଛି। କ୍ଲବ ପକ୍ଷରୁ ଏ ସମ୍ପର୍କରେ ଲକ୍ ଥାନା ରେ ଏତଲା ଦିଆଯାଇଥିଲେ ମଧ୍ୟ ଏହି ଘଟଣାର ସମାଧାନ ହୋଇ ପାରିନାହିଁ। ଗଡ଼ ଗ୍ରାମରେ ଭାଇଚାରା ରହିଛି, କିନ୍ତୁ ନିର୍ଦ୍ଧିଷ୍ଟ କିଛି ବ୍ୟକ୍ତି ଏହି ଭାଇଚାରା ନଷ୍ଟ କରିବାକୁ ଚାହୁଁଛନ୍ତି। ପୂର୍ବରୁ ମଧ୍ୟ ସେମାନେ ଏହିଭଳି ଗଣ୍ଡଗୋଳ କରିଥିଲେ ଏବଂ ଭୁଲ୍ ମାଗି ସମାଧାନ କରିଥିଲେ। ମାତ୍ର ଗତକାଲି ସେମାନେ ପୁଣି ଏହିଭଳି ସମସ୍ୟା ସୃଷ୍ଟି କରିଛନ୍ତି ବୋଲି କ୍ଲବ ପକ୍ଷରୁ କୁହାଯାଇଛି।

## ମୟୂରଭଞ୍ଜ ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

ଉଦଳା -(ମହାଭାରତ )୦୫/୧୦/୨୬-ନବମ ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଉଦଳା ପୂର୍ତ୍ତ ବିଭାଗ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ମହୋତ୍ସବ କମିଟି ର ସଭାପତି ଅସିତ୍ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଞ୍ଜୀବ ଦ୍ୱିବେଦୀ, ରାକେଶ ସିଂ, ଉମେଶ ଚନ୍ଦ୍ର ପଟ୍ଟନାୟକ, ଶୁଭେନ୍ଦୁ କୁମାର ସାହୁ, ସୀମାନ୍ତ ତ୍ରିପାଠୀ, ସବିତା ହାଁସଦା, ପ୍ରଦୀପ ପରିଡ଼ା, ଦୀପକ ଦାସ, ବୁଲୁରାମ ଦାସ, ଜିତେନ୍ଦ୍ର ହେମ୍ବ୍ରମ, ଭଗବାନ ବେହେରା, ରବୀନ୍ଦ୍ର ମହାନ୍ତି, ସୁଶାନ୍ତ ମହାନ୍ତି, ନିରଞ୍ଜନ ନାୟକ, ଚିତ୍ତରଞ୍ଜନ ଦାସ, ରାଜକିରଣ ରାଉତ ଓ ବହୁ ସଦସ୍ୟ ଯୋଗ ଦେଇଥିଲେ। ମହୋତ୍ସବ ଡିସେମ୍ବର ୬ ରୁ ୧୬ ପର୍ଯ୍ୟନ୍ତ ହେବ ବୋଲି ରାକେଶ ସିଂ ସୂଚିତ କରିଥିଲେ। ମହୋତ୍ସବ ର ସଫଳ ଆୟୋଜନ ନେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ମୋହତ୍ସବ କୁ ପୂର୍ବ ବର୍ଷ ତୁଳନାରେ ଅଧିକ ଆକର୍ଷଣୀୟ ଓ ଲୋକାଭିମୁଖୀ କରିବା ପାଇଁ ଉପସ୍ଥିତ ସଦସ୍ୟମାନଙ୍କ ଠାରୁ ବିଭିନ୍ନ ପରାମର୍ଶ ଓ ମତାମତ ଗ୍ରହଣ କରାଯାଇଥିଲା। ମୟୂରଭଞ୍ଜ ର ସମୃଦ୍ଧ କଳା , ସଂସ୍କୃତି, ପରମ୍ପରା ଓ ଲୋକକଳାକୁ ବ୍ୟାପକ ଭାବେ ପ୍ରଚାର ପ୍ରସାର କରିବା ସହ ମହୋତ୍ସବ କୁ ଅଧିକ ଜନାଦୃତ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆ ଯାଇଥିଲା। ନୃତ୍ୟ ଶିଳ୍ପୀ ମାନଙ୍କୁ ଆଞ୍ଚଳିକ ପାରମ୍ପରିକ ପୋଷାକ ଓ ପରିଚ୍ଛଦରେ ମଞ୍ଚ ପରିବେଷଣ କରାଇବା ଏବଂ ଅନାବଶ୍ୟକ ଆଧୁନିକ ପୋଷାକ ବ୍ୟବହାର ନ କରିବା ନେଇ କମିଟି ପକ୍ଷରୁ ମତ ପ୍ରକାଶ ପାଇଥିଲା।

# ମାନୁ ନାହାନ୍ତି କୌଣସି ନିୟମ, ଖୁଲମଖୁଲା ନିୟମ ଉଲ୍ଲଂଘନ କରି ଚାଲିଛନ୍ତି କାକିରିଗୁମା ଲେମ୍ପ ଏମଡି

ଲକ୍ଷ୍ମୀପୁର, (ମହାଭାରତ): କାହା ଆଶୀର୍ବାଦରେ ଅଛନ୍ତି କାକିରିଗୁମା ଲେମ୍ପ ଏମଡି ? କାହାର ହାତ ତାଙ୍କ ଉପରେ ରହିଛି ? ଗୋଟିଏ ପରେ ଗୋଟିଏ ନିୟମକୁ ଚାପି ନିଜ ମନମାନି କାର୍ଯ୍ୟ ଚଳାଇଥିଲେ ସୁଦ୍ଧା କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ ? କାହାର ଛାୟା ତଳେ ରହି ଏମଡି ଏଭଳି ଭାବେ ବଞ୍ଚି ଯାଉଛନ୍ତି ? ଏଭଳି ଅଭିଯୋଗ ଉଠାଇଛନ୍ତି କାକିରିଗୁମା ଅଞ୍ଚଳର କିଛି ଚାଷୀ ଓ କମିଟି ସଦସ୍ୟ। ସୂଚନା ଅନୁଯାୟୀ, କିଛି ଦିନ ପୂର୍ବରୁ କାକିରିଗୁମା ଲେମ୍ପରେ ଚାଲିଥିବା କଥିତ ଦୁର୍ନୀତି ଓ ମନମାନି କାର୍ଯ୍ୟ ସମ୍ପର୍କରେ ସ୍ଥାନୀୟ କିଛି ମେମ୍ବର ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ଜଣାଇଥିଲେ। ଅଭିଯୋଗ ପରେ ଘଟଣାର ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଧିକାରୀଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ହେଲେ ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, ନା ତଦନ୍ତ ହେଲା, ନା କୌଣସି କାର୍ଯ୍ୟାନୁଷ୍ଠାନ ହେଲା। ଫଳରେ ଏବେ ପୁଣି ଏମଡିଙ୍କ ମନମୁଖି କାର୍ଯ୍ୟ ବଢ଼ି ଚାଲିଥିବା ଅଭିଯୋଗ ହୋଇଛି ।ଅଭିଯୋଗ ଅନୁଯାୟୀ, ଚାଷୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ସାର କମ୍ ମୂଲ୍ୟରେ ଯୋଗାଇ ଦେବାର ନିୟମ ରହିଛି। କିନ୍ତୁ କାକିରିଗୁମା ଲେମ୍ପ ଏମଡି ଚାଷୀଙ୍କୁ ନିର୍ଦ୍ଧାରିତ ଦରଠାରୁ ଅଧିକ ଦରରେ ସାର ବିକ୍ରି କରୁଥିବା ଅଭିଯୋଗ ଆସିଛି। ଚାଷୀଙ୍କ ଅଭିଯୋଗ ଅନୁସାରେ, ସାର ବିକ୍ରିରେ ନିଜ ପକେଟ ପାଇଁ ଅତିରିକ୍ତ ଅର୍ଥ ରଖି ଚଢ଼ା ଦରରେ ବିକ୍ରି କରାଯାଉଛି ।ଏନେଇ ଅନେକଥର କିଛି କମିଟି ମେମ୍ବର ଏମଡିଙ୍କୁ ତାଗିଦ କରିଥିଲେ ମଧ୍ୟ ସେ କାହାର କଥାକୁ ଗୁରୁତ୍ୱ ନଦେଇ ନିଜ ମନମାନି ଚଳାଇଥିବା ଅଭିଯୋଗ ହୋଇଛି। କମିଟି ସଦସ୍ୟଙ୍କ ତାଗିଦକୁ ଫୁ କରି ଉଡ଼ାଇ ଦେଇ ଚଢ଼ା ଦରରେ ସାର ବିକ୍ରି ଜାରି ରଖିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି ।ଖାଲି ଏତିକି ନୁହେଁ, ଗତ ୧୭ ଅଗଷ୍ଟରେ ଏମଡି ନିଜର କିଛି ବ୍ୟକ୍ତିଗତ କାମ ପାଇଁ ଛୁଟି ନେଇଥିବା କୁହାଯାଉଛି। ହେଲେ ଛୁଟି ନେବା ସହିତ ନିଜ ପଦ, ଅର୍ଥାତ୍ ଏମଡି ପଦର ଦାୟିତ୍ୱ ନିଜ ପସନ୍ଦର ଜଣେ ସହକର୍ମୀଙ୍କୁ ନିଜେ ଦେଇଥିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି

ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, ନିୟମ ଅନୁସାରେ ଏମଡି କୌଣସି କାର୍ଯ୍ୟରେ ଛୁଟି ନେବାକୁ ଥିଲେ ଲେମ୍ପ ସଭାପତିଙ୍କୁ ଏନେଇ ଜଣାଇବାର ବ୍ୟବସ୍ଥା ରହିଛି। କିନ୍ତୁ ନିଜ ପଦର ଦାୟିତ୍ୱ ଅନ୍ୟ ଜଣଙ୍କୁ ଦେବାର ଅଧିକାର ସଭାପତି ଓ କମିଟି ପାଖରେ ଥିବା ବେଳେ ଏଠାରେ ଏମଡି ନିଜେ ନିଜ ପଦର ଦାୟିତ୍ୱ ଅନ୍ୟ ଜଣଙ୍କୁ ଦେଇଥିବା ଅଭିଯୋଗ ହୋଇଛି।ଏହାକୁ ନେଇ ଲେମ୍ପ ସଭାପତି ଓ କମିଟି ସଦସ୍ୟଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହେବା ସହିତ ଏମଡିଙ୍କ ଏଭଳି କାର୍ଯ୍ୟକୁ ନେଇ କମିଟି ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏମଡିଙ୍କ ଏଭଳି ନିଷ୍ପତ୍ତି ନିୟମର ଉଲ୍ଲଂଘନ କି ନୁହେଁ, ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ଅଭିଯୋଗକାରୀମାନେ ଦାବି କରିଛନ୍ତି ।ତେବେ ଗୋଟିଏ ପରେ ଗୋଟିଏ ଅଭିଯୋଗ ଓ ନିୟମ ଉଲ୍ଲଂଘନର ଅଭିଯୋଗ ସତ୍ତ୍ୱେ କାକିରିଗୁମା ଲେମ୍ପ ଏମଡିଙ୍କ ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ହେବ, ତାହାକୁ ନେଇ ପ୍ରଶ୍ନ ଉଠିଛି। ପୂର୍ବରୁ ଅଭିଯୋଗ ପରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ନହେବାରୁ ପୁଣି ଏଭଳି ଅଭିଯୋଗ ଉଠିଛି ବୋଲି ଅଭିଯୋଗକାରୀମାନେ କହିଛନ୍ତି ।ଏ ବିଷୟରେ ସତ୍ୟା ସତ୍ୟ ତଥ୍ୟ ଜାଣିବାକୁ ଏମଡିଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲୁ କିନ୍ତୁ ଏମଡି ମହାଶୟ କଲ୍ ଉଠାଇ ନାହାନ୍ତି କ୍ଷଏବେ ପ୍ରଶ୍ନ ଉଠୁଛି-ଏଭଳି ଅଭିଯୋଗ ପରେ ପ୍ରଶାସନ କାକିରିଗୁମା ଲେମ୍ପ ଏମଡିଙ୍କ ବିରୋଧରେ କଣ ପଦକ୍ଷେପ ନେଉଛି ? ଅଭିଯୋଗଗୁଡ଼ିକର ନିରପେକ୍ଷ ତଦନ୍ତ ହେବ ନା ଆଗଭଳି ପୁଣି ଅଭିଯୋଗ ଚାପି ଯିବ? ଏବଂ କାହାର ଆଶୀର୍ବାଦରେ ଏମଡି ଦୀର୍ଘଦିନ ଧରି ଏଭଳି ମନମାନି କରି ଚାଲିଛନ୍ତି ବୋଲି ଉଠୁଥିବା ପ୍ରଶ୍ନର ଉତ୍ତର କେବେ ମିଳିବ, ତାହା ଏବେ ଦେଖିବାକୁ ବାକି ରହିଲା।

## ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକଙ୍କ ଦୁଇଦିନିଆ କଳାହାଣ୍ଡି ଗସ୍ତ




କଳାହାଣ୍ଡି, (ମହାଭାରତ): ଦୁଇଦିନିଆ କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସିଛନ୍ତି ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା। ଜିଲ୍ଲାରେ ପହଞ୍ଚିବା ପରେ ପ୍ରଥମେ ଜିଲ୍ଲା ମୃତ୍ତିକା ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମେତ ବିଭାଗୀୟ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ ରେ ଯୋଗ ଦେଇଥିଲେ। ବୈଠକରେ ଜିଲ୍ଲାରେ ମୃତ୍ତିକା ଓ ଜଳ ସଂରକ୍ଷଣ ସହିତ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଓ କାର୍ଯ୍ୟକାରିତା ସମ୍ପର୍କରେ ସବିଶେଷ ସମୀକ୍ଷା କରାଯାଇଥିଲା ।ସମୀକ୍ଷା ପରେ ଶ୍ରୀ ପଣ୍ଡା ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳ ପରିଦର୍ଶନ କରିଥିଲେ। ସେଠାରେ ଜଳଧାରା ଯୋଜନା ମାଧ୍ୟମରେ ନିର୍ମିତ କ୍ଷେତ ପୋଖରୀଗୁଡ଼ିକର କାର୍ଯ୍ୟକାରିତା ବୁଲି ଦେଖିବା ସହ ଏହାର ଉପଯୋଗିତା ସମ୍ପର୍କରେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ପୋଖରୀ ହୁଡ଼ାରେ ପଇଡ ଚାରା ରୋପଣ କରିଥିଲେ ।ଏହି ଅବସରରେ ସ୍ଥାନୀୟ ଚାଷୀ ଅନନ୍ତ ବେହେରା ଓ ଲଳିତ ବେହେରାଙ୍କୁ ସମନ୍ୱିତ କୃଷି ପଦ୍ଧତି ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ବିସ୍ତୃତ ଭାବେ ବୁଝାଇଥିଲେ। କୃଷି ସହ ଜଳ ଓ ମୃତ୍ତିକା ସଂରକ୍ଷଣକୁ ଯୋଡ଼ି ଚାଷୀମାନଙ୍କ ଆୟ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଗସ୍ତର ଦ୍ୱିତୀୟ ଦିନରେ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ଥୁଆମୂଳ ରାମପୁର ବ୍ଲକର କାଣୀଗୁଣା ଓ ଡୁଡୁକାଗୁଡ଼ା ଗାଁ ପରିଦର୍ଶନ କରିଥିଲେ। ଏଠାରେ କାର୍ଯ୍ୟକାରୀ ହୋଇଥିବା କଫି ବଗିଚା ପରିଦର୍ଶନ କରିବା ସହ କଫି ଚାଷର ଅଗ୍ରଗତି ଓ ଚାଷୀମାନଙ୍କ ଲାଭ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ପରେ ଜୟପାଟଣା ବ୍ଲକରେ ପହଞ୍ଚି ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନା ଅଧୀନରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ପ୍ରକଳ୍ପଗୁଡ଼ିକର ସ୍ଥିତି, ଚାଷୀମାନଙ୍କୁ ମିଳୁଥିବା ସୁବିଧା ଓ ଜଳସେଚନ ବ୍ୟବସ୍ଥା ସମ୍ପର୍କରେ ଅଧିକାରୀଙ୍କଠାରୁ ସୂଚନା ନେଇଥିଲେ। ମୃତ୍ତିକା ଓ ଜଳ ସଂରକ୍ଷଣ ସହ ଆଧୁନିକ ଓ ସମନ୍ୱିତ କୃଷି ପଦ୍ଧତି ମାଧ୍ୟମରେ ଚାଷୀଙ୍କ ଆୟ ବୃଦ୍ଧି ଏବଂ ଜଳସେଚନ ସୁବିଧାକୁ ଅଧିକ ସୁଦୃଢ଼ କରିବା ଉପରେ ଏହି ଗସ୍ତ ସମୟରେ ଗୁରୁତ୍ୱ ଦିଆଯାଇଥିଲା।

## ପାରାଦ୍ୱୀପ ଲେଡ଼ିଜ ୱିଙ୍ଗ ପୋର୍ଟ କ୍ଲବ ପକ୍ଷରୁ ଦ୍ୱିତୀୟା ଓଷା ଘାଣ୍ଟ ପ୍ରତିଯୋଗିତା ଅନୁଷ୍ଠିତ



ପାରାଦୀପ, (ମହାଭାରତ): ଲେଡ଼ିଜ ୱିଙ୍ଗ ପୋର୍ଟ କ୍ଲବ ତରଫରୁ, ପୋର୍ଟ କ୍ଲବ ପ୍ରାଙ୍ଗଣରେ ଦ୍ୱିତୀୟା ଓଷା ଘାଣ୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଏଥିରେ ସେହି କ୍ଲବ ର ୧୧ ଜଣ ମହିଳା ସଦସ୍ୟା ପ୍ରତିଯୋଗିତା ରେ ଭାଗ ନେଇଥିଲେ, ଏହି ପ୍ରତିଯୋଗିତାରେ ମୋନାଲିସା ମହାନ୍ତି ପ୍ରଥମ, ମନୀଷା ବାରିକ ଦ୍ୱିତୀୟ, ପ୍ରଭାସିନୀ ରାଉତରାୟ ତୃତୀୟ ସ୍ଥାନ ପାଇଥିଲେ, ଏହି ପ୍ରତିଯୋଗିତା ରେ ମୁଖ୍ୟ ଅତିଥି ଭାବେ, ପାରାଦ୍ୱୀପ ବନ୍ଦର ପ୍ରାଧିକରଣ ର ମୁଖ୍ୟ ଯାନ୍ତ୍ରିକ ଯନ୍ତ୍ରୀ ଶ୍ରୀଯୁକ୍ତ ସୁଶୀଲ ଚନ୍ଦ୍ର ନାହାକ, ସମ୍ମାନିତ ଅତିଥି ଭାବେ ଶ୍ରୀମତୀ କବିତା ନାହାକ, ଏବଂ ଏମ୍ପାୟାର ହୋଟେଲର ମାଷ୍ଟର ସେଫ ମନ୍ମଥ ମଲ୍ଲିକ ଯୋଗ ଦେଇ ପ୍ରତିଯୋଗିତା କୁ ଉଦଘାଟନ ଓ ପୁରସ୍କାର ବିତରଣ କରିଥିଲେ, ସଭାକୁ ପରିଚାଳନା କରିଥିଲେ କ୍ଲବ ର ସମ୍ପାଦିକା ଶ୍ରୀମତୀ ମନୀଷା ସାହୁ ।ମହିଳା ମାନଙ୍କ ପାଇଁ ଏଭଳି ସୃଜନଶୀଳ ଓ ମନୋରଞ୍ଜନ ଧର୍ମୀ ପ୍ରତିଯୋଗିତା ଆୟୋଜନ କରି ସେମାନଙ୍କୁ ନିଜ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ଦେଇଥିବାରୁ ଅତିଥିମାନେ ପୋର୍ଟ କ୍ଲବ୍ ର ମହିଳା କକ୍ଷକୁ ଭୂୟସୀ ପ୍ରଂଶସା କରିଥିଲେ ।ଏହି କାର୍ଯ୍ୟକ୍ରମ ପୋର୍ଟ କ୍ଲବ୍ ମହିଳା କକ୍ଷ ର ସଭାନେତ୍ରୀ ଶ୍ରୀମତୀ ପ୍ରିୟଙ୍କା ମଲ୍ଲିକ୍,ସମ୍ପାଦିକା ଶ୍ରୀମତୀ ମନୀଷା ପ୍ରିୟଦର୍ଶିନୀ ସାହୁ,ଉପ ସଭାନେତ୍ରୀ ଶ୍ରୀମତୀ ରିଲିଶ୍ରୀ ସେଠୀ,କୋଷାଧ୍ୟକ୍ଷା ଶ୍ରୀମତୀ ପୁଷ୍ପାଞ୍ଜଳି ମାଣିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା ଏବଂ ମହିଳା କକ୍ଷ ର ସମସ୍ତ ସଭ୍ୟା ଏଥିରେ ସହଯୋଗ କରିଥିଲେ ।ଏହିଭଳି କାର୍ଯ୍ୟକ୍ରମ ପାରସ୍ପରିକ ସମ୍ପର୍କ କୁ ଆହୁରି ଅଧିକ କରିଥିବାରୁ ଅଂଶ ଗ୍ରହଣକାରୀମାନେ ଆନନ୍ଦ ପ୍ରକାଶ କରିଥିଲେ ।

## ପାରାଦୀପ =ଢ଼ିଙ୍କିଆ ଓ ମାହାଳରେ ଗ୍ରାମ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କଲା ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍

ପାରାଦ୍ୱୀପ, (ମହାଭାରତ) : ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍‌ର ସଭାପତି ଶ୍ରୀ ଅନିଲ କୁମାର ସିଂହଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ଅନ୍ତର୍ଗତ ଢ଼ିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତର ସମୁଦାୟଗୁଡ଼ିକର ସାମାଜିକ-ଆର୍ଥିକ ସ୍ଥିତି ଓ ଜୀବନଧାରଣର ମାନରେ ଉନ୍ନତି ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ସ୍ଥାନୀୟ ସମୁଦାୟ ସହ ବ୍ୟାପକ ଆଲୋଚନା ଓ ପରାମର୍ଶ ମାଧ୍ୟମରେ ଚିହ୍ନଟ ଏବଂ ପ୍ରାଥମିକତା ଦିଆଯାଇଥିବା ଗ୍ରାମ ବିକାଶ କାର୍ଯ୍ୟଗୁଡ଼ିକର କାର୍ଯ୍ୟାନ୍ୱୟନ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଆରମ୍ଭ କରିଛି। ଗତ କିଛି ମାସ ଧରି ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ପକ୍ଷରୁ ଏରସମା ବ୍ଲକର ଉକ୍ତ ତିନିଟି ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମ ଓ ସାହିରେ ସ୍ଥାନୀୟ ସମୁଦାୟ ସହ ପରାମର୍ଶ ବୈଠକ ଆୟୋଜନ କରାଯାଇଥିଲା। ଢ଼ିଙ୍କିଆ, ମାହାଳ, ପଟଣା, ଗୋବିନ୍ଦପୁର, ନୂଆଗାଁ, ଗଡ଼କୁଜଙ୍ଗ, ନୋଳିଆ ସାହି ଓ







ପୋଲଙ୍ଗ ସମେତ ବିଭିନ୍ନ ଗ୍ରାମ ଓ ହାମ୍ଲେଟ୍‌ରେ ଅନୁଷ୍ଠିତ ଏହି ବୈଠକଗୁଡ଼ିକରେ ମହିଳା, ଯୁବବର୍ଗ ଓ ବରିଷ୍ଠ ନାଗରିକଙ୍କ ସମେତ ଶତାଧିକ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଏହି ପରାମର୍ଶ ବୈଠକଗୁଡ଼ିକରେ ଗ୍ରାମବାସୀମାନେ ବିଭିନ୍ନ ବିକାଶମୂଳକ ଆବଶ୍ୟକତା ଓ ପ୍ରାଥମିକତା ଚିହ୍ନଟ କରିଥିଲେ। ଏଥିରେ ରାସ୍ତା ନିର୍ମାଣ ଓ ଉନ୍ନତିକରଣ, କମ୍ୟୁନିଟି ସେଣ୍ଟର ଓ ଏସ୍‌ଏଚ୍‌ଜି ବୈଠକ ଗୃହ ନିର୍ମାଣ, ଡ୍ରେନେଜ୍ ବ୍ୟବସ୍ଥା ନିର୍ମାଣ, ଜୀବିକା ବିକାଶ ପାଇଁ ସହାୟତା, ଭାଗବତ ଟୁଙ୍ଗି ଭଳି ଉପଲବ୍ଧ ସାମୁଦାୟିକ ଢାଞ୍ଚାର ମରାମତି ଓ ନବୀକରଣ, ଶ୍ମଶାନ ଘାଟର ବିକାଶ, ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ଉନ୍ନତି ଏବଂ ଗଡ଼କୁଜଙ୍ଗସ୍ଥିତ ସାଂସ୍କୃତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଶ୍ରୀ ଗୁଣ୍ଡିଚା ମନ୍ଦିରର ବିକାଶ ସମେତ ଅନେକ ଆବଶ୍ୟକତା ସାମିଲ ଥିଲା।
ପରବର୍ତ୍ତୀ ସମୟରେ, ଅଗଷ୍ଟ ୨୦୨୬ରେ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ?ର ସଭାପତି ଶ୍ରୀ ଅନିଲ କୁମାର ସିଂହ ତିନିଟି ଗ୍ରାମ ପଞ୍ଚାୟତର ସମୁଦାୟ ପ୍ରତିନିଧିମାନଙ୍କ ସହ ଏକ ବୈଠକ କରିଥିଲେ। ପୂର୍ବରୁ ଚିହ୍ନଟ ହୋଇଥିବା ବିକାଶମୂଳକ କାର୍ଯ୍ୟଗୁଡ଼ିକୁ ପ୍ରାଥମିକତା ଦେବା ସହ ଆଲୋଚନା ସମୟରେ ଅଜଣାରେ ଛାଡ଼ି ଯାଇଥିବା ଅନ୍ୟ କୌଣସି ଆବଶ୍ୟକତା ଥିଲେ ତାହା ମଧ୍ୟ ସୂଚିତ କରିବାକୁ ସେ ସମୁଦାୟ ପ୍ରତିନିଧିମାନଙ୍କୁ ଅନୁରୋଧ କରିଥିଲେ।
ଗ୍ରାମବାସୀମାନଙ୍କ ଦ୍ୱାରା ଜଣାଇଥିବା ପ୍ରାଥମିକତା ଆଧାରରେ ବର୍ତ୍ତମାନ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ତାଲିକା ଚୂଡ଼ାନ୍ତ କରାଯାଇ କାର୍ଯ୍ୟାନ୍ୱୟନ ପାଇଁ ପଦକ୍ଷେପ ନିଆଯାଇଛି।
ଏହି ପଦକ୍ଷେପର ଏକ ଅଂଶ ଭାବେ ଜେଏସଡବ୍ଲୁ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି ଉପରେ ମଧ୍ୟ ଗୁରୁତ୍ୱ ଦେଇଛି। ବିକାଶମୂଳକ କାର୍ଯ୍ୟଗୁଡ଼ିକରେ ସ୍ଥାନୀୟ ଲୋକଙ୍କୁ ନିୟୋଜିତ କରାଯିବା ସହ ନିଜ ନିଜ ଗ୍ରାମର ବିକାଶ କାର୍ଯ୍ୟ ସେହି ଗ୍ରାମର ବାସିନ୍ଦାମାନେ ହିଁ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତିକୁ ସମୁଦାୟ ସଦସ୍ୟମାନେ ବ୍ୟାପକ ଭାବେ ସ୍ୱାଗତ କରିଛନ୍ତି। ଏହା ଫଳରେ ଅଧିକ ସଂଖ୍ୟକ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସୁଯୋଗ ସୃଷ୍ଟି ହେବା ସହ ବିକାଶମୂଳକ ପଦକ୍ଷେପର ଲାଭ ସମ୍ପୃକ୍ତ ଗ୍ରାମଗୁଡ଼ିକରେ ପହଞ୍ଚିପାରିବ।
ଏହି ପ୍ରତିବଦ୍ଧତାର ଅବ୍ୟାହତତାରେ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆଣିବା ଦିଗରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଧିଙ୍କିଆ ଗ୍ରାମରେ ଚଗଲା ବର୍ଦ୍ଧନଙ୍କ ଘରଠାରୁ ବାମନ ସାମଲଙ୍କ ଘର ପର୍ଯ୍ୟନ୍ତ ୧୨ ଫୁଟ୍ ପ୍ରସ୍ଥର କଂକ୍ରିଟ୍ ରାସ୍ତା ନିର୍ମାଣ କାର୍ଯ୍ୟ ଆଜି ଆରମ୍ଭ ହୋଇଛି।
ଏହି ରାସ୍ତା ଧିଙ୍କିଆର ଅମ୍ବାବଟା ସାହିର ବାସିନ୍ଦାଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ ମାର୍ଗ ହୋଇଥିବା ସହ ବର୍ଷସାରା ସ୍ଥାନୀୟ ସମୁଦାୟ ପାଇଁ ଏକ ଆବଶ୍ୟକ ଲିଙ୍କ୍ ଭାବେ କାର୍ଯ୍ୟ କରିଥାଏ। ବର୍ତ୍ତମାନର କଚ୍ଚା ରାସ୍ତାଟି ବର୍ଷା ଋତୁରେ ପ୍ରାୟତଃ ପାଣିରେ ବୁଡ଼ିଯାଉଥିବାରୁ ଗ୍ରାମବାସୀମାନେ ଯାତାୟାତ, ପରିବହନ ଏବଂ ଆବଶ୍ୟକ ସେବା ପାଇବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ନୂତନ ଟୁରିଷ୍ଟ ସେଣ୍ଟର ଘୋଷଣା କରିବା ପାଇଁ ଦାବିପତ୍ର

ରେଢ଼ାଖୋଲ(ମହାଭାରତ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡରେ ଐତିହାସିକ ପର୍ଯ୍ୟଟନ ସ୍ଥଳୀ ରହିଛି, ସେଗୁଡିକୁ ପର୍ଯ୍ୟଟନ କେନ୍ଦ୍ର ଘୋଷଣା କରାଗଲେ ବହୁ ପର୍ଯ୍ୟଟକ ରେଢ଼ାଖୋଲ ଐତିହ୍ୟ ଏବଂ ପରମ୍ପରା ସମ୍ପର୍କରେ ଅବଲୋକନ ହୋଇ ପାରିବେ। ଏ ସଂକ୍ରାନ୍ତରେ ଘୋଷରାମାଳ ପଞ୍ଚାୟତ ସରପଞ୍ଚ ପ୍ରେମଶିଳା ପ୍ରଧାନ ଏକ ଲିଖିତ ଦାବୀ ପତ୍ର ରେଢ଼ାଖୋଲ ଉପଜିଲ୍ଲାପାଳ ଶ୍ରୀ ପଥ୍ୱନ କୁମାରଙ୍କ ଜରିଆରେ ପର୍ଯ୍ୟଟନ ବିଭାଗକୁ ପ୍ରେରଣା କରିଛନ୍ତି। ଏଥିରେ ଉଲ୍ଲେଖ କରିଛନ୍ତି ଯେ ପର୍ଯ୍ୟଟନ ମାନ୍ୟତା ପ୍ରାପ୍ତ ହେଲା ଗ୍ରାମୀଣ ଅର୍ଥନୀତି ସୁଦୃଢ ହୋଇ ପାରନ୍ତା। ଏଥିରେ ପ୍ରଥମତଃ ଭୀମଭୋଇ ଜନ୍ମସ୍ଥାନ ମଧୁପୁର, ଭୀମଭୋଇ ଦୀକ୍ଷାପିଠ କାଙ୍କଣପଡା ଗ୍ରାମ ଉଭୟ ସ୍ଥାନୁ ମହାମହିମ ରାଷ୍ଟ୍ରପତି ଆସିବା ସହ ମହିମା ଧର୍ମର ସାଧୁ ସନ୍ଥ, ମହିମା ଦର୍ଶନ ଗବେଷକ ବର୍ଷସାରା ଆସିଥାନ୍ତି। ହରଡ ଓ ବମ୍ଭା ନଦୀ କୁଳରେ ଅବସ୍ଥିତ ବଡ଼ମାଳରେ ଦ୍ୱିତୀୟ ନଗରି କରଣ ସଭ୍ୟତା ଖ୍ରୀଷ୍ଟ ପୂର୍ବ ୬୦୦ ବର୍ଷ । ହରିହର ଯୋର ଡ୍ୟାମର ବ୍ୟାକ ୱାଟର ପାଣିର କଡେ କଡେ ରେଙ୍ଗାଲି ଗ୍ରାମପଞ୍ଚାୟତ ର ସଂଗ୍ରାମପୁର ଗ୍ରାମଠାରୁ ଋଷି ମୁନି ମୁହାଣ ପର୍ଯ୍ୟନ୍ତ ଏକ ପେରିଫେରି ରୋଡ଼ କଲେଜ ତିଆରି କଲେ ପର୍ଯ୍ୟଟନର ବିକାଶ ସହିତ ବଡ଼ମାଳ, ରେଙ୍ଗାଲି ପଞ୍ଚାୟତରେ ପର୍ଯ୍ୟଟନର ବିକାଶ ହୋଇପାରନ୍ତା। ବଂଶାଜାଲ ଗ୍ରାମପଞ୍ଚାୟତ ସୁଆନୀ ଦେବୀ ପୀଠ ଗୁପ୍ତ ସାମ୍ରାଜ୍ୟ ସମୟର ପଶ୍ଚିମ ଓଡ଼ିଶା ସର୍ବପ୍ରଥମେ ଗୋଟିଏ ଶିଳାରେ ପ୍ରସ୍ତୁତ ମୁର୍ତ୍ତି। ଏହି ସବୁ ସ୍ଥାନ ଗୁଡ଼ିକୁ ପର୍ଯ୍ୟଟନ କେନ୍ଦ୍ର ମାନ୍ୟତା ପାଇଁ ଟୁରିଷ୍ଟ ଅଫିସର ସମ୍ବଲପୁର ଜରିଆରେ ପର୍ଯ୍ୟଟନ ବିଭାଗକୁ ନୂତନ ଟୁରିଷ୍ଟ ସେଣ୍ଟର ମାନ୍ୟତା ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି।

## ରେଢ଼ାଖୋଲ କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା

ରେଢ଼ାଖୋଲ (ମହାଭାରତ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ଆସନ୍ତା ୮ ତାରିଖରେ ୩ ଗୋଟି ମୁଖ୍ୟ ଦାବିକୁ ନେଇ ଇଣ୍ଡି ମେଣ୍ଟ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ରେଢ଼ାଖୋଲ ସହରରେ ଓଡ଼ିଶା ବନ୍ଦ ର ସଫଳତା ପାଇଁ ରେଢ଼ାଖୋଲ ନଗର କଂଗ୍ରେସ କମିଟି ସଭାପତି ହରେଶ କର୍ଣ୍ଣ ସଭାପତିତ୍ୱରେ ରେଢ଼ାଖୋଲରେ ଥିବା କଂଗ୍ରେସ କାର୍ଯ୍ୟାଳୟ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାସ୍ତାଘାଟ, ଯାନବାହନ ବନ୍ଦ ରହିବା ସହିତ ରେଢ଼ାଖୋଲର ସମସ୍ତ ଜନସାଧାରଣ ଓ ରେଢ଼ାଖୋଲ ଦୋକାନ ସଂଘ ସମସ୍ତ ସରକାରୀ କାର୍ଯ୍ୟାଳୟ,ବ୍ୟାଙ୍କ, ସ୍କୁଲ, କଲେଜ ବନ୍ଦ ଡାକରାକୁ ସଫଳ କରିବାକୁ ଅନୁରୋଧ କରିଛନ୍ତି। ଏଥିରେ କାଉନସିଲର ଅମରେଶ ନାଏକ, ରଞ୍ଜନ ରାଉତ,ଉମେଶ ଦେହୁରୀ, ସଂଜୀବ ବିଶ୍ୱାଳ,ସୁନୀଲ ପ୍ରଧାନ, ଗଗନ ବାରିକ, ସତ୍ୟଜିତ୍ ଚାନ୍ଦ ପ୍ରମୁଖ ସମେତ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହିଥିଲେ।

## ୪ର୍ଥଥର ପୂଜକ ପରିଷଦ ସଭାପତି ହେଲେ ପ୍ରଫୁଲ ମହାପାତ୍ର



ଓଡ଼ଗାଁ,(ମହାଭାରତ): :ଓଡ଼ଗାଁ ବିଜେ ଶ୍ରୀଶ୍ରୀ ରଘୁନାଥ ଜିଉଙ୍କ ପୂଜକ ପରିଷଦ କାର୍ଯ୍ୟକାରିଣୀ ସଭ୍ୟମାନଙ୍କ ନିର୍ବାଚନ ଗତକାଲି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି ।ପୂଜକ ପରିଷଦ ସଭାପତି ଭାବେ ପ୍ରଫୁଲ କୁମାର ମହାପାତ୍ର ପୁଣିଥରେ ମନୋନୀତ ହୋଇଛନ୍ତି ।ସେ ଲଗାତର ୪ର୍ଥ ଥର ପାଇଁ ଏହି ସଭାପତି ପଦ ହାସଲ କରିଛନ୍ତି ।ପ୍ରତି ୩ବର୍ଷରେ ଥରେ ଶ୍ରୀରଘୁନାଥ ଜିଉଙ୍କ ପୂଜକ ପରିଷଦ ନୂତନ କାର୍ଯ୍ୟକାରିଣୀ ସଭ୍ୟମାନଙ୍କୁ ଚୟନ କରାଯାଇଥାଏ ।ଗତକାଲି ଏହି ବୈଠକରେ ପୂଜକ ପରିଷଦ ଉପସଭାପତି ଭାବେ ଜିତେନ୍ଦ୍ର କୁମାର ମହାପାତ୍ର,ସାଧାରଣ ସଂପାଦକ ଅଶୋକ କୁମାର ନନ୍ଦ,ସହ ସଂପାଦକ ଶ୍ରୀଧର ଦାଶ,କୋଷାଧ୍ୟକ୍ଷ ଦିବ୍ୟରଞ୍ଜନ ମହାପାତ୍ରଙ୍କୁ ଚୟନ କରାଯାଇଛି। ଉପଦେଷ୍ଟା କମିଟିରେ ସନ୍ତୋଷ କୁମାର ମହାପାତ୍ର,ଲକ୍ଷ୍ମୀନାରାୟଣ ଦାଶ, ପ୍ରଭାତ କୁମାର ମହାପାତ୍ର,କେଦାର ମହାପାତ୍ର,ରଞ୍ଜନ କୁମାର ମହାପାତ୍ର ମନୋନୀତ ହୋଇଛନ୍ତି ।ପରୀକ୍ଷକ ଭାବେ ପଣ୍ଡିତ ପ୍ରଭାତ କୁମାର ମହାପାତ୍ର,ମନୋଜ କୁମାର ନନ୍ଦ, ନାରାୟଣ ମହାପାତ୍ର ଓ ଚନ୍ଦ୍ରମଣୀ ମହାପାତ୍ରଙ୍କୁ ଚୟନ କରାଯାଇଛି ।ନିର୍ବାଚନ ଅଧିକାରୀ ଭାବେ ଗଙ୍ଗାଧର ନନ୍ଦ ଏବଂ ଅଶୋକ କୁମାର ମହାପାତ୍ର ଦାୟିତ୍ୱ ତୁଲାଇଥିବାବେଳେ ନିର୍ବାଚନ ପରେ ସଭାପତି ଶ୍ରୀମହାପାତ୍ର ରଘୁନାଥ ମନ୍ଦିରର ଉନ୍ନତି ଉପରେ ଗୁରୁତ୍ୱଦେବା ସହିତ ସେବାୟତମାନଙ୍କ ସୁବିଧା,ଅସୁବିଧା ଉପରେ ଗୁରୁତ୍ୱଦେବା,ବାହାରୁ ଆସୁଥିବା ଯାତ୍ରୀମାନଙ୍କ ରହିବା,ଖାଇବା ବୁଝିବା ଉପରେ ମଧ ଗୁରୁତ୍ୱ ଦିଆଯିବ ଏବଂ ମଦ୍ୟପାନ କରି ମନ୍ଦିର ଭିତରେ ସେବାସୀ ପ୍ରବେଶକଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବବୋଲି ସଭାପତି ଶ୍ରୀମହାପାତ୍ର ସୂଚନା ଦେଇଛନ୍ତି।

## ନିଜ ଖର୍ଚ୍ଚରେ ରାସ୍ତା ନିର୍ମାଣ ସହ ପାଣି ପାଇପ୍ ବିଛାଇଲେ ଗ୍ରାମବାସୀ

**କୋରାପୁଟ,:**ଗାଁକୁ ରାସ୍ତା ନିର୍ମାଣ ଓ ଗ୍ରାମରେ ପାନୀୟ ଜଳର ବ୍ୟବସ୍ଥା କରିବାକୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ପଞ୍ଚାୟତ ଓ ବ୍ଲକ ପ୍ରଶାସନ କୌଣସି ବ୍ୟବସ୍ଥା କରି ନ ଥିଲେ । ବିକଳ୍ପ ବ୍ୟବସ୍ଥା ନ ପାଇ କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଚାଟୁଆ ପଞ୍ଚାୟତ ବାଲିଆଗୁଡ଼ା ଓ ତୋଟାଗୁଡ଼ା ଗ୍ରାମବାସୀ ମିଳିତ ହୋଇ ନିଜ ଭିତରେ ଚାନ୍ଦା କରି ରାସ୍ତା ନିର୍ମାଣ କରିଛନ୍ତି। ପାଣି ପାଇଁ ମଧ ପାଇପ୍ ବିଛାଇଛନ୍ତି । ଗାଁ ଲୋକ ମେଟାଲ, ମାଟି କିଣି ଶ୍ରମଦାନ କରି ରାସ୍ତା ନିର୍ମାଣ କରିଛନ୍ତି । ଗାଁ ଉପର ମୁଣ୍ଡ ପାହାଡ଼ରୁ ପାଇପ ବିଛାଇ ଝରଣା ପାଣି ଗାଁକୁ ଆଣି ବ୍ୟବହାର କରୁଥିବା କହିଛନ୍ତି ।ସୂଚନା ମୁତାବକ ନନ୍ଦପୁର ବ୍ଲକ ଚାଟୁଆ ପଞ୍ଚାୟତର ୱାର୍ଡ ନଂ ୯ ବାଲିଆଗୁଡ଼ାରେ ୩୨ ପରିବାର ଓ ତୋଟାଗୁଡ଼ାରେ ୧୪ ପରିବାରର ୩୦୦ରୁ ଉର୍ଦ୍ଧ ଗ୍ରାମବାସୀ ରହୁଛନ୍ତି। ପ୍ରଶାସନ ପକ୍ଷରୁ ଅଦ୍ୟାବଧି ୨ ଗାଁକୁ ରାସ୍ତା ନିର୍ମାଣଗ୍ରାମବାସୀ ନିର୍ମାଣ କରିଥ ରିଥିବା ରାସ୍ତା ।କରାଯାଇନାହିଁ । ପାନୀୟ ଜଳର ବ୍ୟବସ୍ଥା କରାଯାଇନାହିଁ । ରାସ୍ତା ଓ ପାନୀୟ ଜଳ କଷ୍ଟ ଦୂର ପାଇଁ ବାରମ୍ବାର ପଞ୍ଚାୟତ, ବ୍ଲକ ଓ ଜିଲା ପ୍ରଶାସନକୁ ଜଣାଇ ନିରଶ ହୋଇଥିଲେ। ଏହା ପରେ ୨ ଗ୍ରାମର ଗ୍ରାମବାସୀ ମିଳିତ ଭାବେ ଶ୍ରମ ଦାନ କରି ରାସ୍ତା ଓ ପାଣି ବ୍ୟବସ୍ଥା କରିଛନ୍ତି ପ୍ରଶାସନିକ ଅଧିକାରୀ ଗାଁକୁ କେବେ ବେ ଆସି ନ ଗ୍ରାମବାସୀ । କହିଛନ୍ତି। ସମସ୍ତ ୪୬ ପରିବାର ଆ ଆଦିବାସୀ ଓ ପଛୁଆବର୍ଗର ହୋଇଥିଲେ ସୁଦ୍ଧା ତୋଟାଗୁଡ଼ାର ୨ ପରିବାର ବ୍ୟତୀତ ବ୍ୟତୀତ ଅନ୍ୟ କାହାରିକୁ ଆବାସ ଗୃହ ମିଳି ନ ଥିବା କହିଛନ୍ତି। ସେମାନଙ୍କୁ ଆବାସ ଯୋଜନାରେ କେବଳ ପ୍ରଥମ କିସ୍ତି ମିଳିଥିଲା। ସେମାନେ ୨ ଘର ନିର୍ମାଣ ସମ୍ପୂର୍ଣ୍ଣ କରିଥିଲେ ସୁଦ୍ଧା ବଳକା ପଇସା ପାଇ ନ ଥିବା କହିଛନ୍ତି।

## ସନ୍ତୋଷଙ୍କ ପରିବାର ପାଇଁ ଆଧାର କାର୍ଡ଼ ସାଜିଛି ବାଧକ

# ସରକାରୀ ଯୋଜନାରୁ ବଞ୍ଚିତ: ପାଠ ପଢାରେ ବାଧକ ସାଜିଛି ଆଧାର



ଲାଞ୍ଜିଗଡ,(ମହାଭାରତ ): ପ୍ରତ୍ୟେକ ମଣିଷଙ୍କ ପାଇଁ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଭଳି ଅନେକ ମୌଳିକ ସୁବିଧା ଆବଶ୍ୟକତା ରହିଛି । ଦେଶରେ କେହି ବାସହୀନ ରହିବେ ନାହିଁ ଏବଂ ଭଙ୍ଗା ଦଦରା କୁଡ଼ିଆରେ କେହି ଦୁର୍ବିସହ ଜୀବନ ନ'ବିତାଇବେ ସେଥିପାଇଁ ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମେତ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି ସତ । କିନ୍ତୁ ଉକ୍ତ ମାଳମାଳ ସରକାରୀ ଯୋଜନା ଅନେକ ଗରିବ ଖଟିଖିଆଙ୍କ ପାଇଁ ବାଟବଣା ହୋଇଅବାଟରେ ଯାଉଥିବାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବେନଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖମାରି ଗ୍ରାମର ଭୀମ ଦୋରା (୮୦) ଙ୍କ ପରିବାରରେ ।ଭୀମଙ୍କ ବଡ଼ ପୁଅ ସନ୍ତୋଷ ଦୋରା (୪୨)ଙ୍କ ସହ ସ୍ତ୍ରୀ ସବିତା ଦୋରା (୩୫) ଓ ଦୁଇ ପୁଅ ମାନବ ଦୋରା (୧୫ବର୍ଷ)ଜିକେତନ ଦୋରା (୬ବର୍ଷ) ଙ୍କ ସହ ଦୁର୍ଦ୍ଦଶାରେ କଟୁଛି ପାଞ୍ଚ ପ୍ରାଣୀଙ୍କ ଜୀବନ । ସରକାରଙ୍କର ଯୋଜନା ଗୁଡ଼ିକରେ ସାମିଲ ହେବାପାଇଁ ଆମ ଦେଶରେ ଆଧାରକାର୍ଡ଼କୁ ମୁଖ୍ୟ ପରିଚୟ ପତ୍ର ଭାବେ ଗୁରୁତ୍ୱ ଦିଆଯାଉଥିବା ବେଳେ ସନ୍ତୋଷଙ୍କ ପରିବାର ପାଇଁ ମୁଖ୍ୟ ବାଧକ ସାଜିଛି ଆଧାର କାର୍ଡ଼ । ସୂଚନା ଅନୁସାରେ ଭୀମ ଦୋରା ଦଶ ଦଶନ୍ଧି ଧରି ଖମାରି ଗାଁରେ ବସବାସ କରୁଥିବା ବେଳେ ଭଙ୍ଗାରୁଜା ଦଦରା ଘରେ ତାଙ୍କ ପରିବାର ଦିନ କାଟୁଥିଲେ ।ଗତ ୨୦୧୫ ମସିହାରେ ତାଙ୍କ ସ୍ତ୍ରୀ ଆରୁଦ୍ରା ଡର ମୃତ୍ୟୁ ହୋଇଥିଲା ।ପରେ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ପରେ ଗତ ୨୦୨୧-୨୨ ମସିହାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧ ଲକ୍ଷ ୩୦ ହଜାର ଟଙ୍କାର ଘର ଝଣ୍ଟେ ମିଳିଛି ।ବର୍ତ୍ତମାନ ଭୀମଙ୍କ ପାଞ୍ଚ କିଲୋ ପିଡ଼ିଏସ ଚାଉଳ ଭରସାରେ ଭୀମଙ୍କ ସମେତ ପାଞ୍ଚ ପ୍ରାଣୀ ରହିଛନ୍ତି ।ନିଜ ପରିବାର ଆଧାର କାର୍ଡ଼ ପାଇଁ ସନ୍ତୋଷ ବାରମ୍ବାର ଆବେଦନ କରିଥିଲେ ମଧ ଦୁର୍ଭାଗ୍ୟର ବିଷୟ ଯେ'ଏଯାଏଁ ଆଧାରକାର୍ଡ଼ରୁ ବଞ୍ଚିତ ରହିଛନ୍ତି ।ସନ୍ତୋଷଙ୍କ ବଡ଼ପୁଅ ମାନବ ନିଜ ଗାଁ ଠାରୁ କିଛି ଦୂରରେ ଥିବା ପେଙ୍ଗସୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ଶିକ୍ଷକ ବାରମ୍ବାର ଆଧାର କାର୍ଡ ମଗିବାରୁ ସପ୍ତମ ଶ୍ରେଣୀରେ ହି ପାଠ ଛାଡ଼ି ଘରେ ରହିଛି ।ସେହିପରି ସନ୍ତୋଷଙ୍କ ସାନ ପୁଅ ଜିକେତନ ନାଁ ଲେଖାଇ ପାରୁନାହିଁ ।ସନ୍ତୋଷ ପରିବାର ପ୍ରତିପୋଷଣ ପାଇଁ ପ୍ରତିଦିନ ଲୋକଙ୍କ ଘରେ ମୂଲଲାଗି ଯାହା ରୋଜଗାର କରନ୍ତି ସେହି ରୋଜଗାରରେ ତାଙ୍କ ସଂସାର ଚଳେ । ପାଞ୍ଚ ପ୍ରାଣୀ କୁଟୁମ୍ବକୁ ଚଳାଇବା ଏବେ ତାଙ୍କ ପକ୍ଷେ ଆଉ ସହଜ ହେଉନାହିଁ । ଯାହା ଫଳରେ ଘର ଖଣ୍ଡେ କରିବାରେ ମଧ ତାଙ୍କ ପାଇଁ ସାତଶପନ ହୋଇପଡି ଥିବା ବେଳେ ବାପାଙ୍କ ପାଖରେ ରହୁଛନ୍ତି ।ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ମାତ୍ର ୨ କିଲୋମିଟର ଦୂରରେ ଖମାରି ଗାଁ ରହିଛି ।କିନ୍ତୁ କିଛି ବିଭାଗୀୟ ଅଧିକାରୀଙ୍କ ଅବହେଳା ଓ ଆନ୍ତରିକତା ଅଭାବରୁ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ଯୋଗ୍ୟ ହିତାଧିକାରୀ ମାନେ ପାଇପାରୁନାହାନ୍ତି । ତେବେ ଆଧାରକାର୍ଡ଼ ହେଲେ ସରକାରଙ୍କର ଅନେକ ଯୋଜନାରେ ସାମିଲ ହୋଇପାରିବା ଆଶାନେଇଁ ଯଥା ସମ୍ଭବ ସନ୍ତୋଷଙ୍କ ସମେତ ଚାରି ପ୍ରାଣୀକୁଟୁମ୍ବର ଆଧାରକାର୍ଡ଼ ପାଇଁ ବ୍ଲକ ତଥା ଜିଲ୍ଲା ପ୍ରଶାସନଙ୍କୁ ଏବଂ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି ସନ୍ତୋଷ ଓ ତାଙ୍କ ସ୍ତ୍ରୀ ସବିତା ।ଏଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି ।ଏନେଇ ବେନଗାଁ ପଞ୍ଚାୟତ ସରପଞ୍ଚ ପୁରାଣା ମାଝୀଙ୍କୁ ପଚାରିବାରୁ ତାଙ୍କ ପରିବାରର ବୃଦ୍ଧ ଭୀମ ଦୋରାଙ୍କ କେବଳ ଆଧାର କାର୍ଡ ଅଛି ।ଆଉ କାହାର ନାହିଁ ।ସେମାନେ ବାରମ୍ବାର ଚେଷ୍ଟା କରୁଛନ୍ତି ।କିନ୍ତୁ କାର୍ଡ ହେଉନାହିଁ ।ତେଣୁ ସରକାରୀ ସମସ୍ତ ଯୋଜନାରୁ ବଞ୍ଚିତ ରହିଛନ୍ତି ବୋଲି ପ୍ରକାଶ କରିଥିଲେ ।ଆଧାର କାର୍ଡ ପାଇଁ ମାନବ ଦୋରାଙ୍କ ପେଙ୍ଗସୁର ସ୍କୁଲରେ ସାର୍ଟିଫିକେଟ କାଢି ନେଇଥିବା ନେଇ ପେଙ୍ଗସୁର କ୍ଲଷ୍ଟର ସିଆରସିସି ସଞ୍ଜୀବ କୁମାର ସାହୁଙ୍କୁ ପଚାରିବାରୁ କଥାଟିକୁ ଗୁରୁତର ନଦେଇ କାଲି କଥାହେବା କହି ଫୋନ କାଟିଦେଇଥିଲେ।

## ଅକ୍ଟୋବର ୮ ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ଠାକୁରମୁଣ୍ଡାରେ କଂଗ୍ରେସର ବୈଠକ



କରଞ୍ଜିଆ,(ମହାଭାରତ) ଆସନ୍ତା ଅକ୍ଟୋବର ୮ ତାରିଖରେ ହେବାକୁ ଥିବା ଓଡ଼ିଶା ବନ୍ଦକୁ ସଫଳ କରିବା ନିମନ୍ତେ ଠାକୁରମୁଣ୍ଡା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ସୋମବାର ଅପରାହ୍ନରେ ଠାକୁରମୁଣ୍ଡା ଡାକବଙ୍ଗଳାଠାରେ ଆୟୋଜିତ ଏହି ବୈଠକରେ ଆସନ୍ତା ୮ ତାରିଖର ବନ୍ଦକୁ କିପରି ଶାନ୍ତିପୂର୍ଣ୍ଣ ଓ ସଫଳ କରାଯାଇପାରିବ, ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ବନ୍ଦ ପାଳନର ମୁଖ୍ୟ ଦାବିଗୁଡ଼ିକ ମଧ୍ୟରେ ଏମ୍ଏମ୍ଡିଆର ଆଇନରେ ସଂଶୋଧନକୁ ବିରୋଧ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ଏବଂ ଓଡ଼ିଶାରେ ସ୍କୁଲ ପାଠ୍ୟପୁସ୍ତକ ଛପାରେ ଅନିୟମିତତା ଅଭିଯୋଗକୁ ନେଇ ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ରହିଛି। ଏହି ସମସ୍ତ ଦାବିକୁ ନେଇ ରାଜ୍ୟବ୍ୟାପୀ ବନ୍ଦ ପାଳନ କରାଯିବାକୁ ଥିବାରୁ ଠାକୁରମୁଣ୍ଡା ଅଞ୍ଚଳରେ ମଧ ଏହାକୁ ସଫଳ କରିବା ପାଇଁ କଂଗ୍ରେସ କର୍ମୀମାନେ ଏକଜୁଟ ହୋଇଛନ୍ତି। ବୈଠକରେ ଅକ୍ଟୋବର ୮ ତାରିଖ ସକାଳ ୬ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯିବା ନେଇ ଆଲୋଚନା ହୋଇଥିଲା। ବନ୍ଦ ସମୟରେ ଅଞ୍ଚଳର ଦୋକାନ ବଜାର, ଯାନବାହନ ଚଳାଚଳ ଓ ଅନ୍ୟାନ୍ୟ କାର୍ଯ୍ୟକଳାପ ଉପରେ ପ୍ରଭାବ ପଡ଼ିବାର ସମ୍ଭାବନା ଥିବାରୁ ଜନସାଧାରଣ ଙ୍କୁ ଏହି ବନ୍ଦ ପାଳନ ରେ ସହଯୋଗ କରିବାକୁ କଂଗ୍ରେସ କମିଟି ପକ୍ଷରୁ ଅନୁରୋଧ କରାଯାଇଥିଲା କ୍ଷ ଏହି ବୈଠକ ପରେ ବ୍ଲକ କଂଗ୍ରେସ ସଭାପତି ରବୀନ୍ଦ୍ର ନାଥ ତ୍ରିପାଠୀ ପୂର୍ବତନ ବିଧାୟକ ପାର୍ଥୀ ଲକ୍ଷ୍ମୀଧର ସିଂ, ପୂର୍ବତନ ବ୍ଲକ ସଭାପତି ପ୍ରମୋଦ ପାତ୍ର, ବ୍ଲକ ଉପସଭାପତି ଶେଖ ରାମଜନ ଏବଂ କୃଷକ ସେଲ୍ ସଭାପତି ଛୋଟରାୟ ନାଏକଙ୍କ ସମେତ ଜୟପାଲ ଲେୟାଙ୍ଗି, ସୁକୁମାର ମହାନ୍ତ, ପ୍ରକାଶ ମହାନ୍ତ, ମଧୁସୂଦନ ବାନରା, ମଙ୍ଗଳ ଦେହୁରୀ ଓ କାଳୀଚରଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଆଗାମୀ ବନ୍ଦ ପାଳନକୁ ନେଇ କର୍ମୀମାନଙ୍କ ମଧ୍ୟରେ ଆଲୋଚନା ସହ ଜନସାଧାରଣଙ୍କ ସହଯୋଗ ଲୋଡ଼ିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ମା' କଟକ ଚଣ୍ଡୀଙ୍କ ଭୁବନେଶ୍ୱରୀ ବେଶ



**କଟକ,:** କଟକ ମହାନଗରର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀଙ୍କ ପୀଠରେ ଚାଲିଛି ଷୋଳଦିନାତ୍ମକ ପୂଜା । ମୂଳାଷ୍ଟମୀଠାରୁ ଆରମ୍ଭ ହୋଇଥିବା ଏହି ପାରମ୍ପରିକ ପୂଜାର ଆଜି ତୃତୀୟ ଦିନ। ଏହି ଅବସରରେ ମା'ଙ୍କ ମନ୍ଦିରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି ।ମୂଳାଷ୍ଟମୀ ତିଥିରେ ବିଧିବିଧାନ ଅନୁସାରେ ମା'ଙ୍କ ଘଟ ସ୍ଥାପନ କରାଯାଇଥିଲା। ଏହାପରେ ମା'ଙ୍କର ଷୋଡ଼ଶ ଉପଚାର ବିଧିରେ ପୂଜାର୍ଚ୍ଚନା ଜାରି ରହିଛି । ପ୍ରତ୍ୟେକ ଦିନ ଭିନ୍ନ ଭିନ୍ନ ବେଶରେ ମା' ଭକ୍ତମାନଙ୍କୁ ଦର୍ଶନ ଦେଉଥିବା ବେଳେ ଆଜି ମା' କଟକ ଚଣ୍ଡୀ ଭୁବନେଶ୍ୱରୀ ବେଶରେ ଦର୍ଶନ ଦେବେ। ମା'ଙ୍କ ଏହି ଦୁର୍ଲଭ ବେଶ ଦର୍ଶନ ପାଇଁ ଆଜି ସକାଳୁ କଟକ ଚଣ୍ଡୀ ମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଛି । ଦୂରଦୂରାନ୍ତରୁ ଭକ୍ତମାନେ ମନ୍ଦିରରେ ପହଞ୍ଚି ମା'ଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଲାଭ କରୁଛନ୍ତି । ମନ୍ଦିର ପରିସରରେ ଭକ୍ତି ଓ ଶ୍ରଦ୍ଧାର ପରିବେଶ ଦେଖିବାକୁ ମିଳୁଛି । ଷୋଳଦିନାତ୍ମକ ପୂଜା ଅବସରରେ ଆଗାମୀ ଦିନଗୁଡ଼ିକରେ ମଧ ବିଭିନ୍ନ ବେଶରେ ମା' କଟକ ଚଣ୍ଡୀ ଭକ୍ତମାନଙ୍କୁ ଦର୍ଶନ ଦେବେ। ମା'ଙ୍କ ଦର୍ଶନ ପାଇଁ ପ୍ରତିଦିନ ଶ୍ରଦ୍ଧାଳୁଙ୍କ ଭିଡ଼ ବଢ଼ିବା ଆଶା କରାଯାଉଛି ।

## କଟାବାହାଲରେ ୭୨ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ

**ବରଗଡ଼ ।:** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ କଟାବାହାଲ ନେତାଜୀ ଉଚ୍ଚ ବିଦ୍ୟାଳୟ ପରିସରରେ ବନ ବିଭାଗ ପକ୍ଷରୁ ୭୨ତମ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ବନ୍ୟପ୍ରାଣୀ ସୁରକ୍ଷା, ଜଙ୍ଗଲ ସଂରକ୍ଷଣ ଓ ପରିବେଶ ସୁରକ୍ଷା ନେଇ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ପଦ୍ମପୁର ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ସାହୁ, ବନପାଳ ରାଜେନ୍ଦ୍ର କୁମାର ସିଂ, ଗୌନ୍ତିଆ ମାନଭଞ୍ଜନ ବରିହା, ନେତାଜୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦର୍ଶନ ବାରିକ, ପ୍ରକୃତିପ୍ରେମୀ ବିପିନ ବିହାରୀ ନନ୍ଦ, ନବୀନ ଚନ୍ଦ୍ର ବରିହା ପ୍ରମୁଖ ଉପସ୍ଥିତ ରହି ଜଙ୍ଗଲ ଓ ବନ୍ୟପ୍ରାଣୀ ପ୍ରକୃତିର ଅମୂଲ୍ୟ ସମ୍ପଦ ବୋଲି ମତପ୍ରକାଶ କରିଥିଲେ। ବକ୍ତାମାନେ କହିଥିଲେ ଯେ, ଜଙ୍ଗଲ ନଷ୍ଟ ହେବା ସହ ବନ୍ୟଜନ୍ତୁଙ୍କ ପ୍ରାକୃତିକ ବାସସ୍ଥାନ କ୍ରମେ ସଙ୍କୁଚିତ ହେଉଛି। ଏହାର ପ୍ରତ୍ୟକ୍ଷ ପ୍ରଭାବ ପରିବେଶୀୟ ସନ୍ତୁଳନ ଉପରେ ପଡୁଛି। ତେଣୁ ବନ୍ୟପ୍ରାଣୀ ସୁରକ୍ଷା ସହିତ ଜଙ୍ଗଲ ସଂରକ୍ଷଣକୁ ମଧ ସମାନ ଗୁରୁତ୍ୱ ଦେବା ଆବଶ୍ୟକ। ପ୍ରକୃତି ଓ ବନ୍ୟଜୀବଙ୍କ ସହ ସହାବସ୍ଥାନ ହିଁ ମାନବ ସମାଜର ଦୀର୍ଘସ୍ଥାୟୀ ଭବିଷ୍ୟତ ପାଇଁ ଅତ୍ୟନ୍ତ ଜରୁରୀ ବୋଲି ସେମାନେ ମତ ଦେଇଥିଲେ। ଏହି ଅବସରରେ ବନ ବିଭାଗ, ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅନ୍ୟମାନଙ୍କୁ ନେଇ ଏକ ସଚେତନତା ରାଲି ଆୟୋଜିତ ହୋଇଥିଲା।

## ବାଇକ୍‌ରୁ ପଡ଼ି ଯୁବକ ଗୁରୁତର

ଗଣିଆ, (ମହାଭାରତ): ବାଇକ୍ ?ରୁ ପଡ଼ି ଜଣେ ଯୁବକ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଆହତ ଯୁବକ ଜଣକ ହେଲେ ଗଣିଆ ବ୍ଲକ୍ କରଡ଼ାପଡ଼ା ପଞ୍ଚାୟତ ଅନ୍ତର୍ଗତ ଗୋପୀବଲ୍ଲଭପୁର ଗ୍ରାମର ପ୍ରସନ୍ନ ପଣ୍ଡାଙ୍କ ପୁଅ ଶୁଭାଶିଷ ପଣ୍ଡା ଓରଫ ରାଜା (୨୪)ବୋଲି ଜଣାପଡିଛି । ସୂଚନା ଅନୁଯାୟୀ, ଆଜି ଅପରାହ୍ନ ପ୍ରାୟ ୪ଟା ସମୟରେ ଶୁଭାଶିଷ ବାଇକ୍ ଯୋଗେ ଆଡ଼କଟା ପଟୁ ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ଧୁଆଁମଡ଼ା ପ୍ରାଥମିକ ବିଦ୍ୟାଳୟ ନିକଟରେ ସେ ଭାରସାମ୍ୟ ହରାଇ ରାସ୍ତା ଉପରକୁ କଚାଡ଼ି ହୋଇ ପଡ଼ିଥିଲେ। ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲେ। ଦୁର୍ଘଟଣା ଘଟିବା ମାତ୍ରେ ସ୍ଥାନୀୟ ଶିକ୍ଷକ ବିନୋଦ କୁମାର ସାହୁ ଏବଂ ଗ୍ରାମବାସୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## ମୌଳିକ ସୁବିଧାରୁ ବଞ୍ଚିତ ଗଣେଶ୍ୱରପୁର

# ରାସନ ଓ ଭତ୍ତା ପାଇଁ ଯାଉଛନ୍ତି ୧୧ କିମି ଦୂର



**ପାଲଲହଡ଼ା:** ଅନୁଗୋଳ ଜିଲ୍ଲା ପାଲଲହଡ଼ା ବ୍ଲକ୍ ଅଧୀନସ୍ଥ ବନ୍ଧାଭୂଇଁ ପଞ୍ଚାୟତର ଗଣେଶ୍ୱରପୁର ଗାଁ। ଏହି ଗାଁକୁ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଅପହଞ୍ଚ। ବର୍ଷ ବର୍ଷ ଧରି ଗାଁର ଲୋକେ ନାନା ସମସ୍ୟା ସହ ଯୁଝୁଛନ୍ତି। ଏହା ମଧ୍ୟରେ ଅନେକ ଥର ନିର୍ବାଚନ ହୋଇଛି, ସରକାର ବଦଳିଛି, ନେତା ବି ବଦଳିଛନ୍ତି। ହେଲେ, ଏମାନଙ୍କ ଭାଗ୍ୟରେ କୌଣସି ପରିବର୍ତ୍ତନ ହୋଇନି। ନିର୍ବାଚନ ବେଳେ ନେତା ଗାଁକୁ ଆସନ୍ତି, ପ୍ରତିଶ୍ରୁତି ଦିଅନ୍ତି। ହେଲେ ପରେ ଭୁଲିଯାଆନ୍ତି ବୋଲି ଗ୍ରାମବାସୀ କ୍ଷୋଭର ସହିତ କହିଛନ୍ତି ।ଗଣେଶ୍ୱରପୁର ଗାଁରେ ୨୦୦ ଲୋକ ରହୁଛନ୍ତି। ଗାଁକୁ ଯିବାକୁ ସିଧା ରାସ୍ତା ନାହିଁ। ଗାଁର ଜଣେ କଲେଜ ପଢୁଆ ଯୁବକ ମୁନା ଅପଟ୍ କହିଛନ୍ତି, ପାଲଲହଡ଼ା ସଦର ମହକୁମାରୁ ୨୫ କିମି ଦୂର ତଥା ପଞ୍ଚାୟତ ସଦରମହକୁମାରୁ ୧୧ କିମି ଦୂରରେ ଥିବା ଗଣେଶ୍ୱରପୁର ଗାଁକୁ ସିଧା ରାସ୍ତା ନାହିଁ। ଗାଁକୁ ଯିବାକୁ ହେଲେ ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ୍‌ର ଗାଁ ଦେଇ ଯିବାକୁ ପଡ଼େ। ପିଇବା ପାଣିର ସୁବିଧା ନଥିବାରୁ ଗାଁ ଲୋକେ ଖୋଲା କୂଅ ଓ ପୋଖରୀ ଉପରେ ନିର୍ଭର କରିଥାନ୍ତି। ଯଦ୍ୱାରା ବିଭିନ୍ନ ସମୟରେ ଜଳବାହିତ ରୋଗର ଶିକାର ହେଉଥିବା ଜଣାପଡ଼ିଛି। ଗାଁର ହିତାଧିକାରୀ ୧୧ କିମି ଚାଲି ରାସନ ଓ ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଆସିଥାନ୍ତି। ସରକାରୀ ବସ୍ ସେବା ମଧ ସେମାନଙ୍କ ପାଖରେ ପହଞ୍ଚି ପାରିନାହିଁ ।ଗଣେଶ୍ୱରପୁର ଗାଁରେ ଅଙ୍ଗନବାଡ଼ି କେନ୍ଦ୍ର ନାହିଁ। ୧୮ରୁ ୧୯ ଜଣ ଶିଶୁ ଗାଁଠାରୁ ୯ କିମି ଦୂର ତଭାପଲ୍ ଗାଁ ଅଙ୍ଗନବାଡ଼ି କେନ୍ଦ୍ରକୁ ପାଠ ପଢ଼ିବାକୁ ଯାଇଥାନ୍ତି। ଜଙ୍ଗଲ ଦେଇ ଶିଶୁମାନେ ନିତିଦିନ ଯାତାୟାତ କରିପାରୁ ନ ଥିବାରୁ ଶିକ୍ଷା ବାଧାପ୍ରାପ୍ତ ହେଉଛି। ପିବିଡିଏ ପକ୍ଷରୁ ନିର୍ମାଣ କରାଯାଇଥିବା ସୋଲାର ପ୍ରକଳ୍ପ ମଧ ଅଚଳ ହୋଇପଡ଼ିଛି। ରାସ୍ତା ନ ଥିବାରୁ ଗାଁରେ ଜରୁରି ସୁବିଧା ପହଞ୍ଚି ପାରେନାହିଁ। ଏହି ଗାଁକୁ ମୌଳିକ ସୁବିଧା ଯୋଗାଇ ଦେବା ସହ ବସ୍ ଚଳାଚଳ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରୁଛନ୍ତି।


# ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ




## ଜ୍ଞାନେଶ କୁମାରଙ୍କ ନିଲମ୍ବନ ଦାବିକୁ ସୁପ୍ରିମକୋର୍ଟଙ୍କ ଖାରଜ



ନୂଆଦିଲ୍ଲୀ : ଭାରତୀୟ ମୁଖ୍ୟ ନିର୍ବାଚନ କମିଶନ୍(ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଦାଖଲ ଆବେଦନ ଉପରେ ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ଏହି ମାମଲାରେ ଯୁକ୍ତି ପରେ ସୁପ୍ରିମକୋର୍ଟ ସିଇସି ଜ୍ଞାନେଶ କୁମାରଙ୍କୁ ନିଲମ୍ବନକୁ ଖାରଜ କରିଦେଇଛନ୍ତି। ସୁପ୍ରିମକୋର୍ଟ ଶୁଣାଣି ବେଳେ କହିଛନ୍ତି, ତାଙ୍କୁ ଆଶା ରହିଛି ଯେ, ସମ୍ବିଧାନିକ ସଂସ୍ଥା ଆଇନ ଅନୁସାରେ କାମ କରିବ। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ବାଗଚୀ ଓ ଜଷ୍ଟିସ୍ ଭି.ମୋହନଙ୍କ ଖଣ୍ଡପୀଠ ଏହି ମାମଲାରେ ନିର୍ବାଚନ କମିଶନଙ୍କୁ ନୋଟିସ୍ ଜାରି କରି ଜବାବ ମାଗିଛନ୍ତି। ଆବେଦନରେ ଅଭିଯୋଗ ରହିଛି ଯେ, ଏସଆଇଆର ଫର୍ମ-୬ ରେ ପରିବର୍ତ୍ତନ ଓ ନିର୍ବାଚନ କମିଶନଙ୍କ ଅନ୍ୟ କୌଣସି ନିଷ୍ପତ୍ତି ଆଇନରେ ନିର୍ଦ୍ଧାରିତ ପକ୍ରିୟାର ଉଲଂଘନ ନେଇ ଅଭିଯୋଗ ରହିଛି। ନିର୍ବାଚନ କମିଶନଙ୍କୁ ଆଇନ ଅନୁଯାୟୀ ନିଷ୍ପତ୍ତି ସର୍ବସମ୍ମତିକ୍ରମେ କିମ୍ବା ବହୁମତ ଭୋଟରେ ନିଆଯିବା ଆବଶ୍ୟକ। ଏହି ଆବେଦନ ସାମାଜିକ କର୍ମୀ ରାକେଶ କୁମାର ସିଂହ ଓ ଆଇନଜୀବି ଶୈଳେନ୍ଦ୍ର ମଣି ତ୍ରିପାଠୀ ଦାଖଲ କରିଥିଲେ। ରାକେଶ କୁମାର ସିଂହଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବି ବିକାଶ ସିଂହ ହାଜର ହୋଇଥିଲେ। ସେ ଜନପ୍ରତିନିଧିତ୍ୱ ଆଇନର ମୂଳ ସ୍ୱରୂପ ଓ ଏଥିରେ କରାଯାଇଥିବା ପରିବର୍ତ୍ତନ ସହ ଧାରା ୧୦(୨) ଓ ୧୦(୩)ର କଥା କହିଥିଲେ। ଆବେଦନର ଶୁଣାଣି ସମୟରେ, ସିଜେଆଇ ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ସ୍ପଷ୍ଟ ସୂଚାଇ ଦେଇଥିଲେ ଯେ ଯଦି ନିର୍ବାଚନ କମିଶନଙ୍କ ଉତ୍ତର ଦେଖିବା ପରେ ଏହା ପ୍ରମାଣିତ ହୁଏ ଯେ ନିୟମ ଏବଂ ସହମତିକୁ ଅଣଦେଖା କରି ନିଷ୍ପତ୍ତି ନିଆଯାଇଛି, ତେବେ କୋର୍ଟ ସେହି ନିଷ୍ପତ୍ତିଗୁଡ଼ିକୁ ପ୍ରତ୍ୟାହାର କରିବାକୁ ସଂକୋଚ କରିବେ ନାହିଁ। ବରିଷ୍ଠ ଆଇନଜୀବି ବିକାଶ ସିଂହ ଯୁକ୍ତି ଦେଇଥିଲେ ଯେ ନୂତନ ଆଇନ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଅତ୍ୟନ୍ତ ଶକ୍ତିଶାଳୀ କରିଛି। ସେ କହିଥିଲେ ଯେ ଅବସର ପରେ ମଧ୍ୟ ସିଇସି ତଦନ୍ତରୁ ସୁରକ୍ଷିତ। ସିଂହ କହିଥିଲେ, 'ପ୍ରଧାନମନ୍ତ୍ରୀଙ୍କ ପାଖରେ କିମ୍ବା ବିଚାରପତିଙ୍କ ପାଖରେ ମଧ୍ୟ ଏପରି ସୁରକ୍ଷା ନାହିଁ।' ଏହା ଉପରେ ଜଷ୍ଟିସ ବାଗଚୀ କହିଥିଲେ ପଦରେ ରହି ସଂରକ୍ଷଣ ପୂର୍ବରୁ ବି ଆଇନ ତିଆରି ହୋଇଥିଲା। ସିଂହ ଜବାବ୍ ଦେଇଛନ୍ତି ଯେ, ଏବେ ଆଇନ ଅବସର ପରେ ବି ସୁରକ୍ଷା ଦେଉଛି। ସିଜେଆଇ କହିଥିଲେ, ସମ୍ପର୍କିତ ଆଇନକୁ ଚ୍ୟାଲେଞ୍ଜ ଦେଉଥିବା ମାମଲା ପୂର୍ବରୁ ପଡି ରହିଛି। ବିକାଶ ସିଂହ କହିଛନ୍ତି, ସେ ଏହି ମାମଲାରେ ଆଇନକୁ ଚ୍ୟାଞ୍ଜେ ଦେବାକୁ ଚାହାନ୍ତି ନାହିଁ, ବଂର ଏହା ଦେଖିବାକୁ ଚାହାନ୍ତି ନିର୍ବଚନ କମିଶନରେ ଆଗକୁ କ'ଣ ହେବ। ଆବେଦନକାରୀ ଜ୍ଞାନେଶ କୁମାରଙ୍କୁ ସିଇସି ପଦରୁ ନିଲମ୍ବନ କରିବାକୁ ମଧ୍ୟ ଦାବି କରିଥିଲେ। ବିକାଶ ସିଂହ କହିଛନ୍ତି ଯେ ଅନ୍ୟ ଦୁଇ ନିର୍ବାଚନ କମିଶନରଙ୍କୁ ନିର୍ବାଚନ କମିଶନ ଚଳାଇବାକୁ ଅନୁମତି ଦିଆଯିବା ଉଚିତ। ସେ ଅନୁପ ବର୍ଣ୍ଣୱାଲ ମାମଲା ପରି ବ୍ୟବସ୍ଥାର ପୁନରୁଦ୍ଧାର ପାଇଁ ମଧ୍ୟ ଦାବି କରିଥିଲେ, ଯେଉଁଥିରେ ସିଜେଆଇଙ୍କୁ ନିଯୁକ୍ତି କମିଟିରେ ସାମିଲ କରାଯାଇଥିଲା। ସିଂହ ଅଭିଯୋଗ କରିଥିଲେ ଯେ ସିଇସି ଏକପାଖିଆ ନିଷ୍ପତ୍ତି ନେଉଛନ୍ତି। ଆଇନ ଅନୁଯାୟୀ, ନିର୍ବାଚନ କମିଶନଙ୍କ ନିଷ୍ପତ୍ତି ଯଥାସମ୍ଭବ ସର୍ବସମ୍ମତିକ୍ରମେ ନିଆଯିବା ଉଚିତ ଏବଂ ଯଦି ତାହା ସମ୍ଭବ ନୁହେଁ, ତେବେ ସଂଖ୍ୟାଗରିଷ୍ଠତା ଦ୍ୱାରା ନିଆଯିବା ଉଚିତ।

## ସୁପ୍ରିମକୋର୍ଟ ନୁହେଁ ତ କାହା ନିର୍ଦ୍ଦେଶରେ ବଦଳିଲା ଫର୍ମ-୬ ? ନିର୍ବାଚନ ଆୟୋଗଙ୍କୁ ଦେବାକୁ ପଡ଼ିବ ଜବାବ




ନୂଆଦିଲ୍ଲୀ : ଭୋଟର ଲିଷ୍ଟରେ ନାମ ଯୋଡ଼ିବା ପାଇଁ ବ୍ୟବହୃତ ହେଉଥିବା ଫର୍ମ-୬ ରେ ପରିବର୍ତ୍ତନକୁ ନେଇ, ସୁପ୍ରିମ କୋର୍ଟ ନିର୍ବାଚନ ଆୟୋଗଙ୍କ ଠାରୁ ମାଗିଛନ୍ତି ଜବାବ । ସୋମବାର ଶୁଣାଣି ସମୟରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ସ୍ପଷ୍ଟ ଭାବେ କହିଛନ୍ତି ଯେ, ସୁପ୍ରିମକୋର୍ଟ ଫର୍ମ-୬ର ସଂଶୋଧିତ ଫର୍ମାଟକୁ କୌଣସି ମଞ୍ଜୁରୀ ଦେଇ ନାହାନ୍ତି । ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ ଆଗତ ଆବେଦନର ଶୁଣାଣି ସମୟରେ କୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି । CJI ଙ୍କ ଏହି ଟିପ୍ପଣୀ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ, କାରଣ ସେପଟ୍ମେର ୨୬ରେ ନିର୍ବାଚନ ଆୟୋଗ କହିଥିଲେ ଯେ , କେତେକ ରାଜ୍ୟରେ ଚାଲିଥିବା ଝଓଜ ପାଇଁ ଅନଲାଇନ୍ ଫର୍ମ-୬ ସହିତ ଯୋଡ଼ା ଯାଇଥିବା ନୂଆ ଘୋଷଣାପତ୍ର ସୁପ୍ରିମ୍ କୋର୍ଟଙ୍କ ଦ୍ୱାରା ଅନୁମୋଦିତ । ବର୍ତ୍ତମାନ କୋର୍ଟ ରେକର୍ଡ ଯାଞ୍ଚ କରି ଜାଣିବାକୁ ଚାହୁଁଛନ୍ତି ଯେ, ପ୍ରକୃତରେ କାହା ନିର୍ଦ୍ଦେଶରେ ଏହି ଫର୍ମରେ ପରିବର୍ତ୍ତନ କରାଯାଇ ଥିଲା । ଫର୍ମ-୬ରେ ପରିବର୍ତ୍ତନକୁ ନେଇ ବିବାଦ ସେତେବେଳେ ଆରମ୍ଭ ହୋଇ ଥିଲା, ଯେତେବେଳେ ଦୁଇଜଣ ନିର୍ବାଚନ କମିଶନ ଏହାକୁ ନେଇ ଅଭିଯୋଗ କରିଥିଲେ । Registration of Electors Rules, ୧୯୬୦ରେ କେନ୍ଦ୍ର ସରକାରଙ୍କ ସଂଶୋଧନ ବିନା ଏହି ପରିବର୍ତ୍ତନ କରାଯାଇ ପାରିବ ନାହିଁ ବୋଲି ସେମାନେ କହି ଥିଲେ । ଉକ୍ତ ରିପୋର୍ଟ ସାମ୍ନାକୁ ଆସିବା ପରେ ଆୟୋଗ ସେପଟ୍ମେର ୨୬ରେ ଏକ ପ୍ରେସ୍ ରିଲିଜ୍ ଜାରି କରି ଥିଲେ । ଏଥିରେ ଆୟୋଗ ଦାବି କରିଥିଲେ ଯେ, ସୁପ୍ରିମକୋର୍ଟ ମେ ୨୦୨୬ର ବିହାର SIR ରାୟରେ ଏହି ଘୋଷଣାପତ୍ରକୁ ମଞ୍ଜୁରୀ ଦେଇ ଥିଲେ । ଭୋଟର ତାଲିକାରେ ନୂଆ ନାମ ଯୋଡ଼ିବା ପାଇଁ ଫର୍ମ-୬ ବ୍ୟବହାର କରାଯାଏ । ଅର୍ଥାତ୍ ଯଦି କୌଣସି ଯୋଗ୍ୟ ବ୍ୟକ୍ତି ପ୍ରଥମ ଥର ପାଇଁ ଭୋଟର ହେବାକୁ ଚାହାନ୍ତି କିମ୍ବା ତାଙ୍କ ନାମ ଭୋଟର ତାଲିକାରେ ନାହିଁ, ତେବେ ସେ ଫର୍ମ-୬ ମାଧ୍ୟମରେ ଆବେଦନ କରି ପାରିବେ । ନାମ ଯୋଡ଼ିବା ପୂର୍ବରୁ ସେହି ବ୍ୟକ୍ତିଙ୍କର ଭୋଟର ହେବାର ଯୋଗ୍ୟତା ଯାଞ୍ଚ କରାଯାଇ ଥାଏ ।

ନିର୍ବାଚନ ଆୟୋଗ ୩୦ ସେପ୍ଟେମ୍ବର ୨୦୨୬ରେ ସେହି ରାଜ୍ୟଗୁଡ଼ିକରେ ଫର୍ମ-୬ରେ ପରିବର୍ତ୍ତନ କରିଥିଲେ ଯେଉଁଠାରେ SIR ପ୍ରକ୍ରିୟା ଶେଷ ହୋଇ ସାରିଛି । ଏବେ ଝଓଜ ସମୟରେ ଭୋଟର ତାଲିକାରୁ ନାମ କଟିଯିବା ପରେ ପୁନର୍ବାର ନାମ ଯୋଡ଼ିବା ପାଇଁ ୨୦୦୩ର ଭୋଟର ତାଲିକାର ତଥ୍ୟ ଦେବା ଆବଶ୍ୟକ ହେବ ନାହିଁ । ଆବେଦନକାରୀଙ୍କୁ ତାଙ୍କର, ତାଙ୍କ ପିତାମାତା କିମ୍ବା ଜେଜେବାପା-ଜେଜେମାଆଙ୍କ ନାମ ୨୦୦୩ ଭୋଟର ତାଲିକାରେ ଥିଲା କି ନାହିଁ ତାହା ଜଣାଇବାକୁ ପଡ଼ିବ ନାହିଁ । ଏଥିପାଇଁ ଫର୍ମ-୬ ସହିତ ଯୋଡ଼ାଯାଇଥିବା ଅତିରିକ୍ତ ଘୋଷଣାପତ୍ରକୁ ମଧ୍ୟ ହଟାଇ ଦିଆଯାଇଛି ।

## UNSCରେ ସ୍ଥାୟୀ ସଦସ୍ୟତା ପାଇଁ ଭାରତର ବଡ଼ ଦାବି

ନୂଆଦିଲ୍ଲୀ : ଜାତିସଂଘ ସୁରକ୍ଷା ପରିଷଦ (UNSC)ରେ ସ୍ଥାୟୀ ସଦସ୍ୟତା ଦାବିକୁ ମଜବୁତ କରିବା ପାଇଁ, ଭାରତ ବିଶ୍ୱର ବିଭିନ୍ନ ଛୋଟ-ବଡ଼ ଦେଶଗୁଡ଼ିକ ସହିତ ନିଜର ପ୍ରତିରକ୍ଷା ସମ୍ପର୍କକୁ ଆହୁରି ସୁଦୃଢ଼ କରିବାକୁ ପ୍ରସ୍ତୁତି ଚଳାଇଛି । ଏହା ଅନୁସାରେ ,ଆଗାମୀ ୫ ବର୍ଷ ମଧ୍ୟରେ ଆଉ ୨୦ଟି ଦେଶରେ ଥିବା ଭାରତୀୟ ଦୂତାବାସ ଗୁଡ଼ିକରେ ପ୍ରତିରକ୍ଷା ଶାଖା (ଡିଫେନ୍ସ ୱିଙ୍ଗ) ସ୍ଥାପନ କରାଯିବ । ଏହି ଶାଖାଗୁଡ଼ିକରେ 'ଡିଫେନ୍ସ ଅଟାଚି' ଏବଂ ପ୍ରତିରକ୍ଷା ପରାମର୍ଶଦାତାମାନଙ୍କୁ ନିଯୁକ୍ତ କରାଯିବ । ସୂତ୍ର ଅନୁଯାୟୀ, ବର୍ତ୍ତମାନ ୫୨ଟି ଦେଶରେ ଥିବା ଭାରତୀୟ ଦୂତାବାସରେ ପ୍ରତିରକ୍ଷା ଶାଖା ରହିଛି । ପ୍ରତିରକ୍ଷା କୂଟନୀତିର ସମ୍ପ୍ରସାରଣ ପାଇଁ ସରକାର ଦୁଇଟି ପର୍ଯ୍ୟାୟରେ ଆଉ ୨୦ଟି ଦେଶକୁ ଏଥିରେ ସାମିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏଥି ମଧ୍ୟରେ ଆଫ୍ରିକା, ୟୁରୋପ ଏବଂ ଲାଟିନ୍ ଆମେରିକାର ଦେଶଗୁଡ଼ିକ ମୁଖ୍ୟ ଭାବେ ସାମିଲ ଅଛନ୍ତି । ଏକ ସରକାରୀ ଡକ୍ୟୁମେଣ୍ଟ ଅନୁସାରେ, ପ୍ରଥମ ପର୍ଯ୍ୟାୟରେ ପୋଲାଣ୍ଡ, ଆଲଜେରିଆ, ଇଥିଓପିଆ ଏବଂ ମୋଜାମ୍ବିକ୍ ସମେତ ୧୦ଟି ଦେଶରେ ଡିଫେନ୍ସ ୱିଙ୍ଗ୍ ସ୍ଥାପନ କରାଯିବ । ଦ୍ୱିତୀୟ ପର୍ଯ୍ୟାୟରେ ମୋରୋକୋ, ମେକ୍ସିକୋ, କାମ୍ବୋଡିଆ ଏବଂ ରୱାଣ୍ଡା ଭଳି ଦେଶଗୁଡ଼ିକୁ ସାମିଲ କରାଯିବ । ଭାରତରୁ ପ୍ରତିରକ୍ଷା ସାମଗ୍ରୀ କିଣିବାକୁ ଆଗ୍ରହୀ ଥିବା, କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଭାରତୀୟ ଡିଫେନ୍ସ ଅଟାଚି ନିଯୁକ୍ତ ହୋଇ ନଥିବା ଦେଶଗୁଡ଼ିକୁ ଏହି ଶାଖା ଖୋଲିବାରେ ପ୍ରାଥମିକତା ଦିଆଯାଉଛି।

## ବ୍ରାଜିଲ ରାଷ୍ଟ୍ରପତି ନିର୍ବାଚନ: କୁହୁକୁ ସଂଖ୍ୟା ହାସଲ କରିବାରେ ଉଭୟ ଦଳ ବିଫଳ

ବ୍ରାସିଲିଆ: ବ୍ରାଜିଲର ରାଷ୍ଟ୍ରପତି ନିର୍ବାଚନ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ପହଞ୍ଚିଛି। ପ୍ରଥମ ପର୍ଯ୍ୟାୟ ଭୋଟର ଫଳାଫଳ ଦେଶର ରାଜନୈତିକ ଦୃଶ୍ୟପଟକୁ ବଦଳାଇ ଦେଇଛି। ୯୮.୮୧ ପ୍ରତିଶତ ଭୋଟ ଗଣନା ପରେ, ଦକ୍ଷିଣପନ୍ଥୀ ପ୍ରାର୍ଥୀ ଫ୍ଲାଭିଓ ବୋଲସୋନାରୋ ୪୭.୨୪ ପ୍ରତିଶତ ଭୋଟ ସହିତ ଆଗୁଆ ଅଛନ୍ତି। ଅପରପକ୍ଷରେ ବର୍ତ୍ତମାନର ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲଭା ୪୪.୯୧ ପ୍ରତିଶତ ସହିତ ଦ୍ୱିତୀୟ ସ୍ଥାନକୁ ଖସି ଆସିଛନ୍ତି। ତେବେ ଫ୍ଲାଭିଓ ବୋଲସୋନାରୋ ନିର୍ବାଚନରେ ??ସିଧାସଳଖ ଜିତିବା ପାଇଁ ଆବଶ୍ୟକ ୫୦ ପ୍ରତିଶତରୁ ଅଧିକ ଭୋଟର କୁହୁକୁ ସଂଖ୍ୟା ହାସଲ କରିବାରେ ବିଫଳ ହୋଇଛନ୍ତି। ଏହି ଦୁଇ ପ୍ରାର୍ଥୀ ଏବେ ଅକ୍ଟୋବର ୨୫ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ମୁହାଁମୁହିଁ ହେବେ ।ବ୍ରାଜିଲର ନିର୍ବାଚନ ବ୍ୟବସ୍ଥା ଅନୁଯାୟୀ ଜିତିବା ପାଇଁ ଜଣେ ପ୍ରାର୍ଥୀଙ୍କୁ ପ୍ରଥମ ପର୍ଯ୍ୟାୟରେ ୫୦ ପ୍ରତିଶତରୁ ଅଧିକ ଭୋଟ୍ ପାଇବାକୁ ପଡିବ। କୌଣସି ପ୍ରାର୍ଥୀ ଏହି ଅଙ୍କ ଛୁଇଁ ନାହାନ୍ତି, ତେଣୁ ସେମାନେ ଏବେ ଦ୍ୱିତୀୟ ପର୍ଯ୍ୟାୟରେ ମୁହାଁମୁହିଁ ହେବେ। ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜାଇର ବୋଲସୋନାରୋଙ୍କ ପୁଅ ଫ୍ଲାଭିଓ ବୋଲସୋନାରୋ ପ୍ରଥମ ପର୍ଯ୍ୟାୟ ପ୍ରଦର୍ଶନକୁ ଦମଦାର୍ ବୋଲି ବିବେଚନା କରାଯାଉଛି। ସାମରିକ ବିପ୍ଳବ ମାଧ୍ୟମରେ ପୂର୍ବ ନିର୍ବାଚନର ଫଳାଫଳକୁ ଓଲଟାଇ ଦେବାର ବିଫଳ ପ୍ରୟାସର ଷଡ଼ଯନ୍ତ୍ର କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ପୂର୍ବତନ ଦକ୍ଷିଣପନ୍ଥୀ ନେତା ଜାଇର ବୋଲସୋନାରୋ ୨୭ ବର୍ଷ ଜେଲ ଦଣ୍ଡ ଭୋଗୁଛନ୍ତି। ପ୍ରଥମ ପର୍ଯ୍ୟାୟ ଆରମ୍ଭରୁ ଏକ କଡ଼ା ପ୍ରତିଯୋଗିତା ହେବ ବୋଲି ଆଶା କରାଯାଉଥିଲା। ତେବେ ନିର୍ବାଚନ ପ୍ରଚାର ସମୟରେ ଲୁଲା ମତାମତ ସର୍ଭେରେ ସାମାନ୍ୟ ଆଗୁଆ ଥିଲେ। ଏହା ସତ୍ତ୍ୱେ, ଫ୍ଲାଭିଓ ବୋଲସୋନାରୋଙ୍କ ପ୍ରଦର୍ଶନ ଆଶାଠାରୁ ଅଧିକ ରହିଛି। ଦ୍ୱିତୀୟ ପର୍ଯ୍ୟାୟ ପୂର୍ବରୁ ବ୍ରାଜିଲର ରାଜନୈତିକ ଦୃଶ୍ୟପଟକୁ ଫଳଫଳ ଉଲ୍ଲେଖନୀୟ ଭାବରେ ପରିବର୍ତ୍ତନ କରିଛି। ପ୍ରଥମ ପର୍ଯ୍ୟାୟ ଫଳାଫଳ ବୋଲସୋନାରୋଙ୍କ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇପାରେ, କାରଣ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଯୋଗ୍ୟତା ଅର୍ଜନ କରିପାରି ନ ଥିବା ଅନେକ ପ୍ରାର୍ଥୀ ଦକ୍ଷିଣପନ୍ଥୀ ଶିବିରରୁ ଆସିଛନ୍ତି। ଯଦି ବୋଲସୋନାରୋ ଏହି ପ୍ରାର୍ଥୀମାନଙ୍କ ସମର୍ଥକଙ୍କ ଭୋଟ ସଂଗ୍ରହ କରିବାରେ ସଫଳ ହୁଅନ୍ତି ତେବେ ଏହା ହେବାକୁ ଥିବା ଦ୍ୱିତୀୟ ପ୍ରତିଦ୍ୱନ୍ଦ୍ୱିତାରେ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହୋଇପାରିବ।

## ୮ ଜଣଙ୍କୁ ରାଜ୍ୟସଭା ପାଇଁ ପ୍ରାର୍ଥୀ କଲା ବିଜେପି, ନାହିଁ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀଙ୍କ ନାଁ




ଉତ୍ତର ପ୍ରଦେଶରୁ ଆଗାମୀ ରାଜ୍ୟସଭା ନିର୍ବାଚନ ପାଇଁ ୮ ଜଣଙ୍କୁ ପ୍ରାର୍ଥୀ କରିଛି ବିଜେପି। ଅକ୍ଟୋବର ୧୬ରେ ଉତ୍ତର ପ୍ରଦେଶର ୧୦ଟି ରାଜ୍ୟସଭା ଆସନ ପାଇଁ ମତଦାନ ହେବ। ଏହାପୂର୍ବରୁ ଦଳ ପକ୍ଷରୁ ୮ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ସାର୍ବଜନୀନ କରାଯାଇଛି। କିନ୍ତୁ ଏହି ତାଲିକାରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ନାଁ ନାହିଁ। ସେ ରାଜ୍ୟସଭା ତାଲିକାରୁ ବାଦ ପଡ଼ିବାର ଅର୍ଥ ମୋଦିଙ୍କ ମନ୍ତ୍ରିମଣ୍ଡଳରୁ ମଧ୍ୟ ବାଦ ପଡ଼ିବେ। ଏପରି ସ୍ଥିତିରେ ଆଗକୁ ମୋଦି ସରକାର ମନ୍ତ୍ରିମଣ୍ଡଳ ଅଦଳବଦଳ କରିବେ ବୋଲି ଏକପ୍ରକାରର ସ୍ପଷ୍ଟ ହୋଇଛି। ତାଙ୍କ ବ୍ୟତୀତ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ବିଏଲ ବର୍ମା ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କୁ ରାଜ୍ୟସଭା ଟିକେଟ ମିଳିବା ନେଇ ଚର୍ଚ୍ଚା ହେଉଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ସେମିତି କିଛି ବି ହୋଇନି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଉତ୍ତର ପ୍ରଦେଶରୁ ବିଦାୟ ନେବାକୁ ଥିବା ୮ ରାଜ୍ୟସଭା ସାଂସଦଙ୍କ ମଧ୍ୟରୁ ବିଜେପି ଜଣଙ୍କୁ ବି ରିପିଟ କରିନି। ହରଦୀପ ଓ ବିଏଲ ସନ୍ତୋଷଙ୍କ ଭଳି ଅରୁଣ ସିଂହ, ସୀମା ଦ୍ୱିବେଦୀ, ନୀରଜ ଶେଖର, ବ୍ରିଜ ଲାଲ ଓ ଗୀତା ଶକୟାଙ୍କ ନାଁ ମଧ୍ୟ ରାଜ୍ୟସଭା ପ୍ରାର୍ଥୀ ତାଲିକାରେ ନାହିଁ। ପୂର୍ବରୁ ଉତ୍ତର ପ୍ରଦେଶରୁ ଏହି ୭ ଜଣଙ୍କ ସମେତି ଦୀନେଶ ଶର୍ମା ମଧ୍ୟ ରାଜ୍ୟସଭାକୁ ଯାଇଥିଲେ। ବିଜେପି ଏଥର କାହାକୁ ବି ପୁଣି ରାଜ୍ୟସଭାକୁ ପଠାଇ ନାହିଁ। ବାଦ ପଡ଼ିଥିବା ୮ ସାଂସଦଙ୍କ ମଧ୍ୟରୁ ୭ ଜଣଙ୍କୁ କୌଣସି ନୂଆ ଦାୟିତ୍ୱ ମିଳି ନଥିବା ବେଳେ ଦୀନେଶ ଶର୍ମା ଏବେ ଆଣ୍ଡାମାନ ନିକୋବରର ଉପ ରାଜ୍ୟପାଳ ରହିଛନ୍ତି। ଆଜି ୮ ପ୍ରାର୍ଥୀଙ୍କ ମଧ୍ୟରେ ଯୋଗୀ ସରକାରରେ ମନ୍ତ୍ରୀ ଥିବା ଧର୍ମପାଲ ସିଂହଙ୍କ ନାଁ ରହିଛି। ତାଙ୍କ ବ୍ୟତୀତ ଆଇନଜୀବୀ ରାଧାକାନ୍ତ ଓଝା, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ପ୍ରକାଶ ପାଲ, ପୂର୍ବତନ ସାଂସଦ ବିଦ୍ୟାସାଗର ସୋନକର, ଗୋପୀ କ୍ରିଷ୍ଣା ପାଣ୍ଡେ, ପୂର୍ବତନ ସାଂସଦ ପ୍ରିୟଙ୍କା ସିଂହ ରାୱ୍, ରାଜ୍ୟ ସାଧାରଣ ସମ୍ପାଦକ ରାମ ପ୍ରତାପ ସିଂହ ଚୌହାନ ଓ ଝାରଖଣ୍ଡ ରାଜ୍ୟପାଳ ସନ୍ତୋଷ ଗଙ୍ଗୱାରଙ୍କ ଝିଅ ସୃଷ୍ଟିଙ୍କୁ ବିଜେପି ରାଜ୍ୟସଭା ପ୍ରାର୍ଥୀ କରିଛି।

## ମହାତ୍ମା ଗାନ୍ଧିଙ୍କ ସମ୍ପର୍କରେ ଆପତ୍ତିଜନକ ରିଲ୍ କରି ବନ୍ଧା ହେଲେ ମହିଳା

ଜାତିର ପିତା ମହାତ୍ମା ଗାନ୍ଧିଙ୍କୁ ଅପମାନ। ସୋଶାଲ ମିଡିଆରେ ଚର୍ଚ୍ଚା ସାଉଁଟିବାକୁ ମହାତ୍ମା ଗାନ୍ଧିଙ୍କ ସମ୍ପର୍କରେ ଆପତ୍ତିଜନକ ରିଲ୍ ପୋଷ୍ଟ କରିବା ଜଣେ ମହିଳାଙ୍କୁ ମହଙ୍ଗା ପଡ଼ିଛି। ଏହି ତଥାକଥିତ ସୋଶାଲ ମିଡିଆ କଣ୍ଟେଣ୍ଟ କ୍ରିଏଟରଙ୍କୁ ଗୁଜରାଟ ପୁଲିସ୍ ? ଗିରଫ କରିଛି। ଏହି ମହିଳା ଜଣଙ୍କ ପବିତ୍ର ଗାନ୍ଧି ଜୟନ୍ତୀ ଗୋଟିଏ ଦିନ ପୂର୍ବରୁ ୫୦୦ ଟଙ୍କିଆ ନୋଟ୍? ଧରି ଏହାକୁ ଅତ୍ୟନ୍ତ ଆପତ୍ତିଜନକ ଭାବେ ପ୍ରଦର୍ଶନ କରିଥିଲେ। ଗାନ୍ଧି ଜୟନ୍ତୀରେ ମହାତ୍ମା ଗାନ୍ଧିଙ୍କୁ ଅପମାନିତ କରିବା ଉଦ୍ଦେଶ୍ୟରେ ମହିଳା ଜଣଙ୍କ ଏପରି କରିଥିବା ଅଭିଯୋଗ ହୋଇଥିଲା। ଏଥିପାଇଁ ସୁରଟ ପୁଲିସ ୪୭ ବରର୍ଷୀୟ ସିମରନ ପଟେଲଙ୍କୁ ଗିରଫ କରିଛି। ଇନଷ୍ଟାଗ୍ରାମରେ ସିମରଣଙ୍କୁ ଅନୁଗାମୀଙ୍କ ସଂଖ୍ୟା ୧୦ ଲକ୍ଷରୁ ଅଧିକ। ସେ ଅଦାଜନ ଅଞ୍ଚଳରେ ରୁହନ୍ତି ଓ ଗାନ୍ଧି ଜୟନ୍ତୀର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ଅକ୍ଟୋବର ୧ ତାରିଖ ଦିନ ୧ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ସେ ଏହି ଭିଡିଓକୁ ପୋଷ୍ଟ କରିଥିଲେ। ତାଙ୍କୁ ଗିରଫ କରାଯାଇଥିବା ନେଇ ସୁରଟ ପୁଲିସ ଏକ୍ସରେ ଗୋଟିଏ ପୋଷ୍ଟ କରିଛି। ପୁଲିସ୍ ? ପୋଷ୍ଟ କରିଥିବା ଭିଡିଓରେ ସିମରନ କେମିତି ୫୦୦ ଟଙ୍କିଆ ନୋଟକୁ ଆପତ୍ତିଜନକ ଭାବେ ଧରି ଅଭଦ୍ର ଇଙ୍ଗିତ କରୁଛନ୍ତି, ତାହା ଦେଖିବାକୁ ମିଳୁଛି। ପରବର୍ତ୍ତୀ ସମୟରେ ତାଙ୍କୁ ଗିରଫ କରାଯିବା ଓ ସେ କ୍ଷମା ମାଗିବା ଦୃଶ୍ୟ ମଧ୍ୟ ଭିଡିଓରେ ସ୍ଥାନିତ କରାଯାଇଛି। ପୁଲିସର କହିବା କଥା ଯେ ସିମରନ ପୋଷ୍ଟ କରିଥିବା ଭିଡିଓରେ ଆପତ୍ତିଜନକ ବିଷୟବସ୍ତୁ ରହିଥିଲା। ସେହିପରି ସେ ମହାତ୍ମା ଗାନ୍ଧିଙ୍କ ଛବି ଥିବା ନୋଟ ସହ ଆପତ୍ତିଜନକ ଇଙ୍ଗିତ ମଧ୍ୟ କରିଥିଲେ। ସିମରନଙ୍କ ରିଲ୍ ? ଭାଇରାଲ ହେବା ପରେ ଧର୍ମେଶ ଗାମି ନାମକ ଜଣେ ସାମାଜିକ କର୍ମୀ ପ୍ରଥମେ ସୁରଟ କ୍ରାଇମବ୍ରାଞ୍ଚ ନିକଟରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୁଲିସ୍ ? ଆଇଟି ଆକ୍ଟର ଧାରା ୬୭ ଅନୁସାରେ ମାମଲା କରଥିଲା। ଏହାପରେ ଗିରଫଦାରୀ ହୋଇଛି। ଏହି ଘଟଣା ପରେ ପୁଲିସ୍ ? ଲୋକଙ୍କୁ ଆପତ୍ତିଜନକ ବିଷୟବସ୍ତୁ ସୋଶାଲ ମିଡିଆରେ ପୋଷ୍ଟ କରିବାକୁ ବାରଣ କରିଛି।

## ଅସାମାଜିକ ତତ୍ତ୍ୱଙ୍କ ମନରେ ମୃତ୍ୟୁର ଭୟ ସୃଷ୍ଟି କର : ପୋଲିସଙ୍କୁ ସୁପ୍ରିମକୋର୍ଟଙ୍କ ପରାମର୍ଶ

ଯୌନ ଅପରାଧ ଭଳି ଘୃଣ୍ୟ ମାନସିକତା ରଖିଥିବା ପୁରୁଷଙ୍କ ମନରେ ମୃତ୍ୟୁର ଭୟ ସୃଷ୍ଟି କରିବାକୁ ସୁପ୍ରିମକୋର୍ଟ ଆଜି ଦିଲ୍ଲୀ ପୁଲିସ୍ ?କୁ ମନେ ପକାଇ ଦେଇଛନ୍ତି। ଛାତ୍ରୀମାନଙ୍କୁ ଯେଉଁ ସବୁ କଲେଜରେ ହଇରାଣ କରାଯାଉଛି ପୁଲିସ୍ ତା' ଉପରେ ପ୍ରଥମେ ଫୋକସ କରୁ। ଏହାପରେ ଦେଶର ରାଜଧାନୀ ଦିଲ୍ଲୀରେ ଥିବା ବେଆଇନ ଖାଦ୍ୟ ବିକ୍ରି ସ୍ଥାନକୁ ପୁଲିସ୍ ? ଯାଉ। ସେଠାରେ ଅସାମାଜିକ ତତ୍ତ୍ୱମାନେ ଏକାଠି ହେଉଛନ୍ତି ଓ ମନଇଚ୍ଛା ମଦ୍ୟପାନ କରୁଛନ୍ତି ବୋଲି କହିଛନ୍ତି ସୁପ୍ରିମକୋର୍ଟ। ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଗୋଟିଏ ପରେ ଗୋଟିଏ ଦୁଷ୍କର୍ମ ମାମଲା ସାମ୍ନାକୁ ଆସୁଥିବାରୁ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଘଟଣାରେ ସୁପ୍ରିମକୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି ଯେ ଯେଉଁ ପର୍ଯ୍ୟନ୍ତ ପୁଲିସ୍ ? ଅସାମାଜିକ ତତ୍ତ୍ୱମାନଙ୍କ ମନରେ ଯେଉଁ ପର୍ଯ୍ୟନ୍ତ ମୃତ୍ୟୁର ଭୟ ସୃଷ୍ଟି କରିପାରି ନାହିଁ, ସେ ପର୍ଯ୍ୟନ୍ତ ଏପରି ଘଟଣା ଘଟି ଚାଲିଥିବ। ଏବେ କିଛି କଲେ ମୃତ୍ୟୁ ଦଣ୍ଡ ନିଶ୍ଚିତ ବୋଲି ଯୌନ ଅପରାଧ ଘଟାଉଥିବା ଲୋକଙ୍କ ମନରେ ରହିବା ଆବଶ୍ୟକ। ଗୋଟିଏ ଗାର୍ଲସ କଲେଜ ଠାରୁ ପ୍ରାୟ ୨ କିମି ଦୂରରେ ଥିବା ପାର୍କରେ ଘଟିଥିବା ଗଣଦୁଷ୍କର୍ମ ଘଟଣା କଥା ଉଠାଇ ସୁପ୍ରିମକୋର୍ଟ ଦିଲ୍ଲୀ ପୁଲିସ୍ ?ର କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନ ଉଠାଇଛନ୍ତି। ଜଷ୍ଟିସ ଜେବି ପାର୍ଡିୱାଲାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି ଯେ "କୁହାଯାଉଛି ଯେ ଅପରାଧୀଙ୍କ ସମ୍ପର୍କରେ ଲୋକମାନେ ପୂର୍ବରୁ ପୁଲିସ୍‌କୁ କହିଥିଲେ। ତଥାପି ଏପରି ଦୁର୍ଭାଗ୍ୟଜନକ ଘଟଣା ଘଟିଛି। ଆପଣ କେମିତି ଏଭଳି ଅପରାଧ ରୋକିବେ ? ଆମେ ଏହି ଅପରାଧକୁ ରୋକିବାକୁ ଯେମିତି ହେଲେ ରୋକିବାକୁ ଚାହୁଁଛୁ। ଯଦି ଆମେ ଏକାଠି କାମ କରିବା, ତା'ହେଲେ ନିଶ୍ଚିତ ପରିବର୍ତ୍ତନ ହୋଇପାରିବ।" ଅପରାଧକୁ ରୋକିବା ପାଇଁ ୱାର ରୁମ ଗଠନ ସମ୍ପର୍କିତ ତଥ୍ୟ ମଧ୍ୟ ଦିଲ୍ଲୀ ପୁଲିସ୍ ?କୁ ମାଗିଛନ୍ତି ଖଣ୍ଡପୀଠ। ୨୦୧୨ ନିର୍ଭୟା ମାମଲା କଥା ମନେ ପକାଇ ଜଷ୍ଟିସ ପାର୍ଡିୱାଲା କହିଛନ୍ତି ଯେ ଏହି ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଅପରାଧୀମାନେ ଭୟଙ୍କର କାଣ୍ଡ ଘଟାଇବା ପୂର୍ବରୁ ଖାଦ୍ୟ ଖାଇଥିଲେ ଓ ମଦ ପିଇଥିଲେ। ଏଥିପ୍ରତି ପୁଲିସ୍ ନଜର ଦେଉ। ଯୌନ ଅପରାଧ ମାମଲାରେ ଦିଲ୍ଲୀ ପୁଲିସ୍ କଠୋର କାର୍ଯ୍ୟାନୁଷ୍ଠାନ ନେବାରେ ଆଦୌ ପଛ ଘୁଞ୍ଚା ନ ଦେଉ।

## ଶୃଙ୍ଖଳା ନାଁରେ ବର୍ବରତା ! ୮୨ ଛାତ୍ରଙ୍କୁ ଅଧାଲଣ୍ଡା କରିଦେଲେ ଶିକ୍ଷକ, ରାଜ୍ୟରେ ହଇଚଇ

ମୁମ୍ବାଇ : ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲାରୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଚିମୁର ତାଲୁକାର ଜାମ୍ବୁଲଘାଟସ୍ଥିତ ଏକ ସରକାରୀ ମାଧ୍ୟମିକ ଆଶ୍ରମ ବିଦ୍ୟାଳୟରେ ପ୍ରାୟ ୮୨ ଜଣ ଛାତ୍ରଙ୍କୁ ଅନୁଶାସନ ନାଁରେ ଅଧା ଲଣ୍ଡା କରାଯାଇଥିବା ଅଭିଯୋଗ ହୋଇଛି । ଘଟଣାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ସ୍କୁଲର ମୁଖ୍ୟଶିକ୍ଷକ ସମ୍ପୃକ୍ତ ସୁପରିଟେଣ୍ଡେଣ୍ଟଙ୍କୁ କାରଣ ଦର୍ଶାଅ ନୋଟିସ୍ ? ଜାରି କରିଛନ୍ତି । ସୂଚନା ଅନୁସାରେ, ଶନିବାର ସ୍କୁଲରେ ଛାତ୍ରମାନଙ୍କ କେଶ କାଟିବା କାମ ଚାଲିଥିଲା। ଏହି ସମୟରେ କିଛି ଛାତ୍ର ଖେଳୁଥିବା ଅଭିଯୋଗ ହୋଇଛି। ଏଥିରେ ସ୍କୁଲ ସୁପରିଟେଣ୍ଡେଣ୍ଟ ପ୍ରଶାନ୍ତ ମେଶ୍ରାମ ରାଗିଯାଇଥିବା ଏବଂ ଅନୁଶାସନ ନାଁରେ ନାପିତଙ୍କୁ ସମ୍ପୃକ୍ତ ଛାତ୍ରମାନଙ୍କ ଅଧା କେଶ କାଟିବାକୁ ନିର୍ଦ୍ଦେଶ ଦେଇଥିବା ଅଭିଯୋଗ ରହିଛି। ଅଭିଯୋଗ ଅନୁସାରେ, ସୁପରିଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶ ପରେ ଟ୍ରିମର ଦ୍ୱାରା ପ୍ରାୟ ୮୨ ଜଣ ଛାତ୍ରଙ୍କ ଅଧା କେଶ କାଟି ଦିଆଯାଇଥିଲା। ଛାତ୍ରମାନଙ୍କ ଏଭଳି ହେୟାରକଟ୍ ?ର ଫଟୋ ସାମ୍ନାକୁ ଆସିବା ପରେ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା ।ଘଟଣାର ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ? ହେବା ପରେ ଉପରିସ୍ଥ କାର୍ଯ୍ୟାଳୟରୁ ସ୍କୁଲକୁ ଫୋନ୍ ? ଆସିଥିବା ଏବଂ ସମସ୍ତ ଛାତ୍ରଙ୍କ କେଶ ସମାନ ଭାବେ କାଟିବାକୁ ନିର୍ଦ୍ଦେଶ ଦିଆଯାଇଥିବା କୁହାଯାଉଛି । ଏହାପରେ ରାତି ପ୍ରାୟ ୧୧ଟାରୁ ପୁଣି କେଶ କାଟିବା କାମ ଆରମ୍ଭ ହୋଇଥିଲା, ଯାହା ରବିବାର ଭୋର ପ୍ରାୟ ୪ଟା ପର୍ଯ୍ୟନ୍ତ ଚାଲିଥିବା ଜଣାପଡ଼ିଛି। ଅଭିଯୋଗ ଉପରେ ସୁପରିଟେଣ୍ଡେଣ୍ଟ ପ୍ରଶାନ୍ତ ମେଶ୍ରାମ କହିଛନ୍ତି ଯେ, ଏହି ପଦକ୍ଷେପ ଛାତ୍ରମାନଙ୍କ ଭଲ ପାଇଁ ନିଆଯାଇଥିଲା ଏବଂ ଏହା ପଛରେ କୌଣସି ଖରାପ ଉଦ୍ଦେଶ୍ୟ ନଥିଲା। ବର୍ଷା ଯୋଗୁଁ ଦୀର୍ଘ ସମୟ ଧରି ଛାତ୍ରମାନଙ୍କ କେଶ କଟାଯାଇନଥିଲା ଏବଂ କିଛି ଛାତ୍ର ନିୟମିତ ଭାବେ କେଶ ଧୋଉନଥିବାରୁ ଏପରି ପଦକ୍ଷେପ ନିଆଯାଇଥିବା ସେ ଯୁକ୍ତି ଦେଇଛନ୍ତି। ତେବେ ଘଟଣାକୁ ନେଇ ସ୍କୁଲର ମୁଖ୍ୟଶିକ୍ଷକ ପ୍ରଶାନ୍ତ ଗିରି ସମ୍ପୃକ୍ତ ସୁପରିଟେଣ୍ଡେଣ୍ଟଙ୍କୁ କାରଣ ଦର୍ଶାଅ ନୋଟିସ୍ ? ଜାରି କରିଛନ୍ତି।

# ରଣଜୀ ଟ୍ରଫି ପାଇଁ ଓଡ଼ିଶା ପ୍ରସ୍ତୁତ

କଟକ,୦୫।୧୦: ଆଗାମୀ ବିସିସିଆଇ ଘରୋଇ କ୍ରିକେଟ୍ ସିଜନ୍ ୨୦୨୬-୨୭ର ରଣଜୀ ଟ୍ରଫି ପାଇଁ ଓଡ଼ିଶା ସିନିୟର ପୁରୁଷ ଦଳ ଘୋଷଣା କରାଯାଇଛି। ପ୍ରଥମ ଦୁଇଟି ମ୍ୟାଚ୍

## ◆ ଦୁଇ ମ୍ୟାଚ୍ ପାଇଁ ୧୭ ଜଣିଆ ଦଳ ଘୋଷଣା
## ◆ ସୁଭ୍ରାଂଶୁ ସେନାପତିଙ୍କୁ ଅଧିନାୟକ ଦାୟିତ୍ୱ
## ◆ ଓମ୍ ଟି, ଶ୍ରେୟାଂଶ, ସୌମ୍ୟ ଓ ସମ୍ମିତ ନୂଆ ମୁହଁ

ପାଇଁ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ୧୭ ଜଣିଆ ଦଳ ଘୋଷଣା କରିଛି। ସୁଭ୍ରାଂଶୁ ସେନାପତିଙ୍କୁ ଦଳର ଅଧିନାୟକ ଦାୟିତ୍ୱ ଦିଆଯାଇଛି। ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସିନିୟର ପୁରୁଷ ଚୟନ କମିଟିର ଅଧ୍ୟକ୍ଷ କୁଳମଣି ପରିଡ଼ା ଓ ମୁଖ୍ୟ ପ୍ରଶିକ୍ଷକ ପ୍ରବଞ୍ଜନ ମଲ୍ଲିକ୍ ଦଳ ଘୋଷଣା କରିଥିଲେ। ଘୋଷିତ ଦଳରେ ସ୍ୱସ୍ତିକ ସାମଲ, ସୁଭ୍ରାଂଶୁ ସେନାପତି (ଅଧିନାୟକ), ଓମ୍ ଟି. ମୁଣ୍ଡ, ଗୌରବ ଚୌଧୁରୀ, ଶ୍ରେୟାଂଶ ଭରଦ୍ୱାଜ, ସନ୍ଦୀପ ପଟ୍ଟନାୟକ ଓ ଶାନ୍ତନୁ ମିଶ୍ରଙ୍କୁ ବ୍ୟାଟର୍ ଭାବେ ସାମିଲ କରାଯାଇଛି। ଓମ୍ ଟି. ମୁଣ୍ଡେ ଓ ଶ୍ରେୟାଂଶ ଭରଦ୍ୱାଜ ଦଳର ନୂଆ ମୁହଁ ଭାବେ ସ୍ଥାନ ପାଇଛନ୍ତି। ୱିକେଟ୍ କିପର୍ ଭାବେ ଆଶୀର୍ବାଦ ସ୍ୱାଇଁ ଓ ଦିନେଶ ମାଝୀ ରହିଛନ୍ତି। ନିନାଦ ରାଠୱା ଓ ସମ୍ମିତ ବେଜାଙ୍କୁ ଅଲ୍‌ରାଉଣ୍ଡର୍ ଭାବେ ଦଳରେ ରଖାଯାଇଛି। ବୋଲିଂ ବିଭାଗରେ ଲଳିତ ଯାଦବ, ରାଜେଶ ମହାନ୍ତି, ପ୍ରଶାନ୍ତ ରାଣା ଓ ସୌମ୍ୟ ଲେଙ୍କା ରହିଛନ୍ତି। ସୌମ୍ୟ ଲେଙ୍କା ଓ ସମ୍ମିତ ବେଜା ମଧ୍ୟ ନୂଆ ମୁହଁ ଭାବେ ଦଳରେ ସାମିଲ ହୋଇଛନ୍ତି। ସ୍ପିନ୍ ବିଭାଗରେ ସୟଦ ତୁଫାଏଲ ଅହମଦ ଓ ବାଦଲ ବିଶ୍ୱାଳ ରହିଛନ୍ତି।




ରଣଜୀ ଟ୍ରଫି ଏଲିଟ୍-ସି'ରେ ଓଡ଼ିଶା ଅକ୍ଟୋବର ୧୧ରୁ ଅଭିଯାନ ଆରମ୍ଭ କରିବ। ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ଗୁଜରାଟକୁ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍ ବି ଗ୍ରାଉଣ୍ଡରେ ଭେଟିବ।ଏହି ମ୍ୟାଚ୍ ଅକ୍ଟୋବର ୧୧ରୁ ୧୪ ପର୍ଯ୍ୟନ୍ତ ଖେଳାଯିବ। ଦ୍ୱିତୀୟ ମ୍ୟାଚ୍‌ରେ ଅକ୍ଟୋବର ୧୮ରୁ ୨୧ ପର୍ଯ୍ୟନ୍ତ ଓଡ଼ିଶା କେରଳ ବିପକ୍ଷରେ ଥିରୁବନନ୍ତପୁରମ୍‌ର ସ୍ପୋର୍ଟ୍ସ ହବ୍ ଇଣ୍ଟରନ୍ୟାସନାଲ୍ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳିବ। ଏହାପରେ ଅକ୍ଟୋବର ୨୬ରୁ ୨୯ ପର୍ଯ୍ୟନ୍ତ ଓଡ଼ିଶା ଘରୋଇ ମାଟିରେ ସର୍ଭିସେସ୍‌କୁ ଭେଟିବ। ନଭେମ୍ବର ୨ରୁ ୫ ପର୍ଯ୍ୟନ୍ତ ଝାଡ଼ଖଣ୍ଡ ବିପକ୍ଷ ମ୍ୟାଚ୍ ମଧ୍ୟ ଭୁବନେଶ୍ୱରର କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି ଷ୍ଟାଡିୟମ୍‌ରେ ଖେଳାଯିବ। ପରେ ଜାନୁଆରୀ ୧୭ରୁ ୨୦, ୨୦୨୭ ପର୍ଯ୍ୟନ୍ତ ଓଡ଼ିଶା ବାରବାଟୀ ଷ୍ଟାଡିୟମ୍, କଟକରେ ଦିଲ୍ଲୀ ବିପକ୍ଷରେ ମୁକାବିଲା କରିବ।

ଚଳିତ ସିଜିନରେ ଓଡିଶା ଘରୋଇ ମାଟିରେ ନିଜର ପ୍ରଥମ ମ୍ୟାଚ୍ ସର୍ଭିସେସ ବିପକ୍ଷରେ ଖେଳିବ। ୨୬ ଅକ୍ଟୋବରରରୁ ଓଡିଶା ଓ ସର୍ଭିସେସ ଭୁବନେଶ୍ୱରର କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି ଷ୍ଟାଡିୟମରେ ମୁହାଁମୁହିଁ ହେବେ। ସମାନ ଭେନ୍ୟୁରେ ଓଡିଶା ନଭେମ୍ବର ୨ରୁ ଝାରଖଣ୍ଡ ବିପକ୍ଷରେ ଖେଳିବ।

ଏହି ମ୍ୟାଚ ପରେ ମିଳିବ ଲମ୍ବା ବ୍ରେକ। ଏହାପରେ ଓଡିଶା ନିଜର ପରିଚିତ ବାରବାଟୀ ଷ୍ଟାଡିୟମରେ ଦିଲ୍ଲୀକୁ ଭେଟିବ। ଏହି ମ୍ୟାଚଟି ୧୭ ଜାନୁଆରୀରୁ ଖେଳାଯିବ। ଏହାପରେ ମହାରାଷ୍ଟ୍ରକୁ ମହାରାଷ୍ଟ୍ରରେ ଓ ଶେଷ ମ୍ୟାଚ୍‌ରେ ଦଳ ବେଙ୍ଗଲକୁ ଐତିହାସିକ ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ଭେଟିବ।

ଚଳିତ ରଣଜୀ ଋତୁରେ ଓଡିଶା କଷ୍ଟସାଧ୍ୟ ଗ୍ରୁପରେ ସ୍ଥାନ ପାଇଛି। ଏହି ଗ୍ରୁପରେ ଦିଲ୍ଲୀ, ମହାରାଷ୍ଟ୍ର, ବେଙ୍ଗଲ, କେରଳ, ସର୍ଭିସେସ ଓ ଝାରଖଣ୍ଡ ଭଳି ଶକ୍ତିଶାଳୀ ଦଳ ରହିଛନ୍ତି।

**ପ୍ରଥମ ଦୁଇଟି ମ୍ୟାଚ୍ ପାଇଁ ଓଡିଶା ସିନିୟର ପୁରୁଷ ଦଳ :** ସ୍ୱସ୍ତିକ ସାମଲ, ସୁଭ୍ରାଂଶୁ ସେନାପତି (କ୍ୟାପଟେନ), ଓମ ଟି ମୁଣ୍ଡେ, ଗୌରବ ଚୌଧୁରୀ, ଶ୍ରେୟାଂଶ ଭରଦ୍ୱାଜ, ସନ୍ଦୀପ ପଟ୍ଟନାୟକ, ଶାନ୍ତନୁ ମିଶ୍ର, ଆଶିର୍ବାଦ ସ୍ୱାଇଁ (ୱିକେଟକିପର) , ଦୀନେଶ ମାଝୀ, (ୱିକେଟକିପର), ନିନାଦ ରାଠୱା, ଲଳିତ ଯାଦବ, ରାଜେଶ ମହାନ୍ତି, ପ୍ରଶାନ୍ତ ରାଣା, ସୌମ୍ୟ ଲେଙ୍କା, ସମ୍ମିତ ବେଜା, ସୟଦ ତୁଫାୟଲ ଅହମ୍ମଦ ଏବଂ ବାଦଲ ବିଶ୍ୱାଳ।

## ଆଜି ଭାରତ-ଉରୁଗ୍ୱେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍

କୋଲକାତା:ଫିଫା ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ୍ ମ୍ୟାଚ୍ ଶୃଙ୍ଖଳାର ତୃତୀୟ ତଥା ମ୍ୟାଚ୍ ମଙ୍ଗଳବାର ଭାରତ ଓ ଉରୁଗ୍ୱେ ମଧ୍ୟରେ ସଲ୍ଟଲେକ୍ ସ୍ଥିତ ବିବେକାନନ୍ଦ ଯୁବଭାରତୀ କ୍ରୀଡ଼ାଙ୍ଗନରେ ଖେଳାଯିବ। ପାନାମା ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଦଳ ଲଢୁଆ ପ୍ରଦର୍ଶନ କରି ୧-୧ରେ ଡ୍ର ରଖିଥିଲା। ଶକ୍ତିଶାଳୀ ବ୍ରାଜିଲ୍ ବିପକ୍ଷ ମ୍ୟାଚ୍‌ରେ ୦-୪ରେ ପରାସ୍ତ ହୋଇଥିଲେ ବି ଭାରତୀୟ ଦଳର ପ୍ରଦର୍ଶନ ମନ୍ଦ ନଥିଲା। ଏଣୁ ଦୁଇଥରର ବିଶ୍ୱ ଚାମ୍ପିଅନ ଉରୁଗ୍ୱେ ବିପକ୍ଷରେ ବି ଭାରତ ଭଲ ପ୍ରଦର୍ଶନ କରିବା ଆଶା କରାଯାଉଛି।ଅନ୍ୟପକ୍ଷରେ ବ୍ରାଜିଲ୍ ମ୍ୟାଚ୍‌ରେ ଷ୍ଟାଡିୟମର ଅନେକ ସିଟ୍ ଖାଲି ପଡ଼ିଥିବାରୁ ଆୟୋଜକଙ୍କ ଚିନ୍ତା ବଢ଼ିଯାଇଛି। ଉକ୍ତ ମ୍ୟାଚ୍‌ରେ ୬୮ ହଜାର ଦର୍ଶକ କ୍ଷମତା ବିଶିଷ୍ଟ ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ପ୍ରାୟ ୫୧ ହଜାର ଦର୍ଶକ ଉପସ୍ଥିତ ଥିଲେ। ଫଳରେ ୧୫ ହଜାରରୁ ଅଧିକ ସିଟ୍ ଖାଲି ରହିଥିଲା। ଏହାକୁ ଦୃଷ୍ଟିରେ ରଖି ଆସନ୍ତା କାଲିର ମ୍ୟାଚ୍ ପାଇଁ ଭାରତୀୟ ଫୁଟବଲ ମହାସଂଘ ପକ୍ଷରୁ ଟିକଟ ଦାମରେ ବଡ଼ ଧରଣର ହ୍ରାସ କରାଯାଇଛି। ପୂର୍ବରୁ ୧୯୯୯ ଟଙ୍କାରେ ବିକ୍ରି ହେଉଥିବା ଟିକଟ ମୂଲ୍ୟ ୧୯୯କୁ ହ୍ରାସ କରାଯାଇଛି। ଅର୍ଥାତ୍ ଦାମ୍‌ରେ ପ୍ରାୟ ୯୦% ହ୍ରାସ ହୋଇଛି।

# ଭାରତୀୟ ଖେଳାଳିଙ୍କୁ ପ୍ରଶଂସା କଲେ ମୋଦୀ

ନୂଆଦିଲ୍ଲୀ,୫।୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଏସୀୟ କ୍ରୀଡ଼ା ୨୦୨୬' ରେ ଭାରତୀୟ ଦଳର ପ୍ରଦର୍ଶନ ପାଇଁ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଦୃଢ଼ ସଂକଳ୍ପ, ଉତ୍ସାହ ଏବଂ ଉଲ୍ଲେଖନୀୟ କ୍ରୀଡ଼ା-ଭାବନା ସହ ଦେଶର ପ୍ରତିନିଧିତ୍ୱ କରିଥିବାରୁ ସେ ଖେଳାଳିମାନଙ୍କର ପ୍ରଶଂସା କରିଛନ୍ତି।



ଆଇଚି-ନାଗୋୟା କ୍ରୀଡ଼ାରେ ଭାରତ ମୋଟ ୮୫ଟି ପଦକ (୨୧ଟି ସ୍ୱର୍ଣ୍ଣ, ୨୭ଟି ରୌପ୍ୟ ଏବଂ ୩୭ଟି ବ୍ରୋଞ୍ଜ) ହାସଲ କରି ଚତୁର୍ଥ ସ୍ଥାନ ଅଧିକାର କରିଛି; ଏହା ଏସୀୟ କ୍ରୀଡ଼ାର ଇତିହାସରେ ଦେଶର ଦ୍ୱିତୀୟ ସର୍ବାଧିକ ପଦକ ବିଜୟ ଅଟେ।

ପ୍ରଧାନମନ୍ତ୍ରୀ ମୋଦି ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଲେଖିଛନ୍ତି, 'ଏସୀୟ କ୍ରୀଡ଼ା ୨୦୨୬ର ସମାପ୍ତି ଅବସରରେ, ଦୃଢ଼ ସଂକଳ୍ପ, ଉତ୍ସାହ ଏବଂ ଉଲ୍ଲେଖନୀୟ କ୍ରୀଡ଼ା-ଭାବନା ସହ ଆମ ଦେଶର ପ୍ରତିନିଧିତ୍ୱ କରିଥିବା ଭାରତୀୟ ଦଳର ପ୍ରତ୍ୟେକ ସଦସ୍ୟଙ୍କୁ ମୋର ହୃଦୟଭରା ଅଭିନନ୍ଦନ।'

ପ୍ରଧାନମନ୍ତ୍ରୀ ଦେଶର ପଦକ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ ସେମାନଙ୍କ ପ୍ରଦର୍ଶନ ଦେଶ ପାଇଁ ଅପାର ଆନନ୍ଦ ଆଣିଦେଇଛି। ସେ ଲେଖିଛନ୍ତି, 'ଆମର ସମସ୍ତ ପଦକ ବିଜେତାଙ୍କୁ ଅଭିନନ୍ଦନ, ଯାହାଙ୍କ ପ୍ରଦର୍ଶନ ଦେଶ ପାଇଁ ଅପାର ଆନନ୍ଦ ଆଣିଦେଇଛି।' ପ୍ରଧାନମନ୍ତ୍ରୀ ମୋଦି ଆଶା ବ୍ୟକ୍ତ କରିଛନ୍ତି ଯେ ଆଇଚି-ନାଗୋୟାରେ ହୋଇଥିବା ପ୍ରଦର୍ଶନ ଆଗାମୀ ବର୍ଷଗୁଡ଼ିକରେ ଆହୁରି ବଡ଼ ସଫଳତା ପାଇଁ ପ୍ରେରଣା ଯୋଗାଇବ ଏବଂ ତୃଣମୂଳ ସ୍ତରରେ ଭାରତର କ୍ରୀଡ଼ା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ସହାୟକ ହେବ।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି କ୍ରୀଡ଼ା ପ୍ରତିଯୋଗିତା ଭବିଷ୍ୟତର ସଫଳତା ପାଇଁ ପ୍ରେରଣାର ଉତ୍ସ ହେବ ଏବଂ ତୃଣମୂଳ ସ୍ତରରେ କ୍ରୀଡ଼ାର ବିକାଶକୁ ମଜବୁତ କରିବାରେ ଯୋଗଦାନ ଦେବ। ଜାପାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଭାରତ ଅନେକ ଐତିହାସିକ ସଫଳତା ହାସଲ କରିବା ସହ ବିଭିନ୍ନ କ୍ରୀଡ଼ାରେ ନିଜର ପୂର୍ବ ଟାଇଟଲ ବଜାୟ ରଖିବାରେ ସଫଳ ହୋଇଥିଲା। ପୁରୁଷ ଓ ମହିଳା କ୍ରିକେଟ ଦଳ ନିଜର ଏସୀୟ କ୍ରୀଡ଼ା (ଇଣ୍ଟସବଭ ଏବଙ୍କରଣ୍ଟ) ଟାଇଟଲ ବଜାୟ ରଖିଥିବାବେଳେ ଉଭୟ କବାଡ଼ି ଦଳ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପୁରୁଷ ହକି ଦଳ ମାଲେସିଆକୁ ୫-୧ ଗୋଲରେ ପରାସ୍ତ କରି ନିଜର ଟାଇଟଲ ବଜାୟ ରଖିଥିଲା; ଅନ୍ୟପକ୍ଷରେ ମହିଳା ଦଳ ଫାଇନାଲ ମ୍ୟାଚରେ ଚାଇନାକୁ ୧-୦ ଗୋଲରେ ପରାସ୍ତ କରି ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ପାଇଁ ଥିବା ୪୪ ବର୍ଷର ଅପେକ୍ଷାର ଅନ୍ତ ଘଟାଇଥିଲା।

ଭାରତ ଅନେକ ଐତିହାସିକ ବ୍ୟକ୍ତିଗତ ପ୍ରଦର୍ଶନର ମଧ୍ୟ ସାକ୍ଷୀ ହୋଇଥିଲା। ପ୍ରଣବୀ ଉର୍ସ ଏସୀୟ କ୍ରୀଡ଼ାରେ ଗଲ୍ଫରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରଥମ ଭାରତୀୟ ମହିଳା ହୋଇଥିବାବେଳେ, ୧୭ ବର୍ଷୀୟା କୁମକୁମ ମୋହାଡ଼ ଏହି ମହାଦେଶୀୟ ପ୍ରତିଯୋଗିତାରେ ବ୍ୟକ୍ତିଗତ ରିକର୍ଭ (କ୍ୱରମଙ୍କକ୍ୱଙ୍କର) ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରଥମ ଭାରତୀୟ ମହିଳା ଭାବେ ଇତିହାସ ସୃଷ୍ଟି କରିଥିଲେ।ଏସୀୟ କ୍ରୀଡ଼ାର ବକ୍ସିଂରେ ସ୍ୱର୍ଣ୍ଣ ପଦକ ଜିତିବାରେ ମେରି କମଙ୍କ ପରେ ଦ୍ୱିତୀୟ ଭାରତୀୟ ମହିଳା ଭାବେ ଲଭଲିନା ବୋର୍ଗହାଇନ ମଧ୍ୟ ଏକ ସମ୍ମାନଜନକ ତାଲିକାରେ ନିଜ ନାମ ସାମିଲ କରିଥିଲେ। ଭାରତ ଆଥଲେଟିକ୍ସରେ ସର୍ବାଧିକ ସଂଖ୍ୟକ ପଦକ (୨୪) ହାସଲ କରିଥିଲା ଏବଂ ଏହା ପଛକୁ ସୁଟିଂରେ ୧୫ଟି ପଦକ ଜିତିଥିଲା। ସ୍ୱର୍ଣ୍ଣ ପଦକ ଦୃଷ୍ଟିରୁ ତୀରନ୍ଦାଜୀ ସବୁଠାରୁ ସଫଳ କ୍ରୀଡ଼ା ସାବ୍ୟସ୍ତ ହୋଇଥିଲା, ଯେଉଁଥିରେ ଭାରତ ପାଞ୍ଚଟି ସ୍ୱର୍ଣ୍ଣ ପଦକ ଜିତିଥିଲା।

# ଆଜିଠୁ ଟି୨୦ ସିରିଜ୍ : ଲକ୍ଷ୍ନୌରେ ପ୍ରଥମ ଲଢ଼େଇ

ଲକ୍ଷ୍ନୌ,୫।୧୦: ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ଇଣ୍ଟରନ୍ୟାସନାଲ୍ ସିରିଜ୍ ଆସନ୍ତାକାଲିଠୁ ଆରମ୍ଭ ହେବ । ସିରିଜ୍‌ର ପ୍ରଥମ ମ୍ୟାଚ୍ ଲକ୍ଷ୍ନୌସ୍ଥିତ ଭାରତ ରନ୍ ଅଟଳ ବିହାରୀ ବାଜପେୟୀ ଏକାନା କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯିବ । ଏହି ସିରିଜ୍‌ରେ କିଛି ଭାରତୀୟ ଖେଳାଳିଙ୍କ ଉପରେ ବିଶେଷ ନଜର ରହିବ। ଦିନିକିଆ ସିରିଜରେ ଭାରତ ୨-୧ରେ ବିଜୟୀ ହୋଇଥିଲେ ହେଁ ପ୍ରତିପକ୍ଷ ଦଳର ବ୍ୟାଟିଂ ଭାରତୀୟ ବୋଲରଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଦିନିକିଆ ଦଳଠାରୁ ଟି୨୦ରେ ନୂଆ ଦଳ। ଏସିଆନ୍ ଗେମ୍ସରେ ବିଜୟୀ ଦଳ ହିଁ ଏଠାରେ ପଡିଆକୁ ଓହ୍ଲାଇବେ। ତେଣୁ ନୂଆ ଜୋସ୍‌ର ସହ ଖେଳାଳିମାନେ ଦମ୍ ଦେଖାଇବେ। ଟି୨୦ ଦଳରେ ଯଶପ୍ରୀତ ବୁମରା ଓ ୱାଶିଂଟନ ସୁନ୍ଦର ନାହାଁନ୍ତି।



ତେବେ କିଛି ଖେଳାଳିଙ୍କୁ ଉପରେ ନଜର ରହିବ। ୱିକେଟକିପର୍-ବ୍ୟାଟର୍ ଈଶାନ କିଶନ ଏବେ ନିଜ କ୍ୟାରିୟରର ଜବରଦସ୍ତ ଫର୍ମରେ ଅଛନ୍ତି। ଚଳିତ ବର୍ଷ ଟି୨୦ ଇଣ୍ଟରନ୍ୟାସନାଲ୍‌ରେ ସେ ୧୦୦୫ ରନ୍ କରିସାରିଛନ୍ତି । ଏହି ମାଇଲଷ୍ଟୋନ୍ ହାସଲ କରିଥିବା ସୂର୍ଯ୍ୟକୁମାର ଯାଦବଙ୍କ ପରେ ସେ ଦ୍ୱିତୀୟ ଭାରତୀୟ ବ୍ୟାଟର୍। ୨୦୨୬ ଏସିଆନ୍ ଗେମ୍ସର ସେମିଫାଇନାଲ୍‌ରେ ଈଶାନ ୪୬ ବଲ୍‌ରୁ ୮୦ ରନ୍‌ର ଧୂଆଁଧାର ଇନିଂସ୍ ଖେଳିଥିଲେ। ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ମଧ୍ୟ ତାଙ୍କଠାରୁ ବଡ଼ ଇନିଂସ୍‌ର ଆଶା ରହିଛି ।

ଭାରତୀୟ ଦଳର ଷ୍ଟାର୍ ସ୍ପିନର୍ କୁଲଦୀପ ଯାଦବ ମଧ୍ୟ ୱେଷ୍ଟଇଣ୍ଡିଜ୍ ବ୍ୟାଟରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇପାରନ୍ତି । ଚଳିତ ବର୍ଷ ସେ ମାତ୍ର ୪ଟି ଟି୨୦ ଇଣ୍ଟରନ୍ୟାସନାଲ୍ ଖେଳି ୫ଟି ୱିକେଟ୍ ନେଇଛନ୍ତି । ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୯ଟି ଟି୨୦ ମ୍ୟାଚ୍‌ରେ କୁଲଦୀପଙ୍କ ନାଁରେ ୧୭ଟି ୱିକେଟ୍ ରହିଛି। ଏହି ସମୟରେ ତାଙ୍କ ଇକୋନୋମି ରେଟ୍ ୬.୩୩ ରହିଛି । ଉଦୀୟମାନ ଦ୍ରୁତ ବୋଲର୍ ପ୍ରିନ୍ସ ଯାଦବ ନିଜ ଗତି ଓ ନିଖୁଣ ଲାଇନ୍-ଲେନ୍ଥରେ ପ୍ରଭାବିତ କରିଛନ୍ତି । ଏପର୍ଯ୍ୟନ୍ତ ୬ଟି ଟି୨୦ ଇଣ୍ଟରନ୍ୟାସନାଲ୍‌ରେ ସେ ୯ଟି ୱିକେଟ୍ ନେଇଛନ୍ତି । ତାଙ୍କ ବୋଲିଂର ସବୁଠାରୁ ବଡ଼ ଅସ୍ତ୍ର ହେଉଛି ଗତି । ଜସପ୍ରୀତ ବୁମରାହଙ୍କ ଅନୁପସ୍ଥିତିରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ପ୍ରିନ୍ସଙ୍କଠାରୁ ଦଳ ଭଲ ପ୍ରଦର୍ଶନ ଆଶା କରିବ ।

ଓପନର୍ ଅଭିଷେକ ଶର୍ମା ମଧ୍ୟ ଜବରଦସ୍ତ ଫର୍ମରେ ଅଛନ୍ତି । ଆଫଗାନିସ୍ତାନ ବିପକ୍ଷ ଟି୨୦ ସିରିଜ୍‌ରେ ମାତ୍ର ୩୦ ବଲ୍‌ରେ ଶତକ ମାରି ସେ ଚର୍ଚ୍ଚାକୁ ଆସିଥିଲେ । ଏସିଆନ୍ ଗେମ୍ସ ୨୦୨୬ରେ ମଧ୍ୟ ତାଙ୍କ ବ୍ୟାଟ୍‌ରୁ ରନ୍ ବର୍ଷା ହୋଇଥିଲା । ଫାଇନାଲ୍‌ରେ ପାକିସ୍ତାନ ବିପକ୍ଷରେ ମାତ୍ର ୨୮ ବଲ୍‌ରୁ ୬୧ ରନ୍‌ର ବିସ୍ଫୋରକ ଇନିଂସ୍ ଖେଳିଥିଲେ । ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ମଧ୍ୟ ତାଙ୍କଠାରୁ ବଡ଼ ଇନିଂସ୍‌ର ଆଶା ରହିବ । ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିବ । ଏସିଆନ୍ ଗେମ୍ସ ୨୦୨୬ରେ ସେ ବ୍ୟାଟ୍‌ରେ ବିଶେଷ ପ୍ରଭାବ ପକାଇପାରିନଥିଲେ ମଧ୍ୟ, ୱେଷ୍ଟଇଣ୍ଡିଜ୍ ବିପକ୍ଷ ସିରିଜ୍‌ରେ ତାଙ୍କଠାରୁ ବଡ଼ ପ୍ରଦର୍ଶନର ଆଶା ରହିଛି । ବୈଭବ ଏକାକୀ ନିଜ ବ୍ୟାଟିଂରେ ମ୍ୟାଚ୍‌ର ଗତିପଥ ବଦଳାଇବାର କ୍ଷମତା ରଖନ୍ତି । ତାଙ୍କ ବ୍ୟାଟିଂରେ ଥିବା ଆକ୍ରମଣାତ୍ମକ ଶୈଳୀ ଏହି ସିରିଜ୍‌ରେ ଆକର୍ଷଣର କେନ୍ଦ୍ର ହୋଇପାରେ ।

## ଭାରତ-ୱେଷ୍ଟଇଣ୍ଡିଜ ଦଳକୁ ଜୋରିମାନା

ନୂଆଦିଲ୍ଲୀ,୫।୧୦: ମୁଲ୍ଲାନପୁରରେ ଅନୁଷ୍ଠିତ ତୃତୀୟ ଦିନିକିଆରେ ଧିମା ଓଭର ହାର ପାଇଁ ଉଭୟ ଭାରତ ଓ ୱେଷ୍ଟଇଣ୍ଡିଜ୍ ଦଳ ଉପରେ ଜରିମାନା କରାଯାଇଛି। ଭାରତୀୟ ଦଳକୁ ମ୍ୟାଚ୍ ଫି'ର ୨୦ ପ୍ରତିଶତ ଏବଂ ୱେଷ୍ଟଇଣ୍ଡିଜ୍‌କୁ ୧୦ ପ୍ରତିଶତ ଜରିମାନା ଦେବାକୁ ପଡ଼ିବ। ସମୟ ରିହାତିକୁ ବିଚାରକୁ ନେବା ପରେ ମଧ୍ୟ ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ସମୟ ସୁଦ୍ଧା ଦୁଇ ଓଭର ଏବଂ ଭାରତ ଚାରି ଓଭର ପଛରେ ଥିବା ଜଣାପଡ଼ିଥିଲା। ଏହାକୁ ଦୃଷ୍ଟିରେ ରଖି ଭ୍ରମଣକାରୀ ଦଳର ୧୦ ପ୍ରତିଶତ ଓ ଘରୋଇ ଦଳର ୨୦ ପ୍ରତିଶତ ମ୍ୟାଚ୍ ଫି କଟାଯାଇଛି। ଆଇସିସି ଆଚରଣ ସଂହିତାର ଧାରା ୨.୨୨ ଅନୁଯାୟୀ ମ୍ୟାଚ୍ ରେଫରି ପ୍ରକାଶ ଭଟ୍ଟ ଏହି ଦଣ୍ଡାଦେଶ ଦେଇଛନ୍ତି। ନିୟମ ଅନୁଯାୟୀ ନିର୍ଦ୍ଧାରିତ ସମୟରେ ପ୍ରତ୍ୟେକ ଓଭର ବୋଲିଂ କରିନପାରିଲେ ପ୍ରତି ଓଭର ପାଇଁ ଅତିକ୍ରମରେ ମ୍ୟାଚ୍ ଫି'ର ୫ ପ୍ରତିଶତ ଜରିମାନା ଆଦାୟ ହୁଏ। ଅମ୍ପାୟାର ଜୟରାମନ ମଦନଗୋପାଲ, ସାମ୍ ନୋଗାଜସ୍କି, ଶରଫୁଦ୍‌ଦୌଲା ଓ ବୀରେନ୍ଦ୍ର ଶର୍ମା ଏହି ଅଭିଯୋଗ ଆଣିଥିଲେ। ଅଧିନାୟକ ଶୁବମନ ଗିଲ୍ ଓ ସାଇ ହୋପ୍ ଦଣ୍ଡକୁ ଗ୍ରହଣ କରିଥିବାରୁ ଔପଚାରିକ ଶୁଣାଣିର ଆବଶ୍ୟକତା ପଡ଼ିନଥିଲା।

# ଏବେଠୁ ଅଲିମ୍ପିକ୍ସ ପ୍ରସ୍ତୁତିରେ ଲାଗିପଡ଼: ଅଭିନବ ବିନ୍ଦ୍ରା

ନୂଆଦିଲ୍ଲୀ: ଏସୀୟ କ୍ରୀଡ଼ାରେ ଭାରତୀୟ ଖେଳାଳିଙ୍କ ସଫଳତାକୁ ପ୍ରଶଂସା କରିବା ସହ ଏବେଠାରୁ ଲସ୍‌ଏଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ପୂରା ଦମରେ ପ୍ରସ୍ତୁତି ଆରମ୍ଭ କରିବାକୁ ଆହ୍ୱାନ ଦେଇଛନ୍ତି ଅଲିମ୍ପିକ୍ସ ସ୍ୱର୍ଣ୍ଣପଦକ ବିଜେତା ସୁଟର ଅଭିନବ ବିନ୍ଦ୍ରା। ଅଲିମ୍ପିକ୍ସକୁ ଆଉ ଦୁଇ ବର୍ଷରୁ କମ୍ ସମୟ ଥିବାରୁ ହାଇ-ପରଫର୍ମାନ୍ସ ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ସହ ପ୍ରତ୍ୟେକ ଖେଳାଳିଙ୍କ ପ୍ରସ୍ତୁତିକୁ ଯୋଜନାବଦ୍ଧ କରିବା ଦରକାର ବୋଲି ସେ କହିଛନ୍ତି।ଆଇଚି-ନାଗୋୟା ଏସୀୟ କ୍ରୀଡ଼ାରେ ଭାରତ ୨୧ଟି ସ୍ୱର୍ଣ୍ଣ, ୨୭ଟି ରୌପ୍ୟ ଓ ୩୭ଟି କାଂସ୍ୟ ସହ ମୋଟ ୮୫ଟି ପଦକ ଜିତି ପଦକ ତାଲିକାରେ ଚତୁର୍ଥ ସ୍ଥାନରେ ରହିଛି। ଅନେକ ଯୁବ ଖେଳାଳି ଏହି ପ୍ରତିଯୋଗିତାରେ ନିଜ ପ୍ରତିଭାର ପରିଚୟ ଦେଇଥିବା ବେଳେ କିଛି ବିଭାଗରେ ଭାରତର ପ୍ରଦର୍ଶନ ଆଶାନୁରୂପ ହୋଇନଥିବା ବିନ୍ଦ୍ରା କହିଛନ୍ତି।

ତାଙ୍କ ମତରେ ଏସୀୟ କ୍ରୀଡ଼ାର ସଫଳତାକୁ କେବଳ ଉତ୍ସବ ଭାବେ ନେଇ ଥମିଯିବା ଉଚିତ ନୁହେଁ। ଯେଉଁଠି ତ୍ରୁଟି ହୋଇଛି, ସେଥିରେ ସଚ୍‌ଚୋଟ ଓ ନିରପେକ୍ଷ ସମୀକ୍ଷା କରି ତୁରନ୍ତ ସୁଧାର ଆଣିବା ଆବଶ୍ୟକ। କାରଣ ଅଲିମ୍ପିକ୍ସ ସ୍ତରରେ ଅଳ୍ପ ତ୍ରୁଟି ମଧ୍ୟ ପଦକର ସ୍ୱପ୍ନକୁ ଭାଙ୍ଗିଦେଇପାରେ।

ବିନ୍ଦ୍ରା କହିଛନ୍ତି, ଦୁଇ ବର୍ଷ ସାଧାରଣ ଭାବେ ଦୀର୍ଘ ସମୟ ମନେ ହୋଇପାରେ, କିନ୍ତୁ ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ଏହା ବହୁତ କମ୍। ଯେଉଁ ଆଥଲେଟମାନେ ଲସ୍‌ଏଞ୍ଜେଲସ୍‌ରେ ପଦକ ଜିତିବାକୁ ଲକ୍ଷ୍ୟ ରଖିଛନ୍ତି, ସେମାନେ ଏବେଠାରୁ ପ୍ରଶିକ୍ଷଣ, ଫିଟନେସ୍, ଟେକ୍ନିକ୍ ଓ ମାନସିକ ପ୍ରସ୍ତୁତିରେ ବ୍ୟସ୍ତ ରହିବା ଦରକାର। ଏସୀୟ କ୍ରୀଡ଼ାରୁ ମିଳିଥିବା ଅଭିଜ୍ଞତାକୁ ଆଧାର କରି ନୂଆ ଲକ୍ଷ୍ୟ ଓ ଉତ୍ସାହ ସହ ଆଗକୁ ବଢ଼ିବାର ସମୟ ଆସିଛି ବୋଲି ସେ କହିଛନ୍ତି।

# ହଂକଂ ସିକ୍ସେସ୍‌ରେ ଭୁବନେଶ୍ୱରଙ୍କ କମବ୍ୟାକ

ନୂଆଦିଲ୍ଲୀ,୫।୧୦: ଦୀର୍ଘଦିନ ପରେ ପୁଣି ଟିମ୍ ଇଣ୍ଡିଆ ଜର୍ସିରେ ନଜର ଆସିବେ ଅଭିଜ୍ଞ ଦ୍ରୁତ ବୋଲର ଭୁବନେଶ୍ୱର କୁମାର । ତେବେ ସିନିୟର ଟିମ୍ ଇଣ୍ଡିଆରେ ନୁହେଁ, ହଂକଂ ସିକ୍ସେସ୍ ସିରିଜ୍ ପାଇଁ ଘୋଷିତ ଭାରତୀୟ ଦଳରେ ତାଙ୍କୁ ସାମିଲ କରାଯାଇଛି । ଏହାସହ ଦଳର ଅଧିନାୟକ ଦାୟିତ୍ୱ ମଧ୍ୟ ଭୁବନେଶ୍ୱରଙ୍କୁ ମିଳିଛି ।

ସୋମବାର ହଂକଂ ସିକ୍ସେସ୍ ସିରିଜ୍ ପାଇଁ ଭାରତୀୟ ଦଳ ଘୋଷଣା ହୋଇଛି । ଦଳରେ ଭୁବନେଶ୍ୱରଙ୍କ ବ୍ୟତୀତ କ୍ରୁଣାଲ ପାଣ୍ଡ୍ୟା, ଶଶାଙ୍କ ସିଂହ, ନୀତୀଶ ରାଣା, ଟି. ନଟରାଜନ, ରାହୁଲ ତେୱାତିଆ ଓ ରାହୁଲ ତ୍ରିପାଠୀଙ୍କ ଭଳି ଖେଳାଳି ରହିଛନ୍ତି । ଭୁବନେଶ୍ୱର କୁମାର ଭାରତ ପାଇଁ ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ନଭେମ୍ବର ୨୦୨୨ରେ ଖେଳିଥିଲେ । ଏହାପରେ ଦୀର୍ଘ ସମୟ ଧରି ସେ ଭାରତୀୟ ହ୍ୱାଇଟ୍-ବଲ୍ ଟିମ୍‌ରୁ ବାଦ୍ ପଡ଼ିଛନ୍ତି । ଏବେ ହଂକଂ ସିକ୍ସେସ୍ ଜରିଆରେ ପୁଣି ଥରେ ଭାରତୀୟ ଜର୍ସି ପିନ୍ଧିବେ ଭୁବି ।

ଅକ୍ଟୋବର ୩୦ରୁ ହଂକଂ ସିକ୍ସେସ୍ ସିରିଜ୍ ଆରମ୍ଭ ହେବ । ନଭେମ୍ବର ୧ରେ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ହେବ । ମୋଟ ୧୨ଟି ଦଳ ଏଥିରେ ଭାଗନେବେ । ଦଳଗୁଡ଼ିକୁ ୪ଟି ପୁଲ୍‌ରେ ବିଭକ୍ତ କରାଯାଇଛି । ପୁଲ୍-ଏରେ ହଂକଂ ଚୀନ୍, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଥିବାବେଳେ ପୁଲ୍-ବିରେ ଶ୍ରୀଲଙ୍କା, ବାଂଲାଦେଶ ଓ ସ୍କଟଲାଣ୍ଡ ରହିଛନ୍ତି । ପୁଲ୍-ସିରେ ଭାରତ, ପାକିସ୍ତାନ ଓ ୟୁଏଇ ଏବଂ ପୁଲ୍-ଡିରେ ଦକ୍ଷିଣ ଆଫ୍ରିକା, ଆଫଗାନିସ୍ତାନ ଓ ଓମାନ ରହିଛନ୍ତି । ତେବେ ଏପର୍ଯ୍ୟନ୍ତ ମ୍ୟାଚ୍‌ର ଫିକ୍ସଚର ଘୋଷଣା ହୋଇନଥିବାରୁ ଭୁବନେଶ୍ୱରଙ୍କ ପ୍ରଥମ ମ୍ୟାଚ୍ କେବେ ରହିବ, ତାହା ସ୍ପଷ୍ଟ ହୋଇନାହିଁ ।

ହଂକଂ ସିକ୍ସେସ୍ ପାଇଁ ଭାରତୀୟ ଦଳ

ଭୁବନେଶ୍ୱର କୁମାର (ଅଧିନାୟକ), କ୍ରୁଣାଲ ପାଣ୍ଡ୍ୟା, ଶଶାଙ୍କ ସିଂହ, ନୀତୀଶ ରାଣା, ଟି. ନଟରାଜନ, ରାହୁଲ ତେୱାତିଆ ଓ ରାହୁଲ ତ୍ରିପାଠୀ ।

## ମୁହଁତୋଡ଼ର ଜବାବ ପାଇଲେ

ନୂଆଦିଲ୍ଲୀ: ଖେଳରେ ଅହଙ୍କାର ନୁହେଁ, ପ୍ରଦର୍ଶନ ହିଁ ଗୁରୁତ୍ୱପୂର୍ଣ୍ଣ। ପ୍ରତିପକ୍ଷ ଖେଳାଳିଙ୍କୁ ଆଖି ଦେଖାଇବା, କଟାକ୍ଷ କରିବା ଓ ଅଙ୍ଗଭଙ୍ଗୀ କରି ଉପହାସ କରିବା ଅପେକ୍ଷା ବ୍ୟାଟ୍ ଓ ବଲ୍‌ରେ ଜବାବ ଦେବାକୁ ଉଚିତ ମଣିଛି ଭାରତୀୟ କ୍ରିକେଟ ଦଳ। ଏହାର ଜ୍ୱଳନ୍ତ ଉଦାହରଣ ପୁଣି ଥରେ ଦେଖିବାକୁ ମିଳିଛି ଭାରତ-ପାକିସ୍ତାନ କ୍ରିକେଟ୍ ମହାମୁକାବିଲାରେ। ଚଳିତ ଏସୀୟ କ୍ରୀଡ଼ାର ପୁରୁଷ କ୍ରିକେଟ୍ ଫାଇନାଲରେ ୧୫ ବର୍ଷୀୟ ଭାରତୀୟ ଯୁବତାରକା ବୈଭବ ସୂର୍ଯ୍ୟବଂଶୀଙ୍କୁ ଆଉଟ୍ କରିବା ପରେ ପାକିସ୍ତାନ ଅଲରାଉଣ୍ଡର୍ ସେମ୍ ଆୟୁବ ଯେଉଁଭଳି ଶିଶୁକୁ କୋଳରେ ଧରି ଝୁଲାଇବା ଭଳି ଅଙ୍ଗଭଙ୍ଗୀ କରି ଉପହାସ କରିଥିଲେ, ତାଙ୍କ ପାଇଁ ଏହା ମହଙ୍ଗା ପଡ଼ିଛି। ଏହାର ଜବାବ ଭାରତୀୟ ଖେଳାଳିମାନେ ପଡ଼ିଆରେ ଦେଇଥିବାବେଳେ ପାକିସ୍ତାନରେ ମଧ୍ୟ ନିଜ ଦଳର ଆଚରଣ ଓ ପ୍ରଦର୍ଶନକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ମହିଳା ଖେଳାଳି କଲେ କମାଲ

ନାଗୋୟା,୫।୧୦: ଜାପାନର ନାଗୋୟାରେ ଏସୀୟ କ୍ରୀଡ଼ା ୨୦୨୬ ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରୀଡା ମହାକୁମ୍ଭ ଭାରତୀୟ ଖେଳାଳିମାନଙ୍କ ସ୍ମରଣୀୟ ରହିବ। କାରଣ ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତକୁ ୨୧ଟି ସ୍ୱର୍ଣ୍ଣପଦକ ଆସିଛି। ଏଥିରୁ ମହିଳାଙ୍କ ଭାଗରେ ପଡିଛି ୧୧ ପଦକ।

ସବୁଠାରୁ ବଡ କଥା ହେଲା ଯେ, ଭାରତୀୟ ମହିଳା ଖେଳାଳିମାନେ ସେମାନଙ୍କର ସାହସ ଏବଂ ଅତୁଳନୀୟ ପ୍ରଦର୍ଶନ ସହିତ ଇତିହାସ ସୃଷ୍ଟି କରିଛନ୍ତି, ଯେଉଁଥି ପାଇଁ କ୍ରୀଡାପ୍ରେମୀ ଏବଂ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଉଛି। ଏସୀୟ କ୍ରୀଡା ୨୦୨୬ରେ ୪୯୫ ଜଣ ଖେଳାଳିଙ୍କ ଭାରତୀୟ ଦଳରେ ୨୩୪ ଜଣ ମହିଳା ଖେଳାଳି ଥିଲେ। ମହିଳା ଖେଳାଳିମାନେ ୮୫ ପଦକ ମଧ୍ୟରୁ ୩୮ଟି ପଦକ ଜିତି ପ୍ରମାଣ କରିଥିଲେ ଯେ ସେମାନେ ଏବେ ପୋଡିୟମର ଶୀର୍ଷ ପାଳି ପାଇଁ ପ୍ରକୃତରେ ଯୋଗ୍ୟ ବିବେଚିତ ହୋଇଛନ୍ତି।



ଏସୀୟ କ୍ରୀଡା ୨୦୨୬ରେ ୧୭ ବର୍ଷୀୟା ରିକର୍ଭ ତୀରନ୍ଦାଜ କୁମକୁମ୍ ମୋହୋଦ୍ ଅଲିମ୍ପିକ୍ ଚାମ୍ପିଅନ୍ ଓଉ ୟେଜିନ୍‌ଙ୍କୁ ପରାସ୍ତ କରି ବିଶ୍ୱକୁ ଚକିତ କରିଥିଲେ। ସେହିପରି ଗଲ୍ଫରେ ବିଶ୍ୱ ନମ୍ବର ୬ ଏବଂ ମେଜର ଚାମ୍ପିଅନ୍ ଚୀନର ୟିନ୍ ରୁନିଙ୍ଗଙ୍କୁ ପରାସ୍ତ କରି ପ୍ରଣବୀ ଉର୍ସ ଐତିହାସିକ ଏସୀୟ କ୍ରୀଡ଼ା ଗଲ୍ଫ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଉଭୟ ଯୁବ ଖେଳାଳିଙ୍କ ଆତ୍ମବିଶ୍ୱାସୀ ଚିତ୍ର ସ୍ପଷ୍ଟ କରିଦେଲା ଯେ ଭାରତୀୟ ଖେଳାଳିମାନେ ଏବେ ବିଶ୍ୱର ପ୍ରମୁଖ ଖେଳାଳିମାନଙ୍କୁ ପରାସ୍ତ କରିବାର କ୍ଷମତା ରଖିଛନ୍ତି।ସ୍ମରଣୀୟ ମୁହୂର୍ତ୍ତ ହେଲା ଦଳଗତ ଇଭେଣ୍ଟ ଏବଂ ଭାରୋତ୍ତୋଳନରେ ଭାରତୀୟ ମହିଳାମାନଙ୍କର ପ୍ରତ୍ୟାବର୍ତ୍ତନ। ଭାରତୀୟ ମହିଳା ହକି ଦଳ ଫାଇନାଲରେ ଚମତ୍କାର ପ୍ରଦର୍ଶନ କରି ୪୪ ବର୍ଷର ଅପେକ୍ଷା ପରେ ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ଜିତିଥିଲା। ଏହା ବ୍ୟତୀତ ଷ୍ଟାର ଭାରୋତ୍ତୋଳନକାରୀ ମୀରାବାଈ ଚାନୁ ରୌପ୍ୟ ପଦକ ଜିତିଥିଲେ। ୧୯୯୮ ମସିହାରେ କର୍ଣ୍ଣମ ମଲ୍ଲେଶ୍ୱରୀ ପରଠାରୁ ଭାରତର ୨୮ ବର୍ଷର ଏସୀୟ କ୍ରୀଡ଼ା ଭାରୋତ୍ତୋଳନ ପଦକ ମରୁଡ଼ି ଶେଷ କରିଥିଲେ।

ବକ୍ସିଂ ରିଙ୍ଗରେ ଲଭଲିନା ବୋରଗୋହାଇନ (୭୫ କିଲୋଗ୍ରାମ) ସ୍ୱର୍ଣ୍ଣ ପଦକ ଜିତିଥିଲେ। ମେରୀ କମ୍ ପରେ ସେ ଦ୍ୱିତୀୟ ଭାରତୀୟ ମହିଳା ବକ୍ସର ହୋଇଥିଲେ। ପରବୀନ ହୁଡା ମଧ୍ୟ ପୁନରାଗମନ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଆଥଲେଟିକ୍ସ ଟ୍ରାକରେ ଭିଥ୍ୟା ରାମରାଜ ୫୪.୭୫ ସେକେଣ୍ଡ ସମୟ ନେଇ ୪୦୦ ମିଟର ବାଧା ଦୌଡ଼ରେ ପିଟି ଉଷାଙ୍କ ୪୨ ବର୍ଷର ପୁରୁଣା ଜାତୀୟ ରେକର୍ଡ ଭାଙ୍ଗି କାଂସ୍ୟ ପଦକ ଜିତିଥିଲେ।

ନାଗୋୟାରେ ସଫଳତା କେବଳ ପଦକ ପର୍ଯ୍ୟନ୍ତ ସୀମିତ ନଥିଲା; ବରଂ ଖେଳାଳିମାନଙ୍କ ବ୍ୟକ୍ତିଗତ ସଂଘର୍ଷକୁ ମଧ୍ୟ ପ୍ରତିଫଳିତ କରିଥିଲା। ଇନଫ୍ଲୁଏଞ୍ଜା ବିକୁ ପରାସ୍ତ କରିଥିବା ଗ୍ରାପ୍ ସୁଟର ନୀରୁ ଧଣ୍ଡା ବ୍ୟକ୍ତିଗତ ସ୍ୱର୍ଣ୍ଣ ସମେତ ତିନୋଟି ପଦକ ଜିତିଥିଲେ। ଡେଙ୍ଗୁ ପୀଡିତ ଲମ୍ବା ଜମ୍ପର ଅନସୀ ସୋଜନ ୬.୫୩ ମିଟର ଡେଇଁ ରୌପ୍ୟ ପଦକ ଜିତିଥିଲେ। ୩୬ ବର୍ଷୀୟା ସୁଚିକା ତାରିଆଲ ମିଶ୍ରିତ ମାର୍ଶାଲ ଆର୍ଟରେ କାଂସ୍ୟ ପଦକ ଜିତିଥିଲେ। ଏହା ପ୍ରମାଣିତ କରୁଛି ଯେ ମହିଳା କ୍ରୀଡାରେ ନିରନ୍ତର ନିବେଶ ଦେଶକୁ ଗୌରବ ଆଣୁଛି।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , Email : odishamahabharata@gmail.com, orissamahabharat@rediffmail.com
Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର